

**ମାତ୍ର ୧୩ ବର୍ଷ ବୟସରେ ଅଷ୍ଟ୍ରେଲିଆ ବିରୋଧରେ ଶତକ ମାରିଲେ ସୂର୍ଯ୍ୟବଂଶୀ** ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 194 | ଭାଗ ୩୨ | ସଂଖ୍ୟା ୧୯୪ | Bhubaneswar | Thursday 03 October 2024 | Page 8 Rs. 4.00 | ଭୁବନେଶ୍ୱର | ଗୁରୁବାର ୩ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





### କଅଁଳ ହାତ ବଞ୍ଚାଉଛି ଦେଶୀ ବିହନ

# ସିଡ୍ କୁଇନ୍ ହର୍ଷିତା

ଭୁବନେଶ୍ୱର, ୨।୧୦ (ସଂଚାର ବ୍ୟୁରୋ): କୃଷି ବୈଜ୍ଞାନିକ ନୁହଁନ୍ତି, ହେଲେ କୃଷି ପ୍ରତି ତାଙ୍କର ଅବଦାନ ଅନନ୍ୟ। କଅଁଳ ହାତରେ ସାଉଁଟି ଚାଲିଛନ୍ତି ଭଳିକି ଭଳି ଦେଶୀ ଧାନ ବିହନ। ଆଉ ତାକୁ ଆମର ଭବିଷ୍ୟତ ପୀଢ଼ି ପାଇଁ ସଂରକ୍ଷଣ କରୁଛନ୍ତି।

ଇଏ ହେଲେ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି । ଅଷ୍ଟମ ଶ୍ରେଣୀରେ ପଢୁଥିବା ଛୋଟ ଝିଅଟିଏ । ଯେତେବେଳେ ହର୍ଷିତା ଦେଶୀ ବିହନ ସଂରକ୍ଷଣ କରିବା ଆରମ୍ଭ କଲେ, ସେତେବେଳେ ସେ ନିଜେ ଜାଣି ନଥିଲେ ଯେ ସେ ଦିନେ 'ସିଡ୍ ଗାର୍ଲ' ଭାବେ ପରିଚିତ ହେବେ। କୋରାପୁଟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଏକ ବିହନ ବ୍ୟାଙ୍କ ନିର୍ମାଣ କରିଛନ୍ତି ଯେଉଁଥିରେ ୧୮୦ରୁ ଅଧିକ ପ୍ରକାରର ଦେଶୀ ଧାନ ଏବଂ ୮୦ରୁ ଅଧିକ ପ୍ରକାରର ବାଜରା ରହିଛି । ପଦ୍ମଶ୍ରୀ କମଳା ପୂଜାରୀଙ୍କ ପ୍ରେରଣାରେ ହର୍ଷିତା ୨୦୨୩ମସିହାରେ ଦେଶୀ ବିହନ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିଥିଲେ। "କମଳା ଜୀ ମୋତେ ଚାରି ପ୍ରକାରର ଧାନ ବିହନ ଦେଇଥିଲେ - କୋରାପୁଟ କଳାଜିରା (ଯାହାକୁ ଅଗଷ୍ଟ ୨୦୨୩ରେ ଜିଆଇ ଟ୍ୟାଗ୍ କରାଯାଇଥିଲା), ମାଛକଣ୍ଟା, ଉମୁରିଆଚୁଡ଼ି ଏବଂ ଆସାମଚୁଡ଼ି। ସେ କହିଥିଲେ ଯେ ପିଲାମାନେ ଭବିଷ୍ୟତ ପିଢ଼ି ପାଇଁ ଲୋପ ପାଉଥିବା ଆଦିବାସୀ ବିହନକୁ ସଂରକ୍ଷଣ କରିବା ଉଚିତ," କହିଛନ୍ତି ସୁନାଝିଅ ହର୍ଷିତା। ଦେଶୀ ବିହନର ଅନନ୍ୟ ଗୁଣକୁ ସ୍ୱୀକାର କରି - ସ୍ଥାନୀୟ ପରିସ୍ଥିତି, ଜଳବାୟୁ ସହନଶୀଳତା ଏବଂ ପୁଷ୍ଟିକର ମୂଲ୍ୟ ସହିତ ସେମାନଙ୍କର ଅନୁକୂଳତା - ସେ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ସାହୀ ଅଟନ୍ତି । ହର୍ଷିତା ଆହୁରି ମଧ୍ୟ କହିଛନ୍ତି, ଦେଶୀ ବିହନ ସଂରକ୍ଷଣ କଲେ ଚାଷୀଙ୍କୁ ପ୍ରତି ଋତୁରେ ବିହନ କିଣିବା ପାଇଁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ସେ ସକ୍ରିୟ ଭାବରେ କୋରାପୁଟର କୃଷକଙ୍କ କ୍ଷେତ ଏବଂ ସ୍ଥାନୀୟ ବଜାରରୁ ଦେଶୀ ବିହନ ସଂଗ୍ରହ କରନ୍ତି ଏବଂ ପୋକରୁ ରକ୍ଷା କରିବା ପାଇଁ ନିମ୍ବରୁ ପ୍ରସ୍ତୁତ ବଟିକା ବ୍ୟବହାର କରି ପ୍ଲାଷ୍ଟିକ ପାତ୍ର ଏବଂ ମାଟି ପାତ୍ରରେ ବିହନକୁ ସତର୍କତାର ସହ ସଂରକ୍ଷଣ କରନ୍ତି। ତାଙ୍କ ବିହନ ବ୍ୟାଙ୍କରେ କଳାବତୀ (କଳା ଚାଉଳ), ତୁଳସୀ ଭୋଗ (ହାଇ ଫାଇବର ଯୁକ୍ତ ଚାଉଳ) ଏବଂ ରୋଗୁସାଇ ଭଳି ବିଭିନ୍ନ ପ୍ରକାରର ଚାଉଳ ସହିତ ବିଭିନ୍ନ ପ୍ରକାରର ଚାଉଳ ଅନ୍ତର୍ଭୁକ୍ତ ।

ସେ ପ୍ରତ୍ୟେକ ବିହନ ପ୍ରଜାତିର ୧୦୦ ଗ୍ରାମରୁ ୨୫୦ ଗ୍ରାମ ପର୍ଯ୍ୟନ୍ତ ରଖନ୍ତି । ଯଦି ଏହା ବାହାରେ ବିହନ ଥାଏ, ତେବେ ସେ ବଳକା ବିହନକୁ ମାଗଣାରେ ଚାଷୀଙ୍କ ମଧ୍ୟରେ ବଣ୍ଟନ କରନ୍ତି । କୃଷି ବିଜ୍ଞାନୀ ହେବାକୁ ଲକ୍ଷ୍ୟ ରଖିଥିବା ହର୍ଷିତା କହନ୍ତି, "ଚଳିତ ବର୍ଷ ମୁଁ ଏପର୍ଯ୍ୟନ୍ତ ୫୦ ଜଣ ଚାଷୀଙ୍କୁ ବିହନ ବଣ୍ଟନ କରିଛି। ବୈପାରିଗୁଡ଼ା ବ୍ଲକ ଅଧୀନ ୫ଟି ଗାଁରେ ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ହର୍ଷିତା ନିଜର ବିହନ ସଞ୍ଚୟ ପ୍ରୟାସ ବ୍ୟତୀତ ଯୁବପିଢ଼ିଙ୍କୁ ନେଇ ଏକ ଗୋଷ୍ଠୀ ଗଠନ କରିଛନ୍ତି ।

### ନିବେଶକଙ୍କ ସହ ୱାନ ଟୁ ୱାନ

# ଡବଲ ଇଞ୍ଜିନର ଲକ୍ଷ୍ୟ ଡବଲ ଧମାକା

ଭୁବନେଶ୍ୱର, ୨।୧୦ (ସଂଚାର ବ୍ୟୁରୋ): ଉତ୍କର୍ଷ ଓଡ଼ିଶା - ମେକଇନ ଓଡ଼ିଶା ୨୦୨୫ ପାଇଁ ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଡବଲ ଇଂଜିନ ସରକାରରେ ଓଡ଼ିଶାକୁ ଅଧିକ ପୁଂଜି ଆଣିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ବିଭିନ୍ନ ରାଷ୍ଟ୍ରର ନିବେଶକାରୀଙ୍କ ସହ ୱାନଟୁ ୱାନ ଆଲୋଚନା କରିବେ। ଦିଲ୍ଲୀ ଗସ୍ତ ପୂର୍ବରୁ ଭୁବନେଶ୍ୱର ବିମାନବନ୍ଦରରେ ସାମ୍ବାଦିକଙ୍କୁ ସୂଚନା ଦେଇ ସେ କହିଛନ୍ତି ଯେ, ଓଡ଼ିଶାରେ ଅଧିକ ପୁଂଜି ନିବେଶ ପାଇଁ ତାଙ୍କ ଉଦ୍ୟମ ଜାରି ରହିବ।



ସେ କହିଛନ୍ତି ଯେ, ଓଡ଼ିଶାକୁ ବଡ଼ ସଂଖ୍ୟାରେ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ମୋର ଉଦ୍ୟମ ରହିବ । ଦୁଇ ଦିନିଆ ଗସ୍ତରେ ବିଭିନ୍ନ ପୁଞ୍ଜିନିବେଶକାରୀଙ୍କ ସହ ଆଲୋଚନା ହେବ । ଏହା ସହ ଏକ ପୁଞ୍ଜିନିବେଶକାରୀଙ୍କ ସମ୍ମିଳନୀରେ ଯୋଗଦେଇ ଓଡ଼ିଶା ଆସିବା ପାଇଁ ନିବେଦନ କରାଯିବ। ଆସନ୍ତା ବର୍ଷ ଜାନୁଆରୀ ୨୮ ଓ ୨୯ରେ ଉତ୍କର୍ଷ ଓଡ଼ିଶା : ମେକ୍ ଇନ୍ ଓଡ଼ିଶା ୨୦୨୫ କନକ୍ଲେଭ୍ ପାଇଁ ଦିନଧାର୍ଯ୍ୟ କରାଯାଇଛି।

ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି, କେମିକାଲ, ପେଟ୍ରୋ କେମିକାଲ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରାଥମିକତାର ସହ ବିଭିନ୍ନ ପୁଞ୍ଜିନିବେଶକାରୀଙ୍କ ସହ ଆଲୋଚନା କରାଯିବ। ଓଡ଼ିଶାରେ ପୁଞ୍ଜି ଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ପାଇଁ ଥିବା ସକାରାତ୍ମକ ଦିଗ ସମ୍ପର୍କରେ ଅବଗତ କରାଯିବ। ଆଗାମୀ ୫ ବର୍ଷରେ ଆଢେଇ ଲକ୍ଷ କୋଟି ପୁଞ୍ଜି ଆକର୍ଷିତ କରିବା ପୃଷ୍ଠା-୬

# ମେମ୍ବରସିପ୍ ଡ୍ରାଇଭ୍ ପାଇଁ ନାହାନ୍ତି ଡ୍ରାଇଭର

- ସଦସ୍ୟ ସଂଗ୍ରହ କରିବାକୁ ଅନେକ ବିଜେଡି ନେତା ଅନିଚ୍ଛୁକ
- ଲୁହ ଲହୁ ଦେଇ ସଦସ୍ୟ ବଢ଼ାଇଥିବା ନେତା ଏବେ ଅଲୋଡ଼ା



ଭୁବନେଶ୍ୱର, ୨।୧୦ (ସଂଚାର ବ୍ୟୁରୋ): ବିଜେଡି ଆରମ୍ଭ କରିଥିବା ତାହାର ମେମ୍ବରସିପ୍ ଡ୍ରାଇଭ ପାଇଁ ଡ୍ରାଇଭର ବା ସଦସ୍ୟ ସଂଗ୍ରହକାରୀ ମିଳୁନାହାନ୍ତି। ଅତୀତରେ ଯେଉଁମାନେ ଏହି ଯୋଜନାର ଡ୍ରାଇଭର ସାଜି ସଦସ୍ୟ ସଂଖ୍ୟାକୁ ବହୁଗୁଣିତ କରିଥିଲେ ସେମାନେ ଆଜି ଦଳରେ ଏକ ପ୍ରକାର ଅଲୋଡ଼ା ଓ କୋଣଠେସା । ଏହି ଅଲୋଡ଼ା ନେତାଙ୍କ ଅବସ୍ଥା ଦେଖିବା ପରେ ମେମ୍ବରସିପ୍ ଡ୍ରାଇଭ୍ ପାଇଁ ଡ୍ରାଇଭର ହେବାକୁ ଅନେକ ଅମଙ୍ଗ। ସେମାନେ ଆଶଙ୍କା କରୁଛନ୍ତି ଯେ ୨୦୨୪ରେ ଯେଭଳି ବହୁ ନେତା ବାହାରୁ ଆସି ସେମାନଙ୍କ ପରିଶ୍ରମର ଫଳକୁ ଖାଇଗଲେ ଆଗାମୀ ଦିନରେ ବି ସେଭଳି ହେବ । ବିଜେଡିର ମାମଲତକାରମାନେ ଅସଲ ବିଜେଡି ନେତାଙ୍କୁ ଅଣଦେଖା କରିବେ । ସବୁଥର ଭଳି ଚଳିତବର୍ଷ ଗାନ୍ଧୀଜୟନ୍ତୀରୁ ବିଜେଡି ତାହାର ମେମ୍ବରସିପ୍ ଡ୍ରାଇଭ୍ ବା ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି। ଦଳ ସଭାପତି ଅଧିକରୁ ଅଧିକ ସଦସ୍ୟ ସଂଗ୍ରହ ପାଇଁ ଆହ୍ୱାନ ଦେଇଛନ୍ତି । ବିଜେପିକୁ ଏହି କାର୍ଯ୍ୟରେ ଟକ୍କର ଦେବାକୁ କୁହାଯାଇଛି । ହେଲେ ଦଳର ଯେଉଁମାନେ ଏହି ଯୋଜନାରେ ଅଭିଜ୍ଞ ସେମାନେ ଆଉ ସଦସ୍ୟ ସଂଗ୍ରହ ପାଇଁ ରାଜି ହେଉନାହାନ୍ତି । କାରଣ ୨୦୨୪ର ଟିକଟ ବଣ୍ଟନ ସେମାନଙ୍କ ମନକୁ ପାଣିଚିଆ ଦେଇଛି।

ଗତ ନିର୍ବାଚନ ସମୟରେ ଏଭଳି କେତେକ ନେତା ଅଛନ୍ତି ଯେଉଁମାନେ ବିଜେଡି ମେମ୍ବରସିପ୍ ଡ୍ରାଇଭ୍‌ର ଧାରା ଧାରିନଥିଲେ ସେମାନେ ରାତାରାତି ଆସି ଟିକଟ ନେଇଥିଲେ। ଯେଉଁମାନେ ଏହି ଡ୍ରାଇଭ୍‌ର ଡ୍ରାଇଭର ସାଜିଥିଲେ ସେମାନେ କୋଣଠେସା ହୋଇଗଲେ। ବାହାରୁ ଆସି ବିଜେଡି ଟିକଟ ଝାମ୍ପିନେବା ନେତାଙ୍କ ମଧ୍ୟରେ ରହିଛନ୍ତି ଭୁବନେଶ୍ୱରର ବିଜେଡି ସାଂସଦ ପ୍ରାର୍ଥୀ ପୃଷ୍ଠା-୬

# କ୍ରିମିନାଲ ପାଇଁ ଛାତି ଦେଖାଉଥିଲେ ଡ଼ିଏସ୍‌ପି !



ଭୁବନେଶ୍ୱର, ୨।୧୦ (ସଂଚାର ବ୍ୟୁରୋ): ବାଡ ଯଦି ଫସଲ ଖାଇବ ତେବେ ଦୋଷ ଦେବା କାହାକୁ? ଆଇନ ଶୃଙ୍ଖଳା ରକ୍ଷା କରିବା ଦାୟିତ୍ୱରେ ଥିବା ଦାୟିତ୍ୱବାନ ଅଫିସରଙ୍କ ଯଦି ବିଶୃଙ୍ଖଳିତ ଆଚରଣ ଦେଖାଇବେ ତେବେ ପରିସ୍ଥିତି ଭୟାବହ ହେବ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକରେ । ଜଣେ ପୋଲିସ ବାବୁଙ୍କ ଛାତ୍ରଛାୟାରେ ରହି ଅପରାଧୀ ସାଜିଛି ସାମ୍ପ୍ରଦାୟିକ ସଦଭାୱନାରେ ବାଧକ । ସାମାଜିକ ଗଣମାଧ୍ୟମରେ ବିବାଦୀୟ ମନ୍ତବ୍ୟ ପରେ ଭଦ୍ରକରେ ଘଟିଥିବା ତୁମୁଳକାଣ୍ଡ ଧୀରେ ଧୀରେ ଶାନ୍ତ ହେଉଛି। ଗତକାଲି ଡିଜିପି ୱାଇ. ବି.ଖୁରାନିଆ ପୁରୁଣା ବଜାର ଓ ଧାମନଗର ଥାନାରେ ସମୀକ୍ଷା ବେଳେ ୮ ମାମଲା ରୁଜୁ ନେଇ କହିଥିବା ବେଳେ ୩୩ ଜଣ ଗିରଫ ହୋଇଥିବା ସୂଚନା ଦେଇଛନ୍ତି।

> **ଫିର୍ଦ୍ଦୋଷର ଭାଇ ବନିଥିଲେ !**
>
> **ଏବେ କେମିତି ପିନ୍ଧାଇବେ ହାତକଡ଼ି ?**

କିନ୍ତୁ ବଡ଼ କଥା ହେଉଛି ଏଯାବତ ମୁଖ୍ୟ ଖଳନାୟକ ଫିର୍ଦ୍ଦୋଷ ଖାଁ ଗିରଫ ହୋଇନାହିଁ। ଫିର୍ଦ୍ଦୋଷଙ୍କ ସହ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସମ୍ପର୍କ ନେଇ ଆମେ କରିଥିଲୁ ପର୍ଦ୍ଦାଫାସ। ଯାହାକୁ ନେଇ ପରେ ରାଜ୍ୟ ବିଜେପି ମଧ୍ୟ ସମାନ ଅଭିଯୋଗ ଆଣିଥିଲା। ଏବେ ସିଟି ଡ଼ିଏସପି ଥିବା ଅଂଶୁମାନ ଦିବେଦୀଙ୍କ ସହ ଫିର୍ଦ୍ଦୋଷର ସଂପର୍କକୁ ନେଇ ଉଠିଛି ଅନେକ ପ୍ରଶ୍ନ। ଅଂଶୁମାନଙ୍କ ପାଇଁ କୁଆଡେ ଫିର୍ଦ୍ଦୋଷ ଆଜିଯାଏଁ ଫେରାର ଥିବା ଡିଜିପି ଙ୍କୁ ଅଭିଯୋଗ ଜଣାଇଛି ଗୁଇନ୍ଦା ବିଭାଗ। "ସଂଚାର" ହାତରେ ଦୁହିଁଙ୍କ ଘନିଷ୍ଠତା ର କିଛି ଫଟୋ ଲାଗିଛି । ମିଳିଥିବା ସୂଚନା ମୁତାବକ ଟିକେ ରୋମାଣ୍ଟିକ ମିଜାଜ ର ଅଂଶୁମାନ କୁଆଡେ ସବୁବେଳେ ଗୀତ ଗାଇବାକୁ ପସନ୍ଦ କରନ୍ତି। ଫିର୍ଦ୍ଦୋଷ କରୁଥିବା ପ୍ରୋଗ୍ରାମରେ ନିଜ ଅତିଥି ହୋଇ ଯିବା ସହ ଲୋକଙ୍କ ମନୋରଞ୍ଜନ କରନ୍ତି । ବେକରେ ଉତ୍ତରୀୟ ପକାଇବା ସହ ନେତାଙ୍କ ଭଳି ଭାଷଣ ବାଜି ବି ମାରନ୍ତି । ବାଟି ଖେଳଠାରୁ କ୍ରିକେଟ ପର୍ଯ୍ୟନ୍ତ ସବୁଥିରେ ବାବୁ ସାଜୁଥିଲେ ଚିଫ ଗେଷ୍ଟ। ଫିର୍ଦ୍ଦୋଷ ନାଁ ଥାନାକୁ ଆସୁଥିଲେ କୁଆଡେ ଛାତି ଦେଖାଉଥିଲେ ନିଜେ ସିଟି ଡ଼ିଏସପି ।

ଏବେ କଣ' କରିବେ ଏ ବାବୁ ଜଣଙ୍କ। କାରଣ ଡିଜିପି ୱାଇ.ବି.ଖୁରାନିଆ ଙ୍କ ଗସ୍ତ ପୂର୍ବରୁ ଅପରାଧୀ ଓ ପୋଲିସ ଲିଙ୍କ ର ପର୍ଦ୍ଦାଫାସ କରିଛି ଗୁଇନ୍ଦା । ଏପରିକି ଫିର୍ଦ୍ଦୋଷ ଜରିଆରେ ପୋଲିସ ବାବୁ କିଛି ଅନୁକମ୍ପା ପାଉଥିବା କଥା ମଧ୍ୟ ଜାଣିବାକୁ ପାଇଛନ୍ତି ଡିଜିପି । ଯାହା ଶୁଣିବାକୁ ମିଳୁଛି ଏଭଳି ଖବର ପାଇବା ପରେ ଖପ୍ପା ହୋଇଯାଇଛନ୍ତି ଖୁରାନିଆ । କାରଣ ଗୋଟିଏ ଯାଗାରେ ଗାଦି ମାଡି ପୃଷ୍ଠା-୬





# ଜାତିସଂଘ ମହାସଚିବଙ୍କୁ ଇସ୍ରାଏଲ ବ୍ୟାନ

## ମଧ୍ୟପ୍ରାଚ୍ୟକୁ ଅସ୍ଥିର କରିଛି ଇରାନ: କମଳା



ତେଲଆଭିଭ୍, ୨।୧୦ (ଏଜେନ୍ସି) : ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କୁ ବ୍ୟାନ୍ କରିଛି ଇସ୍ରାଏଲ୍। ଇସ୍ରାଏଲ ମାଟିକୁ ଗୁଟେରସଙ୍କ ପ୍ରବେଶ ଉପରେ ନିଷେଧ ଘୋଷଣା କରିଛି। ଇସ୍ରାଏଲ ଉପରେ ଇରାନର ଆକ୍ରମଣକୁ ନିନ୍ଦା କରିନଥିବାରୁ ଏହି ବ୍ୟାନ୍ ଘୋଷଣା କରାଯାଇଛି। ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ଇସ୍ରାଏଲ କ୍ୟାଟ୍‌ଜ ବୁଧବାର ତାଙ୍କ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଇସ୍ରାଏଲ ପରେ ଇରାନର ଘୃଣ୍ୟ ଆକ୍ରମଣକୁ ପୃଥିବୀର ପ୍ରାୟ ସମସ୍ତ ଦେଶ ନିନ୍ଦା କରିଛନ୍ତି। କିନ୍ତୁ ଯିଏ ଏହି ଆକ୍ରମଣକୁ ସ୍ପଷ୍ଟ ଭାବେ ନିନ୍ଦା କରିପାରିବେ ନାହିଁ, ତାଙ୍କର ଇସ୍ରାଏଲର ମାଟିରେ ପାଦ ପକାଇବାର ଅଧିକାର ନାହିଁ।

ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ଆହୁରି କହିଛନ୍ତି, ଇଏ (ଆଣ୍ଟୋନିଓ ଗୁଟେରସ) ହେଉଛନ୍ତି ଜଣେ ମହାସଚିବ, ଯିଏ ଅକ୍ଟୋବର ୭ ତାରିଖରେ ହମାସର ହତ୍ୟାକାରୀଙ୍କ ଦ୍ୱାରା ଘଟାଯାଇଥିବା ଗଣହତ୍ୟା ଓ ଯୌନ ନିର୍ଯାତନାକୁ ଏ ପର୍ଯ୍ୟନ୍ତ ନିନ୍ଦା କରି ନାହାନ୍ତି କି ସେମାନଙ୍କୁ (ହମାସକୁ) ଆତଙ୍କବାଦୀ ସଂଗଠନ ଘୋଷଣା କରିବାକୁ ଉଦ୍ୟମ କରି ନାହାନ୍ତି। ଯେଉଁ ମହାସଚିବ ହମାସ, ହେଜବୁଲ୍ଲା ଓ ହାଉତିର ଆତଙ୍କବାଦୀ, ଦୁଷ୍କର୍ମକାରୀ ଓ ହତ୍ୟାକାରୀ ଏବଂ ବିଶ୍ୱ ଆତଙ୍କର ମା' ଇରାନକୁ ସମର୍ଥନ କରନ୍ତି, ସେ ଜାତିସଂଘ ଇତିହାସରେ ଏକ କଳଙ୍କ ଭାବେ ମନେ ରହିବେ। ଆଣ୍ଟୋନିଓ ଗୁଟେରସଙ୍କ ସହଯୋଗ କରନ୍ତୁ ବା ନ କରନ୍ତୁ ଇସ୍ରାଏଲ ତା'ର ନାଗରିକଙ୍କୁ ସୁରକ୍ଷା ଯୋଗାଇ ଦେବ ଓ ଏହାର ଜାତୀୟ ସମ୍ମାନକୁ ଅକ୍ଷୁଣ୍ଣ ରଖିବ ବୋଲି କହିଛନ୍ତି ଇସ୍ରାଏଲ କ୍ୟାଟ୍‌ଜ।

ଇରାନ ୪୦୦ରୁ ଅଧିକ ମିସାଇଲ ମାଡ଼ କରି ଜାତିସଂଘ ବାର ଦିନକ ପୃଷ୍ଠା-୬

# ଓଡ଼ିଶା ଥିଲା 'ପ୍ରେମର ଭୂମି'

ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ ଜିଲ୍ଲା ତେଲେଙ୍ଗାପେଣ୍ଠରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନରେ ଯୋଗଦେଇ କହିଛନ୍ତି ଯେ ଗାନ୍ଧୀଜୀଙ୍କ ପାଖରେ ମନୁଷ୍ୟତ୍ୱ ଓ ଦିବ୍ୟତ୍ୱ ଏକାକାର ହୋଇଯାଇଥିଲା। ଗାନ୍ଧିଜୀ ହେଉଛନ୍ତି ସମଗ୍ର ମାନବ ଜାତିର ସଂପଦ । ସମଗ୍ର ବିଶ୍ୱର ଆଦର୍ଶ । ତାଙ୍କ ଜୀବନ ଥିଲା ସତ୍ୟ ସହ ନିରନ୍ତର ପରୀକ୍ଷା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗାନ୍ଧିଜୀ ତେଲେଙ୍ଗାପେଣ୍ଠକୁ ଆସି ଏଠାରେ ସମସ୍ତଙ୍କୁ ସ୍ୱାଧିନତା ସଂଗ୍ରାମ ପାଇଁ ଅନୁପ୍ରାଣିତ କରିଥିଲେ। ଗାନ୍ଧିଜୀଙ୍କ ପାଦ ପଡିଥିବା ଏହି ତେଲେଙ୍ଗାପେଣ୍ଠର ମାଟି ଅତି ପବିତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରିବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, "ଆସନ୍ତୁ, ଆଜି ଏହି ତେଲେଙ୍ଗାପେଣ୍ଠର ପବିତ୍ର ମାଟିରେ ବାପୁଙ୍କୁ ପୁଣି ଥରେ ସମ୍ମାନ ଜଣାଇ ତାଙ୍କ ଆଦର୍ଶରେ ଚାଲିବା ଏବଂ ଦେଶ ପାଇଁ ତାଙ୍କର ଯେଉଁ ସ୍ୱପ୍ନ ଥିଲା ତାକୁ ପୂରଣ କରିବା ଦିଗରେ କାମ କରିଚାଲିବା।" ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ଅତ୍ୟଧିକ ଭଲ ପାଉଥିବା କାରଣରୁ ଗାନ୍ଧୀଜୀ ଏକାଧିକ ଥର ଓଡ଼ିଶାକୁ ଆସିଥିଲେ। ଓଡ଼ିଶାକୁ ସେ କେବଳ ଭଲ ପାଉନଥିଲେ, ଓଡ଼ିଶା ତାଙ୍କର ହୃଦୟ ଓ ମନକୁ ଆଲୋଡିତ କରିଥିଲା। ଗାନ୍ଧିଜୀଙ୍କର ପୃଷ୍ଠା-୬

# ମହାଳୟାରେ ମୌନ ତ୍ୟାଗିଲେ ଶ୍ରୀମୟୀ

- ଦଳର ଭିତିରି କଥା ବାହାରେ କହିବା ପାପ
- ମହିଳାଂକୁ ଯିଏ ଅସମ୍ମାନ କରିଛି ସେ ମାଟିରେ ମିଶିଛି
- ଶ୍ରୀମୟୀଙ୍କ ତେରେଛା ବାଣରେ ମନ୍ମଥ ଘାଇଲା

ଭୁବନେଶ୍ୱର, ୨।୧୦ (ସଂଚାର ବ୍ୟୁରୋ):ଶଙ୍ଖ ଭବନରେ କଥା କଟାକଟି ପରେ ଆଜି ବିଜେଡିର ବରିଷ୍ଠ ନେତ୍ରୀ ଶ୍ରୀମୟୀ ମିଶ୍ର ଗଣମାଧ୍ୟମରେ ମୁହଁ ଖୋଲିବା ସହିତ ତାଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବିଜେଡି ନେତାମାନଙ୍କୁ ଶୃଙ୍ଖଳାର ପାଠ ପଢ଼ାଇଛନ୍ତି । ସିଧା ସିଧା କହିଛନ୍ତି ଯିଏ ମହିଳାମାନଙ୍କୁ ଅସମ୍ମାନ କରିବ ସିଏ ତାହାର ଫଳ ପାଇବ । ପୁରାଣ ଠାରୁ ଆରମ୍ଭ କରି ଇତିହାସ ପର୍ଯ୍ୟନ୍ତ ସବୁଆଡେ ଏହାର ମାଳ ମାଳ ଉଦାହରଣ ରହିଛି ।

ଶ୍ରୀମୟୀଙ୍କ ଏଭଳି ତେରେଛା ବାଣରେ କିନ୍ତୁ ଘାଇଲା ହୋଇଛନ୍ତି ବିଜେଡିର ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ । ଗତକାଲି ଖୋରଧା ଜିଲ୍ଲା ସମୀକ୍ଷା ସମୟରେ ମନ୍ମଥ ଶ୍ରୀମୟୀଙ୍କ ଆଡକୁ ଆକ୍ଷେପ କରି କେତେକ ମନ୍ତବ୍ୟ ଦେଇଥିଲେ । ଏପରିକି ତାଙ୍କ ହାରିବାପାଇଁ ଶ୍ରୀମୟୀଙ୍କୁ ପରୋକ୍ଷରେ ଦାୟୀ କରିଥିଲେ । ବେଗୁନିଆ ବିଧାୟକ ପ୍ରଦୀପ ସାହୁ ମଧ୍ୟ ନିଆଁରେ ଘିଅ ଢାଳିବା ଭଳି କିଛି କହିଥିଲେ । ହେଲେ ଏହା କେବଳ ଶଙ୍ଖ ଭବନ ଭିତରେ ସୀମିତ ଥିଲା । କିନ୍ତୁ ଆଜି ଶ୍ରୀମୟୀ ବାହାରକୁ ଆସି ସାହସର ସହିତ ଗଣମାଧ୍ୟମକୁ ସାମ୍ନା କରିଛନ୍ତି। କହିଛନ୍ତି ପ୍ରଦୀପ ମୋ ଭାଇ ଭଳି। ତାଙ୍କ ସହିତ ମୋର କୌଣସି ମନମାଳିନ୍ୟ ନାହିଁ। ତାଙ୍କ ପାଇଁ ମୁଁ ବୁଲି ବୁଲି ପ୍ରଚାର କରିଛି। ମୁଁ ନବୀନଙ୍କ ସହିତ ରହିଛି ଓ ରହିବି। ନିର୍ବାଚନୀ ରାଜନୀତି ହେଉଛି ଯୋଗାଯୋଗର କଥା । ମୋର ବୟସ ମାତ୍ର ୪୬ ବର୍ଷ। ମୋ ପାଇଁ ଢେର ସମୟ ରହିଛି । ତେବେ ସାମ୍ବାଦିକମାନେ ତାଙ୍କୁ ଯେତେ ପ୍ରକାର ବୁଲେଇ ବଙ୍କେଇ ଦଳୀୟ ପ୍ରଶ୍ନ କରିଥିଲେ ମଧ୍ୟ ଶ୍ରୀମୟୀ ଚତୁରତାର ସହିତ ତାହାକୁ ଏଡାଇଯାଇଥିଲେ। କହିଥିଲେ ଘର କଥା କିଏ କ'ଣ ବାହାରେ ପୃଷ୍ଠା-୬



## ସ୍ୱାଭାବିକ ହେଲା ଭଦ୍ରକ

ଭଦ୍ରକ, ୨।୧୦ (ସଂଚାର ବ୍ୟୁରୋ): ଆପତ୍ତିଜନକ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସା କାଣ୍ଡ ଘଟିବା ପରେ ଭଦ୍ରକ ଜିଲ୍ଲାରେ ୪ ଦିନ ଧରି ଇଣ୍ଟରନେଟ୍ ସେବା ବନ୍ଦ ରହିବା ପରେ ରାଜ୍ୟ ସରକାର ଆଜି ଠାରୁ ଇଣ୍ଟରନେଟ୍ ସେବା ଆରମ୍ଭ କରିଛନ୍ତି।

ସେପ୍ଟେମ୍ବର ୩୦ ତାରିଖ ରାତି ୨ଟାରେ ଶେଷ ହେବାକୁ ଥିବା ଇଣ୍ଟରନେଟ୍ ସେବାକୁ ପ୍ରଥମେ ଗୃହ ବିଭାଗ ୪୮ ଘଣ୍ଟା ପାଇଁ ବନ୍ଦ କରିଥିଲା। ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ରବିବାର ଏହାକୁ ଆଉ ଦୁଇ ଦିନ ବୃଦ୍ଧି କରାଯାଇଥିଲା।

ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୁରୁଣାବଜାର ଥାନା ଅଧୀନ ଅଞ୍ଚଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ଧାରା ୧୬୩ ଅନୁଯାୟୀ ସ୍ଥାନୀୟ ପ୍ରଶାସନ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଷେଧାଦେଶ ଜାରି କରିଛି। ଏବେ ଏହାକୁ ଆଂଶିକ କୋହଳ କରାଯିବା ସହ ଜିଲ୍ଲାର ଦୁଇଟି ହିଂସା ପ୍ରଭାବିତ ସହରରେ ଦିନ ସମୟରେ ଦୋକାନ ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ଖୋଲିବା ଆରମ୍ଭ ହୋଇଛି। ଭଦ୍ରକରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟଣାରେ ଏପର୍ଯ୍ୟନ୍ତ ୩୩ ଜଣଙ୍କୁ ଗିରଫ କରାଯାଇଛି।

ସୁରକ୍ଷା କୁ ସୁଦୃଢ଼ କରିବା ପାଇଁ ଗୃହ ମନ୍ତ୍ରଣାଳୟରୁ ପୃଷ୍ଠା-୬

### ଗୁପ୍ତ ବୈଠକରେ ଅସନ୍ତୁଷ୍ଟ ଏକାଠି

# ପାଣ୍ଡିଆନଙ୍କୁ ତଡ଼ିବାକୁ ମେଳି !



ଭୁବନେଶ୍ୱର, ୨।୧୦ (ସଂଚାର ବ୍ୟୁରୋ): ବିଜେଡିର ଅସନ୍ତୁଷ୍ଟ ବିଧାୟକମାନେ ଧିରେ ଧିରେ ମେଳି ହେବାରେ ଲାଗିଛନ୍ତି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପାଖାପାଖି ୨୫ଜଣ ବିଧାୟକ ଦୁଇଦିନ ତଳେ ସ୍ଥାନୀୟ ଛଅ ନମ୍ବର ଅଞ୍ଚଳରେ ଜଣେ ବିଧାୟକଙ୍କ ଘରେ ଅତ୍ୟନ୍ତ ଗୁପ୍ତ ଭାବେ ଏକାଠି ହୋଇ ଆଲୋଚନା କରିଛନ୍ତି । ଏହି ସୂଚନା ଅନୁଯାୟୀ ବିଜେଡି ସଭାପତିଙ୍କ ଉପରେ ଚାପ ସୃଷ୍ଟି ପାଇଁ ଏହି ମେଳି ହୋଇଥିଲା । ବିଶେଷକରି ରାଜନୀତିରୁ ସନ୍ୟାସ ନେଇଥିବା ପାଣ୍ଡିଆନ ଯେଭଳି ଧିରେ ଧିରେ ଦଳରେ ପୁଣିଥରେ ପ୍ରବେଶ କରୁଛନ୍ତି ତାହା ବିରୁଦ୍ଧରେ ଏମାନେ ଏକାଠି ହୋଇଥିଲେ। ଯଦି ତୁରନ୍ତ ଦଳପତି ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ସେମାନେ ଚରମ ପଦକ୍ଷେପ ନେବେ ବୋଲି ଜଣାଯାଇଛି । ଏମାନଙ୍କ ସହିତ ଆଉ କିଛି ବିଧାୟକ ଥିଲେ ମଧ୍ୟ କୌଣସି କାରଣରୁ ସେମାନେ ଆସିନଥିଲେ। ତେବେ ତିନି ଜଣ ବିଧାୟକ ଗୋଟିଏ ଗାଡ଼ିରେ ଆସୁଥିବାବେଳେ ଛଅ ନମ୍ବର ଡାକ୍ତରଖାନା ନିକଟରୁ ଫେରି ଯାଇଥିଲେ। ତେବେ ଏମାନେ ଗୁପ୍ତ ମେଳିର ସଦସ୍ୟ ବୋଲି ଜଣାଯାଇଛି। ଆଉ ଦୁଇଜଣ ବିଧାୟକ ଓ ଜଣେ ପୂର୍ବତନ ବିଧାୟକ ବିଦେଶ ଗସ୍ତରେ ଥିବାରୁ ମେଳିରେ ଯୋଗଦେଇପାରିନଥିଲେ। ଅତ୍ୟନ୍ତ ଗୁପ୍ତଭାବେ ହୋଇଥିବା ଏହି ବୈଠକ ସଫଳ ହୋଇଥିବାବେଳେ ଖୁବ୍‌ଶୀଘ୍ର କୌଣସି ଅଜ୍ଞାତ ସ୍ଥାନରେ ଆଉ ଗୋଟିଏ ବୈଠକ ବସିପାରେ ବୋଲି ଏହି ସୂତ୍ରରୁ ଜଣାପଡିଛି । ତେବେ ବୈଠକଟି ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଚାଲିଲେ କାଳେ ଖବର ପଦାକୁ ଯିବ ତେଣୁ ରାତ୍ରଭୋଜନ ବଦଳରେ କେବଳ ଜଳଖିଆ ସହିତ ସାଢେ ନଅଟା ସୁଦ୍ଧା ଗୁପ୍ତ ବୈଠକ ସାରି ଜଣକ ପରେ ଜଣେ ଅତି ସନ୍ତର୍ପଣରେ ସ୍ଥାନ ଛାଡ଼ିଥିଲେ ।



## ଓସ୍ତପୁର ପାକ୍ସରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**କେନ୍ଦ୍ରାପଡା, ୨।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିରେ ମହାତ୍ମାଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଏହାକୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ । ପାକ୍ସର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ଅଦକ୍ଷତାରେ ଆୟୋଜିତ ଜୟନ୍ତୀ ସଭାରେ ବିଧାୟକ ଶ୍ରୀ ବେହେରା ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଓ ତ୍ୟାଗପୁତ ଜୀବନୀ ସଂପର୍କରେ ଆଲୋକପାତ କରିବା ସହ ପାକ୍ସର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଏଥି ସହିତ ବିଧାୟକ ଯଥା ସମ୍ଭବ ସାହାଯ୍ୟ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ କେନ୍ଦ୍ର ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସିଂହ, ସଂପାଦକ ପ୍ରେମାଞ୍ଜନ ସାହୁ, ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ, ପାକ୍ସର ଉପ ସଭାପତି କନକଲତା ସ୍ୱାଇଁଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ମାନେ ଉପସ୍ଥିତ ଥିଲେ ।

# ବ୍ରାଉନ୍‌ସୁଗର ହବ୍ ପାଲଟିଛି ରସଲପୁର

- ପ୍ରତି ଛକରେ ଚାଲୁଛି ଖୋଲାଖୋଲି ବିକ୍ରି
- ସନ୍ଧ୍ୟା ହେଲେ ଗଞ୍ଜେଇ, ମଦର ଆସର ଜମୁଛି
- ନିଶାଡ଼ୀଙ୍କ ଉତ୍ପାତରେ ଅତିଷ୍ଠ ସ୍ଥାନୀୟ ବାସିନ୍ଦା
- ସବୁ ଜାଣି ପୋଲିସ ଆଖିବୁଜି ଦେଇଛି



**ଜଗତସିଂହପର, ୨।୧୦ (ସଂଚାର ବ୍ୟୁରୋ):** ଜଗତସିଂହପର ଜିଲ୍ଲା ଯଶୋବନ୍ତପର ପଞ୍ଚାୟତ ରସଲପର ଗ୍ରାମଠାରୁ ପରୁଣାଗଡ଼କୁ ଯିବା ରାସ୍ତାରେ ସନ୍ଧ୍ୟା ହେଲେ ଚାଲିଛି ମଦ ଓ ବ୍ରାଉନ୍‌ସୁଗରର ଆଡ୍ଡାସ୍ଥଳୀ। ସନ୍ଧ୍ୟା ହେଲା ମାତ୍ରେ ବିଭିନ୍ନ ଦୋକାନ ଏବଂ ଛକମାନଙ୍କରେ ଖୁଲମଖୁଲା ମଦ ଓ ବ୍ରାଉନ୍ ସୁଗର ବିକ୍ରି ଚାଲିଥିବା ବେଳେ ଦୁର୍ବୃତ୍ତମାନେ ସେଠାରେ ଆଡ୍ଡାସ୍ଥଳୀ ଜମାଇଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଝିଅ-ବୋହୂମାନେ ସେହି ବାଟ ଦେଇ ଯିବା ଆସିବା କରିବାକୁ ନିରାପଦ ମଣୁନଥିବା ବେଳେ ଏଥିପ୍ରତି ପୁଲିସ ଆଖିବୁଜି ଦେଇଥିବା ଅଭିଯୋଗ ହୋଇଛି। ଦେବୀଦୌଳ, ନୂଆଗଡ଼, ପରୁଣାଗଡ଼ ଆଦି ଗ୍ରାମରେ ମଧ୍ୟ ଏପରି ବେଧଡ଼କ ନିଶା କାରବାର ବଢ଼ିଚାଲିଛି।

ଏହି ଅସାମାଜିକ ବ୍ୟକ୍ତିମାନେ ପଥଚାରୀଙ୍କୁ ଦାଦାବଟି ମାଗୁଛନ୍ତି ଓ ପ୍ରତିବାଦ କଲେ ଆକ୍ରମଣ କରିବା ମଧ୍ୟ ଅଭିଯୋଗ ହୋଇଛି। କିଛି ଦିନ ତଳେ ଏହିଭଳି ଘଟଣା ଘଟିଥିଲା ଜଗତସିଂହପୁର ଥାନା ରସଲପୁର ଗ୍ରାମରେ। କେତେଜଣ ବ୍ୟକ୍ତିଙ୍କ ବିରୋଧରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ହେଲେ ପୁଲିସ ଏନେଇ କିଛି ଠୋସ୍ ପଦକ୍ଷେପ ନେଲାନାହିଁ। ତେଣୁ ସେଠାରେ ଏପ୍ରକାର କାର୍ଯ୍ୟକଳାପ ବଢ଼ିବଢ଼ି ଚାଲିଛି। କେହି ପ୍ରଚ୍ଛଦରେ ରହି ଏପରି ବେଆଇନ୍ ନିଶା କାରବାରକୁ ପ୍ରଶ୍ରୟ ଦେଉଥିବା ଲୋକେ ଅଭିଯୋଗ କରୁଛନ୍ତି।

ସେହିଭଳି ହରିଜନ ସାହି ଛକରେ ମଧ୍ୟ ସନ୍ଧ୍ୟାହେଲେ ନିଶାସେବନକାରୀ ଦୁର୍ବୃତ୍ତଙ୍କ ଆଡ୍ଡା ଜମୁଛି। ପଥଚାରୀ ଲୋକଙ୍କୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଥାନା କଥା କହିଲେ ସେମାନେ ଧମକଚମକ ଦେଉଛନ୍ତି। ଆଉ ବାଟରେ ଚଲାଇ ଦେବୁନି ବୋଲି କହୁଛନ୍ତି। ନିଶା ବେପାରୀ ଓ ଏପରି ଦୁର୍ବୃତ୍ତମାନେ ଗିରଫ ହେଲେ ଅଳ୍ପ ଦିନରେ ଜାମିନ୍ ପାଇ ପଳାଇ ଆସୁଛନ୍ତି ଓ ପୁଣି କଳା ସାମ୍ରାଜ୍ୟ ବିସ୍ତାର କରୁଛନ୍ତି। ନିଶା ବେପାରୀମାନେ ବ୍ରାଉନ୍‌ସୁଗର ପୁଡିଆ ପିଛା ଶହେଟଙ୍କାରୁ ନେଇ ହଜାର ଟଙ୍କା ଯାଏଁ ବିକ୍ରି କରି ବେଶ୍ ଦିପଇସା ରୋଜଗାର କରିବା ସହ ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁଛନ୍ତି। ରାସ୍ତାରେ ବୁଲିବା ବାହାନାରେ ଗରାଖଙ୍କ ଅପେକ୍ଷାରେ ରହୁଛନ୍ତି। ସନ୍ଧ୍ୟା ସମୟରେ ରାସ୍ତା ଫାଙ୍କା ରହୁଥିବାରୁ ନିଶା କାରବାର ଜୋରଦାର ଚାଲିଛି। କେହି ଯେମିତି ଟେର ନ ପାଇବେ ସେଥିପାଇଁ ଚତୁରତାର ସହ ସମସ୍ତ କାର୍ଯ୍ୟ କରାଯାଉଛି। ବେପାରୀମାନେ ଫୋନ୍‌ କରି ଗରାଖଙ୍କୁ ସେ ସ୍ଥାନକୁ ଆସିବାକୁ କହୁଛନ୍ତି। କିଛି ସମୟ ଭିତରେ ସେଠାରେ କାରବାର ଶେଷ ହୋଇଯାଉଛି।

ନିଶା କାରବାର ପାଇଁ ଅନେକ ସମୟରେ ସେଠାରେ ଗଣ୍ଡଗୋଳ ମଧ୍ୟ ହେଉଛି। ପ୍ରଶ୍ନ ଉଠୁଛି ପୁଲିସର ସଲାସୁତରାରେ ବେପାର ହେଉନାହିଁ ତ? ଯେଉଥିପାଇଁ ବେପାରୀମାନେ ଧରାପଡୁନାହାନ୍ତି। ଏଠାରେ ନିଶା କାରବାର ଉପରେ ରୋକ୍ ଲଗାଇବାକୁ ଲୋକେ ଦାବି କରିଛନ୍ତି। ଏନେଇ ଜଗତସିଂହପୁର ଥାନା ଅଧିକାରୀ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ସନ୍ଧ୍ୟା ସମୟରେ ଥାନା ତରଫରୁ ନିୟମିତ ପାଟ୍ରୋଲିଂ କରାଗଲେ ଏହି ସମସ୍ୟାର କିଛି ମାତ୍ରାରେ ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ମା’ ଦକ୍ଷିଣକାଳୀଙ୍କ ପୀଠ ଚଣ୍ଡିପାଠରେ ଗୁଞ୍ଜରିତ

**ପୁରୀ, ୨।୧୦ (ସଂଚାର ବ୍ୟୁରୋ):** ଆଶ୍ୱିନ ମାସ ମୂଳାଷ୍ଟମୀ ଦ୍ୱିତୀୟା ଓଷାଠାରୁ ମା’ ଦକ୍ଷିଣ କାଳୀଙ୍କ ନିକଟରେ ସହସ୍ର କୁମ୍ଭ ବରଣ କରାଯିବା ପରେ ଷୋଡ଼ଶପୂଜା ନୀତି ଆରମ୍ଭ ହୋଇଛି। ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ଶକ୍ତିପୀଠ ମଧ୍ୟରେ ଅଧିଷ୍ଠାତ୍ରୀ ମା’ ଦକ୍ଷିଣକାଳୀ ବେଶ ପ୍ରମୁଖ। ଶ୍ରୀମନ୍ଦିରର ବିଭିନ୍ନ ରିତିନୀତି ସହ ମା’ଙ୍କ ମନ୍ଦିରର ସମ୍ପୃକ୍ତି ରହିଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନ୍ୟତମ ସ୍ୱରୂପ ମା’ ଦକ୍ଷିଣକାଳୀଙ୍କ ଷୋଡ଼ଶ ପୂଜା ରିତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ବର୍ଷକରେ ୪ଦିନ ମା’ଙ୍କ ନିକଟରେ ଆମିଷ ଭୋଗ ଲାଗି କରାଯିବାର ବିଧି ରହିଛି। ଆଶ୍ୱିନ ମାସର ସପ୍ତମୀ, ଅଷ୍ଟମୀ, ନବମୀ ଏବଂ ଦୀପାବଳି ଦିନ ମା’ଙ୍କ ନିକଟରେ ଆମିଷ ଭୋଗ ଲାଗି କରାଯାଏ। ଶୋଡ଼ଷପୂଜାରେ ମା’ଙ୍କ ପୀଠରେ ସନ୍ଧ୍ୟାରେ ଚଣ୍ଡୀପାଠ କରାଯାଇଥାଏ।

ଅନ୍ୟପଟେ ମା’ଙ୍କୁ ବିଭିନ୍ନ ଆକର୍ଷଣୀୟ ବେଶ କରାଯାଇଥାଏ। କୃଷ୍ଣକାଳୀ, ଅନ୍ନପୂର୍ଣ୍ଣା, ନୀଳ ସରସ୍ୱତୀ, ସିଂହବାହିନୀ, ବନଦୁର୍ଗା, ଉଗ୍ରତାରା, ବଗଳା, ନାରାୟଣୀ, ଦଶଭୂଜା ଦୁର୍ଗା, ହରଚଣ୍ଡୀ, ଜୟଦୁର୍ଗା, ରାଜ ରାଜେଶ୍ୱରୀ ଓ ସିଦ୍ଧେଶ୍ୱରୀ ବେଶରେ ମା’ଙ୍କୁ ସଜ୍ଜିତ କରାଯିବାର ପରମ୍ପରା ରହିଛି। ସପ୍ତମୀ, ଅଷ୍ଟମୀ, ମହା ନବମୀରେ ମା’ଙ୍କୁ ଦୁର୍ଲଭ



ସୁନାବେଶରେ ସଜ୍ଜିତ କରାଯିବା ସହ ବିଜୟ ଦଶମୀରେ ସ୍ୱତନ୍ତ୍ର ଅପରାଜିତା ବେଶ କରାଯାଇଥାଏ। ମା’ଙ୍କର ବେଶ ଦେଖୁବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଦକ୍ଷିଣକାଳୀ ଇଷ୍ଟେଟ୍ ପକ୍ଷରୁ ମା’ଙ୍କ ଷୋଡ଼ଶ ପୂଜା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରତ୍ୟେକ ଦିନ ଭୋର ୪ଟାରୁ ମନ୍ଦିର ଦ୍ୱାର ପିଟା ଯିବାପରେ ମଙ୍ଗଳଆଳତୀ, ଅବକାଶ, ମାଜଣା, ମଇଲମ ଓ ବଲ୍ଲଭ ଧୂପ କରାଯାଉଛି। ବାଲ ଭୋଗରେ ଖଇକୋରା, ସେଓ, କଳଦୀ, କାକୁଡ଼ି ଓ ମହନ ଭୋଗ ଆଦି ଲାଗି କରାଯାଏ। ପ୍ରତ୍ୟେକ ଦିନ ଶ୍ରୀମନ୍ଦିରରୁ ମା’ଙ୍କ ନିକଟକୁ ମହାପ୍ରାସଦ ଓ ଗୁଣା ଲାଗି ହେବା ପାଇଁ ଆସିଥାଏ।

ଶ୍ରୀମନ୍ଦିର ଠାରୁ ଶହେ ମିଟର ବ୍ୟବଧାନରେ ବାଲିସାହି ରାସ୍ତା ପାର୍ଶ୍ୱରେ ମା’ଙ୍କ ମନ୍ଦିର ଅବସ୍ଥିତ। ଶ୍ରୀକ୍ଷେତ୍ରର ପ୍ରତ୍ୟକ୍ଷ ଦେବୀଭାବେ ମା’ ଦକ୍ଷିଣକାଳୀଙ୍କ ମନ୍ଦିରରେ ବର୍ଷକ ବାରମାସର ପ୍ରତ୍ୟେକ ମଙ୍ଗଳବାର ଓ ଶନିବାର ଭକ୍ତଙ୍କ ଭିଡ଼ ଲାଗି ରହିଥାଏ। ମନ୍ଦିର ଚତୁପାର୍ଶ୍ୱରେ ଦଶମହାବିଦ୍ୟାଙ୍କ ମୂର୍ତ୍ତିଙ୍କୁ ସ୍ଥାପନ କରାଯାଇଛି। ଭକ୍ତମାନେ ମାନସିକ ପୂରଣ ପାଇଁ ଦୈନନ୍ଦିନ ମା’ଙ୍କୁ ଖଇକୋରା, କଦଳୀ ଓ ଦହି ପ୍ରସାଦ ଲାଗି କରିଥାନ୍ତି। ଦକ୍ଷିଣକାଳୀଙ୍କ ଷୋଡ଼ଦିନାତ୍ମକ ଶାରଦୀୟ ପୂଜା ପାଇଁ ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ମା’ଙ୍କ ପୂଜକ ଓ ଚଣ୍ଡୀପାଠକଙ୍କୁ ବ୍ରାହ୍ମଣ ବରଣ କରିଥାନ୍ତି। ଏମାନଙ୍କ ଏମା ବ୍ୟତିତ ମା’ଙ୍କୁ ଦୈନନ୍ଦିନ ପୂଜା କରୁଥିବା ପୂଜକ ମାନେ ଷୋଡଶ ପୂଜାରେ ନିୟୋଜିତ ରହିଛନ୍ତି।

### କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରସ୍ତ କଲେ ମୁକେଶ ମହାଲିଙ୍ଗ

# ଖୁବ୍ ଶୀଘ୍ର ଲାଗୁ ହେବ ଆୟୁଷ୍ମାନ ଯୋଜନା

**କେନ୍ଦ୍ରାପଡ଼ା, ୨।୧୦ (ସଂଚାର ବ୍ୟୁରୋ):** ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କେନ୍ଦ୍ରାପଡା ଜିଲ୍ଲା ଗ୍ରସ୍ତ କରି ମହାକାଳପଡ଼ା ର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଳସଙ୍ଗା ଗ୍ରାମପଞ୍ଚାୟତର ମାଣିକପୁର ଠାରେ ମହାକାଳପଡ଼ା ବିଜେପି ପକ୍ଷରୁ ଆୟୋଜିତ ସଦସ୍ୟତା ଅଭିଯାନ ଓ ସେବା ପକ୍ଷ ପାଳନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ରାଜ୍ୟରେ ଖୁବ୍ ଶୀଘ୍ର ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବ। ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ରେ ଓଡ଼ିଶାକୁ ସାମିଲ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି । ଏହି ଜରିଆରେ ରୋଗୀଙ୍କ ତଥ୍ୟ ଡିଜିଟାଲ ମ୍ୟାପିଙ୍ଗକରାଯିବ ଏବଂ ସେମାନଙ୍କୁ ଏକକ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି ଯେ ଖୁବ୍ ଶୀଘ୍ର ରାଜ୍ୟରେ ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ ବିମା ଯୋଜନା କାର୍ଯ୍ୟକାରୀ ହେବ। ରାଜ୍ୟର ପ୍ରାୟ ଏକ କୋଟି ପରିବାର ଏହାର ସୁଫଳ ପାଇବେ । ନିର୍ବାଚନ ମଣ୍ଡଳୀ ସଂଯୋଜୋକ ସରୋଜକାନ୍ତ ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ନୂଆ ସଦସ୍ୟତା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ କର୍ମୀ ମନକୁ ପରାମର୍ଶ ଦେଇଥିଲେ । ଖୁବ୍ କମ୍ ଦିନ ମଧ୍ୟରେ ଏ ଅଞ୍ଚଳର ପାନୀୟ ଜଳ ସମସ୍ୟା ଦୂର ହେବାକୁ ଯାଉଛି ବୋଲି କହିଥିଲେ । ସଭା ଆରମ୍ଭ ହେବା ପୂର୍ବରୁ ତାଳସଂଗ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପରିସରରେ ମନ୍ତ୍ରୀ ମହାଲିଙ୍ଗ ,ବିଧାୟକ ଶ୍ରୀ ନାୟକ,କେନ୍ଦ୍ରାପଡ଼ା




ଜିଲ୍ଲାପାଳ ସୃତି ରଞ୍ଜନ ପ୍ରଧାନ ,ମାର୍ଶାଘାଇ ବିଡ଼ିଓ ରଶ୍ମିରେଖା ମଲ୍ଲିକ,ମହାକାଳପଡ଼ା ବିଡ଼ିଓ ସାଗର ନନ୍ଦ ପ୍ରମୁଖ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଗଛ ଲଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ,ଜିଲ୍ଲା ଉପସଭାପତି ସଞ୍ଜୟ ରଥ,କୃଷ୍ଣଚନ୍ଦ୍ର ପଣ୍ଡା,ଲଳିତ ବେହେରା,ପ୍ରଶାନ୍ତ ସେଠୀ,ବିକ୍ରମ ରାଉତରାୟ,ଅମିତାଭ ସୁଆର,ଉପିନ ରାଉତ,ବିକ୍ରମ ସାହୁ,ପ୍ରତାପ ଦାସ, ପରେଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

### ପଟ୍ଟାମୁଣ୍ଡାଇ ବିଜେଡିର ଜନସମ୍ପର୍କ ପଦଯାତ୍ରା

# ସରକାରୀ ବିଫଳତା ବିରୋଧରେ ରଣହୁଙ୍କାର

**ପଟ୍ଟାମୁଣ୍ଡାଇ, ୨।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ବିଜେଡି ସୁପ୍ରିମୋ ବିରୋଧୀ ଦଳ ନେତା ନବୀନ ପଟନାୟକଙ୍କ ଆହ୍ୱାନରେ ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଇ ଆଇନଶୃଙ୍ଖଳା, ଦରଦାମ ବୃଦ୍ଧି, ଆଦି ବିଭିନ୍ନ ସରକାରୀ ବିଫଳତା ବିରୋଧରେ ରଣ ହୁଙ୍କାର ଦିଆଯାଇଛି । ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଆରମ୍ଭ ହୋଇ ପଟ୍ଟାମୁଣ୍ଡାଇ ସହର ଓ ବିଭିନ୍ନ ୱାର୍ଡ ପରିକ୍ରମା କରି ବିଜେପି ସରକାରଙ୍କ ବିଫଳତା ଓ ମିଥ୍ୟା ପ୍ରତିଶୃତି ଓ ପ୍ରବଞ୍ଚନା ବିରୋଧରେ ଜନସଚେତନତା ସୃଷ୍ଟି କରାଯାଉଥିଲା । ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ଯୁବବିଜେଡି ସଭାପତି ଅଶୋକ ଧଳ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି କୈଳାଶ ସିଂ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଜୟନ୍ତୀ ସ୍ୱାଇଁ, ନଗର ମହିଳା ବିଜେଡି ସଭାପତି ଲାସ୍ୟମୟୀ ସାହୁ, ଛାତ୍ର ବିଜେଡି ସଭାପତି ଦେବାଶିଷ ନାୟକ,ବ୍ଲକ ବିଜେଡି ଉପସଭାପତି ସର୍ବେଶ୍ୱର ମହାନ୍ତି, ସାଧାରଣ ସମ୍ପାଦକ କଳାକାର ପ୍ରଧାନ ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ,ବରିଷ୍ଠ ନେତା ଲଲାଟେନ୍ଦୁ ସ୍ୱାଇଁ ଦଳିତ ନେତା ବାରେଣୀ ସେଠୀ,କାଉନସିଲର ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢ଼ୀ ଲକ୍ଷ୍ମୀପ୍ରିୟା ସାହୁ ସରପଞ୍ଚ ସନ୍ତୋଷ ସେଠୀ, ପୂର୍ବତନ ସରପଞ୍ଚ ଧନୁ ଜ୍ୟୟ ସ୍ୱାଇଁ, ଅଶୋକ ପରିଡା,ସୁବାଷ ଖଟୁଆ, ପ୍ରଦୀପ ପଣ୍ଡା, ସମିତି ସଭ୍ୟ ନିରଞ୍ଜନ ବାରିକ, ବିଜୁ ଯୁବ ବାହିନୀ ସଭାପତି ସଂଗ୍ରାମ ସ୍ୱାଇଁ, ସମ୍ପାଦକ ଦିଲ୍ଲୀପ ସାହୁ, ଯୁବ ସଂଗ ଠକ ଏମ ଡି ଫିର ଦୋଷ (ପପୁ) ଯୁବନେତା ଉତ୍ତମ ଖୁଣ୍ଟିଆ,ବରିଷ୍ଠ ନେତା ପଞ୍ଚାନନ ଧଳ, ପ୍ରାକ୍ତନ ପୌର ଉପାଧକ୍ଷ ସୁମନ୍ତ ପାତ୍ର, ଦିଗାମ୍ବର ମିଶ୍ର,ବ୍ରଜବନ୍ଧୁ ଦାଶ,ରତି ଲେଙ୍କା,ଚିତ୍ତ ରଞ୍ଜନ ସେଠୀ, ଶଶିକାନ୍ତ ପଣ୍ଡା, ପ୍ରେମାନନ୍ଦ ସେଠୀ,ନଣ୍ଡା ଚୌଧୁରୀ,ନଟବର ସେଠୀ,ରାଜେନ୍ଦ୍ର ଦାଶ,ସ୍ୱରୂପ ସାମଲ, ସଞ୍ଜୟ ଦାସ ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା, ଜିଲ୍ଲାପରିଷଦ ସରପଞ୍ଚ, ସମିତି ସଭ୍ୟ, କାଉନ ସିଲର ଓ ଶହ ଶହ କର୍ମୀ ପଦଯାତ୍ରା ରେ ସାମିଲ ହୋଇ ବିଭିନ୍ନ ଅଂଚଳ ପରିକ୍ରମା କରିବା ସହିତ ବାଇପାସ ବିଜୁ ପଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଶୋଭାଯାତ୍ରାକୁ ଯୁବନେତା ବାବନ ସାହୁ, ଏମ ଡି ଫିରଦୋଷ (ପପୁ ), ଅଭିରାମ ସ୍ୱାଇଁ,ତାପସ ପ୍ରଧାନ, ରଶ୍ମି ରଞ୍ଜନ ପାଢ଼ୀ ,ବାପି ସାମଲ, ମଳୟ ମଲିକ, ହରଗୋବିନ୍ଦ ଦାଶ,ଲୋକନାଥ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ

**ଯୋଡ଼ା, ୨।୧୦ (ସଂଚାର ବ୍ୟୁରୋ):** ଯୋଡ଼ା ଥାନା ଅନ୍ତର୍ଗତ ଯୁଗୁଡ଼ିହର ଗାଁ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ସେହି ଗାଁ ର ୫୮ ବର୍ଷିୟ ମହେନ୍ଦ୍ର ଲାଗୁରୀ । ଖବର ପାଇ ଯୋଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ମହେନ୍ଦ୍ର ଲାଗୁରୀ ଗତ କାଲି ସନ୍ଧ୍ୟାରେ ନିକଟସ୍ଥ ହାଟରୁ ଫେରିବା ପରେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ତେବେ ସେ ଗାଧୋଇବା ସମୟରେ ପୋଖରୀରେ ବୁଡ଼ି ନିଖୋଜ ହୋଇଯାଇଥିଲେ । ଆଜି ସକାଳୁ ତାଙ୍କର ମୃତଦେହ ଭାସୁଥିବାର ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ମୃତ ଦେହକୁ ଉଦ୍ଧାର କରିଥିଲେ । ପରିବାର ଲୋକଙ୍କ କହିବା କଥା ମହେନ୍ଦ୍ର ପହଁରା ଜାଣି ନ ଥିଲେ । ଏନେଇ ଯୋଡ଼ା ପୋଲିସ୍ ଏକ ଅପମୃତ୍ୟୁ ମାମଲା ଦାଏର କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଜାରିରଖିଛି ।

### ଗାନ୍ଧୀ ଦର୍ଶନ ଏବଂ ବିଚାର ପ୍ରାସଙ୍ଗିକତା ସମ୍ପର୍କିତ ଆଲୋଚନାଚକ୍ର

# ସତ କହିବା ଓ ଶୁଣିବାର ସାହସ ଗାନ୍ଧୀଙ୍କ ମୁଖ୍ୟ ଅସ୍ତ୍ର: ଅରୁଣ

**ନୟାଗଡ଼, ୨।୧୦ (ସଂଚାର ବ୍ୟୁରୋ):** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୫ ତମ ପୁଣ୍ୟ ଜନ୍ମତିଥିରେ ଗାନ୍ଧୀ ବିଚାର ପ୍ରଚାର ପ୍ରଚାର ମଞ୍ଚ ଆନୁକୂଲ୍ୟରେ ତ୍ରିନାଥ ଛକ ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ୭୮ ବର୍ଷ ଦେଶ ସ୍ୱାଧୀନତା ସ୍ମାରକୀ ଭାବେ ୭୮ ମିଟର ଲମ୍ବା ବିଶାଳ ତ୍ରିରଙ୍ଗା ପତାକା ସହ ଗାନ୍ଧୀ ବିଚାରଧାରାକୁ ସମ୍ମାନ ଦେଉଥିବା ଶହଶହ ଗାନ୍ଧୀ ପ୍ରେମୀ ତ୍ରିରଙ୍ଗା ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ଥାନୀୟ ବ୍ଲକ ଯାଏଁ ଆସିଥିଲେ । ବ୍ଲକ ସମ୍ମିଳନୀ କକ୍ଷ ମଧ୍ୟରେ "ଗାନ୍ଧୀ ଦର୍ଶନ ଓ ବିଚାର ପ୍ରାସଙ୍ଗିକତା" ସମ୍ପର୍କିତ ତାତ୍ତ୍ୱିକ ଆଲୋଚନାଚକ୍ର ଆୟୋଜନ କରି ଗାନ୍ଧୀ ଦର୍ଶନ ପ୍ରସଙ୍ଗ ରେ ସମାଜ ଉପଯୋଗୀ ତଥ୍ୟକୁ ଲୋକାଭିମୁଖୀ କରାଯାଇ ଗାନ୍ଧିଜୀଙ୍କ ସତ୍ୟ, ଅହିଂସା ଏବଂ ସତ୍ୟାଗ୍ରହ ପ୍ରଚାର ପ୍ରସାର କରାଇବା ପାଇଁ ଏଭଳି ଆଲୋଚନାଚକ୍ର ଆବଶ୍ୟକତା ଉପରେ ମଞ୍ଚ ଆବାହକ ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ମତ ରଖିଥିଲେ ।




ଏହି ଆଲୋଚନାଚକ୍ର ରେ ଆଲୋଚକ ଭାବେ ରାଜ୍ୟର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ଼ ଅରୁଣ କୁମାର ସାହୁ ଏବଂ ଓଡିଶା ହାଇକୋର୍ଟ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ବିଭୁପ୍ରସାଦ ତ୍ରିପାଠୀ ଯୋଗ ଦେଇ ଗାନ୍ଧି ବିଚାରଧାରା ପ୍ରାସଙ୍ଗିକତା ଉପରେ ସକାରାତ୍ମକ ଆଲୋଚନା କରି ଆଜି ମଧ୍ୟ ଦେଶ ଗାନ୍ଧୀ ବିଚାର ରେ ଉଦବୁଦ୍ଧା ସ୍ୱାଧୀନତା ସଂଗ୍ରାମ ରେ ଅହିଂସା ସତ୍ୟାଗ୍ରହ କୁ ଅସ୍ତ୍ର କରି ବିଶାଳ ବ୍ରିଟିଶ ସାମ୍ରାଜ୍ୟକୁ ଭାରତରୁ ତଡିବା ପାଇଁ ସକ୍ଷମ ହୋଇପାରିଥିଲେ ଗାନ୍ଧିଜୀ । ଡ଼ ସାହୁ ଗାନ୍ଧୀ ଦର୍ଶନ ସମ୍ପର୍କିତ ଆଲୋଚନା କରି ଗାନ୍ଧୀଜୀ ଙ୍କ ଲିଖିତ ପୁସ୍ତକ ଏକ୍ସପେରିମେଣ୍ଟ ଅଫ ଟ୍ରୁଥ କୁ ବିସ୍ଲେସଣ କରି ସତ୍ୟ ର ପୂଜାରୀ ଥିଲେ ଗାନ୍ଧୀ, ସତ୍ୟ କହିବା ପାଇଁ ଭୟ କରୁ ନଥିଲେ । ସ୍ୱାଧୀନତା ସଂଗ୍ରାମ ବେଳେ ଗାନ୍ଧୀ ସାରା ଦେଶରେ ପ୍ରାୟ ୮୦ ହଜାର କିଲୋମିଟର ପାଦରେ ଚାଲିଚାଲି ସତ୍ୟ ଅହିଂସା ବାର୍ତ୍ତା ପ୍ରଚାର କରିଥିବା ଉଲ୍ଲେଖ କରିଥିଲେ । ବିଶିଷ୍ଟ ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ର ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ୍ୟ ଇଂ ଦେବାଶିଷ ପଟ୍ଟନାୟକ, ବରିଷ୍ଠ କମ୍ୟୁନିଷ୍ଟ ନେତା ନାଟ୍ୟକାର ବିଶ୍ୱନାଥ ମହାପାତ୍ର ଏବଂ ପ୍ରାଧ୍ୟାପକ ଅଶୋକ ନାୟକ ପ୍ରମୁଖ ଗାନ୍ଧୀ ଦର୍ଶନ ଏବଂ ବିଚାର ଆବଶ୍ୟକତା ଭାରତବର୍ଷ ପାଇଁ ଥିଲା, ରହିଛି ଏବଂ ରହିଥିବ ବୋଲି ମତ ରଖିଥିଲେ । ସମ୍ବାଦଦାତା ଜୟେନ୍ଦ୍ର ବେହେରା ଆନୁଷ୍ଠାନିକ ଧନ୍ୟବାଦ ଦେଇଥିଲେ । ଏହି ଆଲୋଚନାଚକ୍ର ରେ ବହୁ ବୁଦ୍ଧିଜୀବୀ, ଆଇନଜୀବୀ, ମୁନିସିପାଲିଟି କାଉନସିଲର ଗଣ, ସାମ୍ବାଦିକ ମାନେ ଉପସ୍ଥିତ ଥିଲେ ।




# ‘ମନା’ର ସହିଦପାର୍କ ଠାରେ ଗାନ୍ଧୀ ଜୟନ୍ତୀ

**ବାଲେଶ୍ୱର, ୨।୧୦ (ସଂଚାର ବ୍ୟୁରୋ):** ‘ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର’ ପକ୍ଷରୁ ସ୍ଥାନୀୟ ସହିଦପାର୍କ ସ୍ଥିତ ଗାନ୍ଧିପ୍ରତିମୂର୍ତ୍ତିଠାରେ ଆଇନଜୀବୀ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ନିଶା ବିରୋଧରେ ଏକ ସଚେତନତା ସଭା କରାଯାଇଥିଲା। ଏହି ସଭାରେ ଉପଦେଷ୍ଟା ସୁବ୍ରତ କାର, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ସିଂହ, ପ୍ରଫୁଲ୍ଲ କୁମାର ଦାସ, ଗୋପୀନାଥ ଶତପଥୀ, ପଦ୍ମନାଭ ସାହୁ, ବେଣୁଧର ସାହୁ, ରତିକାନ୍ତ ପାତ୍ର, ବରେନ୍ଦ୍ରନାରାୟଣ ପ୍ରହରାଜ, ଅକ୍ଷୟ କୁମାର ତ୍ରିପାଠୀ, ରବିନାରାୟଣ ଭୋଳ ଓ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆରମ୍ଭରେ କଲ୍ୟାଣୀ ନନ୍ଦ ରାମଧୂନ ଗାନ କରିଥିଲେ।

## ସାମ୍ବାଦିକତା ପ୍ରତିଯୋଗିତାରେ କଣାସର ଝିଅ ପ୍ରଥମ

**କଣାସ, ୨।୧୦ (ସଂଚାର ବ୍ୟୁରୋ):** ଓଡିଆ ଦୈନିକ ଖବର କାଗଜ ସମାଜର ୧୦୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସାମ୍ବାଦିକତା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖବର ଲିଖନ, ଖବର ସମ୍ପାଦନା, ଅନୁବାଦ, ଭିଡିଓ ସମ୍ପାଦନା, ଶିରୋନାମା ଲିଖନ, ଫଟୋ ସମ୍ପାଦନା ଓ ପିଟିଏସ ଉପରେ ପ୍ରତି ଯୋଗିତା କରାଯାଇଥିଲା। ଏହି ପ୍ରତି ଯୋଗିତାରେ କଣାସ ବ୍ଲକ ଅନ୍ତର୍ଗତ କଣ୍ଟାବଣୀ ଗ୍ରାମର ତ୍ରିନାଥ ଜୟସିଂହଙ୍କ କନ୍ୟା ଶୁଭଲକ୍ଷ୍ମୀ ଜୟସିଂହ ପିଟିଏସରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଅନୁବାଦରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା ୪ ତାରିଖ ସନ୍ଧ୍ୟାରେ ସାରଳା ଭବନରେ ସମାଜର ୧୦୫ ତମ ପ୍ରତିଷ୍ଠା ଦିବସରେ ଶୁଭଲକ୍ଷ୍ମୀ ଜୟସିଂହଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରେ 'ସୁରଭି'

**ନୟାହାଟ, ୨।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ସ୍ଥିତ ଶିଙ୍ଗପାନିଆ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ "ସୁରଭି" -୨୦୨୪ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିଙ୍ଗପାନିଆ କ୍ଲଷ୍ଟର ସଂଯୋଜିକା ଶ୍ରୀମତୀ ସୁଚରିତା ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନୟାହାଟ କଲେଜ ଇଂରାଜୀ ଅଧ୍ୟାପକ ରତିକାନ୍ତ ଦାଶ, ମୁଖ୍ୟ ବକ୍ତା ଭାବେ ଜଙ୍ଗଲବରୀ ପଞ୍ଚାୟତ ସରପଞ୍ଚ ପ୍ରଭାତୀ ସାହୁ, ସିଙ୍ଗପାନିଆ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକର୍ତନ୍ ଦୀକ୍ଷିତ, ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତି ସମ୍ପାଦକ ସରୋଜ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଶରତ କୁମାର ମିଶ୍ର ସଭାରେ ସଭାପତିତ୍ୱ କରିଥିବା ବେଳେ ନିରଞ୍ଜନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ବଣ ମଲ୍ଲି ବଣରେ ଫୁଟି ମଉଳି ଯାଏ। କିନ୍ତୁ ସୁରଭି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ଓ ପରିପ୍ରକାଶ କରିବାରେ ସହାୟକ ହୁଏ ଓ ସେହି ବଣ ମଲ୍ଲିର ବାସ୍ନାକୁ ଲୋକ ଲୋଚନକୁ ଆଣିପାରେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କ୍ଲଷ୍ଟର ଅଧୀନରେ ଥିବା ୧୧ଟି ସ୍କୁଲରୁ ୨୩୦ରୁ ଅଧିକ ଛାତ୍ରଛାତ୍ରୀ ମାନେ କଳା ଓ ସାହିତ୍ୟରେ ବିଭିନ୍ନ ବିଭାଗରେ ଭାଗ ନେଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦେବରାଜ ମହାରଣା, କୃତିବାସ ଦାସ , କବିତା ମହାନ୍ତି, ଡେଜିନା ସାହୁ, ନିରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ସଭା କାର୍ଯ୍ୟ ଶେଷରେ ବସନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । କୁନିକୁନି ଛାତ୍ରଛାତ୍ରୀଙ୍କ ଗୀତ ନୃତ୍ୟରେ ବିଦ୍ୟାଳୟ ମଞ୍ଚ କମ୍ପିଉଠିଥିଲା ।



### ରାଜନଗର ପାଇଁ ଗୌରବ ଆଣିଲେ ପ୍ରସନ୍ନ

# ଉତ୍ତରାଖଣ୍ଡକୁ ହରାଇ ଓଡ଼ିଶା ଚମ୍ପିୟାନ




**ରାଜନଗର, ୨।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ଼ ଗାଁର ପ୍ରସନ୍ନ କୁମାର ଦାସ (୧୯ବର୍ଷ)। ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର। ପ୍ରସନ୍ନ ଓଡ଼ିଶାକୁ ଅଣ୍ଡର ୧୯ ହାମରବଲ କ୍ରିକେଟରେ ଚମ୍ପିୟାନ କରାଇବା ସହିତ ଓଡ଼ିଶା ଓ ରାଜନଗର ପାଇଁ ଗୌରବ ଆଣିଦେଇଛନ୍ତି। ରାଜନଗରର ପୁଅ କ୍ରିକେଟରେ ଜଲୱା ଦେଖାଇବା ଖବର ପ୍ରଚାରିତ ହେବା ପରେ ପ୍ରସନ୍ନ ଓ ତାଙ୍କ ପରିବାରଙ୍କୁ ଏବେ ଶୁଭେଚ୍ଛାର ସୁଅ ଛୁଟୁଛି। ପ୍ରସନ୍ନ କୁମାର ଦାସ ଉତ୍ତରପ୍ରଦେଶର ଲକ୍ଷ୍ନୌକୁ ଖେଳିବାକୁ ଯାଇଥିଲେ। ପ୍ରଥମ ମ୍ୟାଚରେ ରାଜସ୍ଥାନ ଓ ପରେ ମଧ୍ୟପ୍ରଦେଶ, ଝାଡଖଣ୍ଡ, ବିହାରକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିଲେ। ସେମି ଫାଇନାଲରେ ଉତରପ୍ରଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିବା ସହ ଫାଇନାଲରେ ଉତରାଖଣ୍ଡକୁ ହରାଇ ଓଡ଼ିଶାକୁ ଚମ୍ପିୟାନ କରାଇବା ସହ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଆଜି ପ୍ରସନ୍ନ ଓ ତାଙ୍କ ଟିମ୍ ଉତ୍ତରପ୍ରଦେଶରୁ ଫେରି ଭୁବନେଶ୍ୱରରେ ପହଁଚିଛନ୍ତି। ପ୍ରସନ୍ନଙ୍କ ସଫଳ ନେତୃତ୍ୱ ଯୋଗୁଁ ଓଡ଼ିଶା ଚମ୍ପିୟାନ ହୋଇପାରିଛି। ପ୍ରସନ୍ନ ମଧ୍ୟପ୍ରଦେଶ ବିରୁଦ୍ଧରେ ଶେଷ ୫ ବଲରେ ୪ଟି ଛକା ମାରି ଦଳକୁ ବିଜୟୀ କରାଇଥିବା ବେଳେ ଫାଇନାଲରେ ୪ ରନ ଆବଶ୍ୟକତା ଥିବାବେଳେ ଛକା ମାରି ଦଳକୁ ଚମ୍ପିୟାନ କରାଇଥିଲେ।

ରାଜଗଡ଼ ଗାଁର ପ୍ରଶାନ୍ତ କୁମାର ଦାସଙ୍କ ଏକମାତ୍ର ପୁଅ ପ୍ରସନ୍ନ। ସେ ସହିଦ ସ୍ପୋର୍ଟିଂରେ କୋଚିଂ ନେଉଥିଲେ। କରୋନା ଯୋଗୁଁ ଗାଁକୁ ଫେରିଆସିଥିଲେ। ଗାଁରେ ପିଲାଙ୍କ ସହିତ ଟେନିସ ବଲ ଖେଳୁଥିଲେ। ସେ ଟେନିସ ବଲରେ ଓଡ଼ିଶା ପକ୍ଷରୁ ୧୬ ବର୍ଷୀୟ ଟିମ, ୧୭ ବର୍ଷୀୟ ଟିମ ଓ ୧୮ ବର୍ଷୀୟ ଟିମରେ ସାମିଲ ହୋଇଥିଲେ। ୧୯ ବର୍ଷୀୟ ହାମର ବଲ କ୍ରିକେଟ ଟିମରେ ସାମିଲ ହୋଇ ଓଡ଼ିଶା ପାଇଁ ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ଓଡ଼ିଶାର ନେତୃତ୍ୱ ନେବା ସହ ତାଙ୍କର ବଳିଷ୍ଠ ନେତୃତ୍ୱ ପାଇଁ ରାଜ୍ୟ ପାଇଁ ଗୌରବ ଆଣିବା ସହ ନିଜ ଅଞ୍ଚଳ ପାଇଁ ମଧ୍ୟ ଗୌରବ ଆଣିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ରାଜ୍ୟ ଭାଗ ନେଇଥିଲେ। ତାଙ୍କ ବାପା ପ୍ରଶାନ୍ତ କୁମାର ଦାସଙ୍କ କହିବା କଥା ହେଲା ପୁଅର କ୍ରିକେଟ ପ୍ରତି ଭଲପାଇବା ଦେଖି ତାକୁ ଆଗକୁ ଯିବାକୁ ପ୍ରେରଣା ଦେଇ ଆସୁଥିଲୁ। ପୁଅ ନେତୃତ୍ୱ ନେଇ ଓଡ଼ିଶା ପାଇଁ ଗୌରବ ଆଣିଛି, ତା ଠୁଁ ଆଉ ବଡ ଖୁସି କିଛି ନାହିଁ ବୋଲି କହିଛନ୍ତି। ଓଡ଼ିଶା ପାଇଁ ଗୌରବ ଆଣିଥିବା ପ୍ରସନ୍ନଙ୍କ କହିବା କଥା ହେଲା କ୍ରିକେଟ ପ୍ରତି ତାଙ୍କ ଭଲ ପାଇବା ରହିଛି। ଓଡ଼ିଶା ରଣଜି ଦଳରେ ଖେଳିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।



## ସ୍ୱଚ୍ଛତା ଅଭିଯାନରେ ସାମିଲ ହେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗାନ୍ଧୀ ଜୟନ୍ତୀ ଅବସରରେ ଦେଶର ଯୁବ ପିଢ଼ିଙ୍କ ସହ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଛନ୍ତି । ସ୍ୱଚ୍ଛ ଭାରତ ମିଶନକୁ ସଫଳ କରିବାକୁ ଆଜି ସ୍ୱଚ୍ଛତା ସମ୍ପର୍କିତ କାର୍ଯ୍ୟକ୍ରମରେ ଭାଗ ନେବାକୁ ଜନସାଧାରଣଙ୍କୁ ମଧ୍ୟ ମୋଦୀ ଅନୁରୋଧ କରିଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସ ରେ ପୋଷ୍ଟ କରିଛନ୍ତି: "ଆଜି ଗାନ୍ଧୀ ଜୟନ୍ତୀ, ମୋ ଯୁବ ବନ୍ଧୁମାନଙ୍କ ସହ ମୁଁ ସ୍ୱଚ୍ଛତା ସମ୍ପର୍କିତ କାର୍ଯ୍ୟକ୍ରମରେ ଭାଗ ନେଲି । ସ୍ୱଚ୍ଛ ଭାରତ ମିଶନକୁ ସୁଦୃଢ଼ କରିବାକୁ ଆଜିର ଦିନରେ ସ୍ୱଚ୍ଛତା ସମ୍ପର୍କିତ କାର୍ଯ୍ୟକ୍ରମରେ ସାମିଲ ହେବାକୁ ମୁଁ ଆପଣ ସମସ୍ତଙ୍କୁ ମଧ୍ୟ ଅନୁରୋଧ କରୁଛି ।

## ସଫେଇ କର୍ମଚାରୀଙ୍କୁ ପୁଷ୍ପବୃଷ୍ଟି କରି ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

### ଦେଶର ୫.୫୦ ଲକ୍ଷ ଗାଁ ବାହ୍ୟମଳ ମୁକ୍ତ ଗ୍ରାମରେ ପରିଣତ

**ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରର ମହାନଗର ନିଗମର ସଫେଇ କର୍ମଚାରୀ ମାନଙ୍କ ଉପରେ ପୁଷ୍ପ ବୃଷ୍ଟି କରି ସେମାନଙ୍କୁ ସମ୍ମାନିତ କରିଛନ୍ତି। ମହାତ୍ମା ଗାନ୍ଧିଙ୍କ ୧୫୫ ତମ ଜୟନ୍ତୀ ଏବଂ ସ୍ୱଚ୍ଛ ଭାରତ ଅଭିଯାନର ୧୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଓୟୁଏଟିର ସ୍ୱାମୀନାଥନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସଫେଇ କର୍ମଚାରୀ, ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସାଥୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ଆମ ପରିବେଶକୁ ସ୍ୱଚ୍ଛ ରଖିବା ସହିତ ଆମକୁ ସୁସ୍ଥ ମଧ୍ୟ କରି ରଖୁଛନ୍ତି। "ଆପଣମାନଙ୍କୁ ବାରମ୍ବାର, ଅନେକବାର ଧନ୍ୟବାଦ।" ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସହର ଓ ସମାଜ ପାଇଁ ସଫେଇକର୍ମୀ ଭାଇ ଭଉଣୀମାନଙ୍କର ମହତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ସହିତ ସେମାନଙ୍କର ମାନବିକ ମୂଲ୍ୟବୋଧକୁ ସମ୍ମାନ ଜଣାଉଛି । ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ବୃକ୍ଷର ମହତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସମସ୍ତେ ଜାଣନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସାରା ଦେଶରେ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଓଡିଶାରେ ଏହି ଅଭିଯାନରେ ୫କୋଟି ଗଛ ଲଗେଇବାର ଲକ୍ଷ୍ୟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪କୋଟି ୪୦ ଲକ୍ଷ ଗଛ ଲଗାଯାଇ ସାରିଲାଣି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ୨୦୧୪ ମସିହା ଅକ୍ଟୋବର ୨ ତାରିଖରୁ ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ଅଭିଯାନ ୨୦୨୪ରେ ୧୦ ବର୍ଷ ପୂର୍ତ୍ତି ପାଳନ କରୁଛି । ଏହା ସହିତ, ଏହି ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ୨୦୧୬ରୁ ଆରମ୍ଭ ହୋଇଛି। ଆଜିକୁ ୮ ବର୍ଷ ହେଲାଣି ଏହି ସ୍ୱଚ୍ଛତା ପକ୍ଷ ସମଗ୍ର ଦେଶ ବ୍ୟାପୀ ପାଳନ କରାଯାଉଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଜନ୍ମ ଦିବସ ସେପ୍ଟେମ୍ବର ୧୭ରୁ ଆରମ୍ଭ ହେଉଥିବା ଏହି ସ୍ୱଚ୍ଛତା ପକ୍ଷ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅକ୍ଟୋବର ୨ରେ ଉଦଯାପିତ ହେଉଛି । ସେ କହିଲେ ଯେ ସଫେଇ କର୍ମଚାରୀ ମାନେ ସହର ବାସୀଙ୍କ ନିଦ ଭାଙ୍ଗିବା ପୂର୍ବରୁ ସହରର ରାସ୍ତା, ଗଳିକନ୍ଦି ସଫା କରିଥାନ୍ତି। ସେମାନଙ୍କ ଗାଡିରେ ବାଜୁଥିବା ଗୀତ ସହରବାସୀଙ୍କ ନିଦ ଭାଙ୍ଗିଥାଏ। ସହରର ସ୍ୱଚ୍ଛତା ପ୍ରତି ସେମାନଙ୍କ ଅବଦାନର ତୁଳନା ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଲ ଯେ ମହାତ୍ମା ଗାନ୍ଧି ନିଜର ବିଚାରଧାରା ଯୋଗୁଁ ସାରା ବିଶ୍ୱ ପାଇଁ ଆଗର୍ଶ ସୃଷ୍ଟି କରିଛନ୍ତି। ସ୍ୱାଧୀନ ଭାରତରେ ମାନସିକ ପରିଶ୍ରମକୁ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ ଶାରୀରିକ ପରିଶ୍ରମକୁ ଗୁରୁତ୍ୱ ଦିଆଯାଇ ନାହିଁ ବୋଲି ସେ କହିଥିଲେ। ସେଥିପାଇଁ ସଫେଇ କର୍ମଚାରୀ ହୁଅନ୍ତୁ ବା ନିର୍ମାଣ ଶ୍ରମିକ, ଶାରୀରିକ ପରିଶ୍ରମ କରୁଥିବା ବ୍ୟକ୍ତିଙ୍କୁ ସମ୍ମାନ ଜଣାଇବାର ଏ ହେଉଛି ଏକ ମହାନ୍ କାର୍ଯ୍ୟକ୍ରମ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିବା ପରଠାରୁ ବର୍ତ୍ତମାନ ସୁଦ୍ଧା ଦେଶର ୫.୫୦ ଲକ୍ଷ ଗାଁ ବାହ୍ୟମଳ ମୁକ୍ତ ଗ୍ରାମରେ ପରିଣତ ହୋଇ ସାରିଛି। ସେ କହିଥିଲେ ଯେ ସ୍ୱଚ୍ଛତା କେବଳ ସରକାରଙ୍କ କାମ ନୁହେଁ, ଏଥିରେ ସବୁ ଜନସାଧାରଣଙ୍କ ଭାଗିଦାରୀ ରହିବା ଆବଶ୍ୟକ।



## 'ସେବା ପକ୍ଷ'ର ଶେଷ ଦିବସରେ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



**ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ):** ମୋଦିଜୀଙ୍କ ୭୪ ତମ ଜନ୍ମ ଜୟନ୍ତୀ ସେପ୍ଟେମ୍ବର ୧୭ରୁ ବିଜେପି ପକ୍ଷରୁ ଆରମ୍ଭ ହୋଇଥିବା "ସେବା ପକ୍ଷ" ଆଜି ଗାନ୍ଧି ଜୟନ୍ତୀରେ ଶେଷ ହୋଇଛି। ସେବା ପକ୍ଷ ପାଳନ ଅବସରରେ ରାଜ୍ୟବ୍ୟାପୀ ଦୀର୍ଘ ୧୫ ଦିନ ଧରି ବିଭିନ୍ନ ମନ୍ଦିର, ପୁଷ୍କରିଣୀ, ପାର୍କ, ଜଳାଶୟ ଆଦି ସ୍ଥାନରେ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, "ମା" ପାଇଁ ଗଛଟିଏ" କାର୍ଯ୍ୟକ୍ରମ ଜରିଆରେ ବୃକ୍ଷରୋପଣ କରାଯାଇଥିଲା। ସେହିପରି ଜାରୀ ରହିଥିବା ସାଂଗଠନିକ ମହାପର୍ବ "ସଦସ୍ୟତା ଅଭିଯାନ - ୨୦୨୪"କୁ ଆହୁରି ଅଧିକ ଗତିଶୀଳ କରାଯାଇଥିଲା। ମାନନୀୟ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଉପସ୍ଥିତିରେ ସେବାପକ୍ଷର ଶେଷ ଦିବସରେ ଆଜି ବିଶେଷ ଭାବେ ଦିବ୍ୟାଙ୍ଗମାନଙ୍କୁ ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାର୍ଟୀର ସଦସ୍ୟ କରାଇଛନ୍ତି। ଆଜି ସାରା ଦେଶ ଗାନ୍ଧିଜୀଙ୍କ ୧୫୫ତମ ଜନ୍ମ ଜୟନ୍ତୀ ପାଳନ କରୁଛି। ମହାତ୍ମା ଗାନ୍ଧିଙ୍କ ଆଦର୍ଶ ଓ ଚିନ୍ତାଧାରା ଆଜି ବି ସାମୂହ ଓ ପ୍ରାସଙ୍ଗିକ ହୋଇ ରହିବ। ସେହିପରି ସମସ୍ତଙ୍କ ପାଇଁ ସର୍ବଦା ପ୍ରେରଣା ସାଜିଛି। ଗାନ୍ଧିଜୀ ସର୍ବଦା ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ଆସୁଥିଲେ ଏବଂ ଏହାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବର୍ଷରେ ଜନଆନ୍ଦୋଳନରେ ପରିଣତ କରିଛନ୍ତି। ସେ ଦେଶର ପ୍ରଧାନ ସେବକ ଭାବେ ନେତୃତ୍ୱ ନେଇ ଭାରତବର୍ଷକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି। ଆଜି ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ଏବଂ ସେବା ପକ୍ଷର ଶେଷ ଦିନ ଉପଲକ୍ଷେ ବିଜେପି ତରଫରୁ ରାଜ୍ୟର ବିଭିନ୍ନ ସ୍ଥାନମାନଙ୍କରେ ସ୍ୱଚ୍ଛତା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସହ ନ ଖେଳନ୍ତୁ ସରକାର

**ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ):** ସେପ୍ଟେମ୍ବର ମାସ ୨୦ ତାରିଖରୁ ରାଜସ୍ୱ ଏବଂ ମହିଳା ଓ ଶିଶୁକଲ୍ୟାଣ ବିଭାଗର ତୃତୀୟ ଶ୍ରେଣୀ କର୍ମଚାରୀ ନିଯୁକ୍ତି ନିମନ୍ତେ ଓଏସଏସଏସସି ଦ୍ୱାରା ଆରଆଇ, ଏଆରଆଇ, ଆଇସିଡିଏସ୍ ସୁପରଭାଇଜର ଏବଂ ଅମିନ ଚାକିରୀ ପାଇଁ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଉକ୍ତ ପରୀକ୍ଷାର ସ୍ୱଚ୍ଛତା ନଥିବା ନେଇ ପ୍ରଶ୍ନ ଉଠାଇଛନ୍ତି ଯୁବ କଂଗ୍ରେସ ନେତା ସୁଦୀପ ସାମଲ। ସେ ସିଧାସଳଖ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରି କହିଛନ୍ତି ପୂର୍ବ ସରକାର ଯେଉଁଭଳି ଭାବରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳଖେଳୁଥିଲେ ବର୍ତ୍ତମାନର ସରକାର ମଧ୍ୟ ସେହି ଦିଗରେ ଅଗ୍ରସର ହେଉଛନ୍ତି। ଉକ୍ତ ପରୀକ୍ଷା ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ବିଭାଗୀୟ ମନ୍ତ୍ରୀଙ୍କ ବୟାନ ଧର୍ମକୁ ଆଖିଠାର ସଦୃଶ। ପରୀକ୍ଷା ପରିଚାଳନା ପୂର୍ବରୁ ବିଭାଗୀୟ ମନ୍ତ୍ରୀ କିପରି ଭାବରେ ଜାଣିପାରିଲେ ନାହିଁ ଯେ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା କଳାତାଲିକାଭୁକ୍ତ ବୋଲି? ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ବାହା ବାହା ନେଉଥିବା ବେଳେ କଳାତାଲିକାଭୁକ୍ତ ସଂସ୍ଥା ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ସହିତ ଖେଳଖେଳି କିଭଳି ଭାବରେ ଏକ ସାଇବର କ୍ୟାଫେରେ ପରୀକ୍ଷା କରାଉଥିଲେ।

## ଆଶ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



**ପୁରୀ,୨।୧୦(ସଂଚାର ବ୍ୟୁରୋ):** ମହାତ୍ମାଗାନ୍ଧୀଙ୍କ ୧୫୫ ତମ ଓ ଶାସ୍ତ୍ରୀଜୀଙ୍କ ୧୨୦ ତମ ଜନ୍ମ ଜୟନ୍ତୀ ଅବସରରେ ଆଶ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟ ଠାରେ ପାଳନ କରାଯାଇଛି। ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ତ୍ୟାଗ, ସ୍ୱାଭିମାନ ପିଢ଼ି ପରେ ପିଢ଼ି ଆମକୁ ଅନୁପ୍ରାଣିତ କରି ଚାଲିଥିବ ବୋଲି ଟ୍ରଷ୍ଟର ସଭାପତି ପଣ୍ଡା ଅନୁରୋଧ କରିଥିଲେ। ଉଭୟ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଆଜିର ଦିବସ ଶାନ୍ତି, ଅହିଂସା, ପ୍ରେମ, ସମୟାନୁବର୍ତ୍ତୀତା ଓ ସଂକଳ୍ପର ଦିବସ ଭାବେ ସମସ୍ତେ ପାଳନ କରିବାକୁ ଟ୍ରଷ୍ଟର ସଭାପତି ପଣ୍ଡା ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳିନ୍ଦୀ ମହାପାତ୍ର, ମଧୁସ୍ମିତା ମହାନ୍ତି, ମିନାକ୍ଷୀ ମହାନ୍ତି, ରଶ୍ମିତା ପଣ୍ଡା, ଖିରୋଦ ଜେନା, ଜରେଶ୍ୱର ଘଡ଼ୁଆରୀ, ସତ୍ୟ ରଞ୍ଜନ ସାହୁ, ସ୍ୱର୍ଣ୍ଣଲତା ପରମଗୁରୁଙ୍କ ସହ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଓ ସଂଘର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଅନ୍ୟପଟେ ଟ୍ରଷ୍ଟର ସଭାପତି ଦୀପକ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଏଭି କଳିଙ୍ଗ ନଗରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ




**ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ):** ଡି.ଏ.ଭି ପବ୍ଲିକ ସ୍କୁଲ କଳିଙ୍ଗ ନଗରରେ ୧୨୦ତମ ଶାସ୍ତ୍ରୀ ଓ ୧୫୫ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଡି.ଏ.ଭି କଲେଜ ମ୍ୟାନେଜିଙ୍ଗ କମିଟି ତରଫରୁ ଦେଶବ୍ୟାପୀ ଆୟୋଜିତ ରନ୍ ଫର୍ ଡି.ଏ.ଭି କାର୍ଯ୍ୟକ୍ରମରେ ବିଦ୍ୟାଳୟର ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ସ୍ୱଚ୍ଛତା ଦିବସ ପରିପ୍ରେକ୍ଷୀରେ ବିଦ୍ୟାଳୟର ସ୍କାଉଟ୍ ଗାଇଡ୍, ଏନ୍.ସି.ସି ଏବଂ ଜେ.ଆର୍.ସିର ଛାତ୍ରଛାତ୍ରୀମାନେ ଘାଟିକିଆ ସ୍ଥିତ ଦୁର୍ଗାମଣ୍ଡପଠାରେ ସଫେଇ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ଏବଂ କମିଟିର ସଦସ୍ୟବୃନ୍ଦ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ତରଫରୁ ଦୁଇ ମହାନ ଆତ୍ମାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣପୂର୍ବକ ସେମାନଙ୍କର ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ତଦନୁରୂପ ଆଦର୍ଶମୟ କରିବା ସହ ଆତ୍ମସମୀକ୍ଷା ହିଁ ସଫଳତାର ମାର୍ଗ ଉନ୍ମୋଚନ କରିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା।ଏହି ଅବସରରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଗାନ୍ଧୀଜୀଙ୍କ ପ୍ରିୟ ଭଜନ ରାମଧୁନ୍ ଏବଂ ବୈଷ୍ଣବ ଜନତୋ ଗାନ କରାଯିବା ସହ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା।

## ଝାଡ଼ଖଣ୍ଡକୁ ୮୦ ହଜାର କୋଟିର ପ୍ରକଳ୍ପ ଭେଟି ଦେଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୨।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଝାଡ଼ଖଣ୍ଡର ହଜାରୀବାଗରେ ୮୦, ୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ମୋଦୀ ଧର୍ତି ଆବା ଜନଜାତିୟ ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ କରିଥିଲେ, ୪୦ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆରଏସ)ର ଉଦଘାଟନ କରିଥିଲେ ଏବଂ ୨୫ଟି ଇଏମ୍‌ଆରଏସ ଶିଳାନ୍ୟାସ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍-ଜନମନ) ଅଧୀନରେ ଏକାଧିକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ। ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଝାଡ଼ଖଣ୍ଡର ବିକାଶ ଯାତ୍ରାର ଅଂଶ ହୋଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଶହ ଶହ କୋଟି ଟଙ୍କାର ଉନ୍ନୟନ ମୂଳକ ପ୍ରକଳ୍ପର ଉଦଘାଟନ ପାଇଁ କିଛି ଦିନ ତଳେ ଜାମସେଦପୁର ଗସ୍ତ କରିଥିବା କଥା ମନେ ପକାଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଝାଡ଼ଖଣ୍ଡର ହଜାର ହଜାର ଗରିବଙ୍କୁ ପକ୍କା ଘର ହସ୍ତାନ୍ତର କରିବା ବିଷୟରେ ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ। ୮୦, ୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଆଦିବାସୀ ସମ୍ପ୍ରଦାୟର ସଶକ୍ତୀକରଣ ଏବଂ କଲ୍ୟାଣ ସମ୍ବନ୍ଧୀୟ ଆଜିର ପ୍ରକଳ୍ପଗୁଡିକ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହା ଆଦିବାସୀ ସମ୍ପ୍ରଦାୟ ପ୍ରତି ସରକାରଙ୍କ ପ୍ରାଥମିକତାର ପ୍ରମାଣ। ପ୍ରଧାନମନ୍ତ୍ରୀ ମୋଦୀ ଆଜିର ପ୍ରକଳ୍ପ ପାଇଁ ଝାଡ଼ଖଣ୍ଡ ଏବଂ ଭାରତବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମହାତ୍ମା ଗାନ୍ଧୀଜୀଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଦିବାସୀ କଲ୍ୟାଣ ଦିଗରେ ତାଙ୍କର ଦୃଷ୍ଟିକୋଣ ଏବଂ ଚିନ୍ତାଧାରା ହେଉଛି ଭାରତର ରାଜଧାନୀ। ମହାତ୍ମା ଗାନ୍ଧୀ ବିଶ୍ୱାସ କରିଥିଲେ ଯେ ଆଦିବାସୀ ସମାଜ ଦ୍ରୁତ ଗତିରେ ଅଗ୍ରଗତି କଲେ ହିଁ ଭାରତ ପ୍ରଗତି କରିପାରିବ। ବର୍ତ୍ତମାନର ସରକାର ଆଦିବାସୀ ଉନ୍ନତି ଦିଗରେ ସର୍ବାଧିକ ଧ୍ୟାନ ଦେଉଥିବାରୁ ଶ୍ରୀ ମୋଦୀ ସନ୍ତୋଷ ବ୍ୟକ୍ତ କରିବା ସହ ଆଜି ଧର୍ତି ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ କରିଛନ୍ତି ଯେଉଁଥିରେ ପାଖାପାଖି ୮୦ ହଜାର କୋଟି ଟଙ୍କା ବ୍ୟୟରେ ପାଖାପାଖି ୫୫୦ ଟି ଜିଲ୍ଲାର ୬୩, ୦୦୦ ଆଦିବାସୀ ଅଧ୍ୟୁଷିତ ଗ୍ରାମର ବିକାଶ କରାଯିବ। ଏହି ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକର ସାମାଜିକ-ଅର୍ଥନୈତିକ ଜୀବନରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରାଯିବ ଏବଂ ଏହାର ସୁଫଳ ଦେଶର ୫ କୋଟିରୁ ଅଧିକ ଆଦିବାସୀ ଭାଇ ଭଉଣୀଙ୍କ ପାଖରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଭୁଲ କଲେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ

**ପୁରୀ,୨।୧୦(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ନୀତିକାନ୍ତିରେ ବିଭ୍ରାଟ କଲେ ନିଆଯିବ କଠୋର ପଦକ୍ଷେପ। ଗଣମାଧ୍ୟମ ଆଗରେ ଆଜି ଏଭଳି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶ୍ରୀମନ୍ଦିର ଲୁହା କଡ଼େଇ ଅବଢ଼ା ପ୍ରସଙ୍ଗରେ ମଧ୍ୟ ଆଇନ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି। ଯିଏ ବି ସମ୍ପୃକ୍ତ ଥିବା ଜଣାପଡିବେ ତାଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ। ଶ୍ରୀମନ୍ଦିରରେ ରୋଷେଇରେ ଲୁହା କଡ଼େଇ ବ୍ୟବହାରକୁ ନେଇ ମଙ୍ଗଳବାର ପ୍ରଶାସନ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ୩ ସୁପକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜଣେ ପାଳିଆ ସେବକ ମହାପ୍ରଭୁଙ୍କ ସେବାପୂଜାରୁ ନିଲମ୍ବିତ କରାଯାଇଛି। ଏମାନଙ୍କୁ ଶ୍ରୀମନ୍ଦିର ପରିସର କିମ୍ବା ଶ୍ରୀମନ୍ଦିର ରୋଷରେ ପ୍ରବେଶ ନିଷିଦ୍ଧ କରାଯାଇଛି।

## ଗାନ୍ଧୀଜୀଙ୍କ ମାର୍ଗକୁ ଅନୁସରଣ କରନ୍ତୁ ଯୁବପିଢ଼ୀ




**ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ):** ଗାନ୍ଧୀଜୀ କେବଳ ଏକ ନାମ ନୁହେଁ, ଏହା ଜୀବନ ଓ ଦର୍ଶନର ଏକ ମହାନ ମାର୍ଗ । ଗାନ୍ଧୀଜୀ କେବଳ ଦେଶକୁ ସ୍ୱାଧୀନ କରି ନଥିଲେ, ଦେଶ ତଥା ସମଗ୍ର ମାନବଜାତିକୁ ସତ୍‌ପଥରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ । ତାଙ୍କ ଦର୍ଶନ ଓ ପଦର୍ଶିତ ମାର୍ଗର ଆଜି ବି ଅନେକ ପ୍ରାସଙ୍ଗିକତା ରହିଛି । ତେଣୁ ଯୁବପିଢ଼ି ତାଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ରାଷ୍ଟ୍ରଗଠନରେ ବ୍ରତୀ ହୁଅନ୍ତୁ ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି । ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ହରିଚନ୍ଦନ କହିଲେ ଯେ ସମସ୍ତଙ୍କୁ ଏକାଠି କରି ଅହିଂସା ନାମକ ଅସ୍ତ୍ରରେ ଗାନ୍ଧୀଜୀ ବିଦେଶୀ ଶାସକ ବିରୁଦ୍ଧରେ ବିଜୟ ହାସଲ କରି ଦେଶ ପାଇଁ ସ୍ୱାଧୀନତା ଆଣିଥିଲେ । ସର୍ବୋଦୟ, ସ୍ୱଦେଶୀ, ଗ୍ରାମସ୍ୱରାଜ ଏବଂ ସ୍ୱଚ୍ଛତା ନେଇ ଗାନ୍ଧୀଜୀଙ୍କ ବାଣୀକୁ ପାଳନ କରିବା ସହ ତାଙ୍କ ନୀତି ଓ ଆଦର୍ଶକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କଲେ ଆମେ ଦେଶକୁ ଶୀର୍ଷସ୍ତରକୁ ନେଇପାରିବା ବୋଲି ମନ୍ତ୍ରୀ ହରିଚନ୍ଦନ କହିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂହ କହିଲେ ଯେ ଗାନ୍ଧୀବାଦ ଓ ଗାନ୍ଧୀ ଦର୍ଶନ ହିଂସା ଉପରେ ଏକ ଶକ୍ତ ପ୍ରହାର ସଦୃଶ । ମହିଳାଙ୍କୁ ସମ୍ମାନ ଓ ନିଶାମୁକ୍ତ ଭାରତର ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ଆଗାମୀ ପିଢ଼ି ଆନ୍ତରିକ ଭାବେ ପାଳନ କରିବାକୁ ସେ ଅନୁରୋଧ କରିଥିଲେ । ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ଏବଂ ଲେଖକ ଗୌରାଙ୍ଗ ଚରଣ ପରିଡ଼ା କହିଲେ ଯେ ସତ୍ୟ ଓ ନିର୍ଭୀକତା ଅହିଂସା ରୂପକ ମୁଦ୍ରାର ଦୁଇଟି ପାଶ୍ୱର୍। ଅସ୍ପୃଶ୍ୟତା ନିବାରଣ, ନାରୀ ସୁରକ୍ଷା ଲକ୍ଷ୍ୟ ନେଇ ଗାନ୍ଧୀଜୀ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ଭାରତକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲା । ଗାନ୍ଧୀଜୀଙ୍କ ଆଦର୍ଶ ଆଜି କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ ।

## ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ):** ତାଙ୍କ ଜନ୍ମ ବାର୍ଷିକୀରେ ଆମ ଦେଶର ପିତା ମହାତ୍ମା ଗାନ୍ଧୀ ଜୀଙ୍କୁ ଏବଂ ଏକ ସ୍ୱଚ୍ଛ ଭାରତ ପ୍ରତି ତାଙ୍କର ଦୃଷ୍ଟିକୁ ମନେ ପକାଇ, ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଦ୍ୱାରା ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନରେ "ସ୍ୱଚ୍ଛ ଭାରତ ଦିବସ" ପାଳନ କରାଯାଇଛି । ଏଚ୍.ଏସ୍.ବାଜୱା, ମଣ୍ଡଳ ରେଳ ପ୍ରବନ୍ଧକ, ଗୁର୍ ସିମ୍ରନ୍ କୌର୍, ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ, ଶାଖା ଅଧିକାରୀ ତଥା ଇସିଓଆରଡବ୍ଲୁଡବ୍ଲୁଓ ସଦସ୍ୟମାନେ, ମହାତ୍ମା ଗାନ୍ଧୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱଚ୍ଛ ଭାରତ ଦିବସ ପାଳନ ହେଉଛି ଚାଲୁଥିବା "ସ୍ୱଚ୍ଛତା ପକ୍ଷ" ର ଏକ ଅଂଶ, ଯାହାକି ମଣ୍ଡଳ ଅଧୀନରେ ଥିବା ଷ୍ଟେସନ୍, ପରିସର, ଟ୍ରେନ୍, ଅଫିସ୍, କ୍ୟାଣ୍ଟିନ, ଖାଦ୍ୟ ଷ୍ଟଲ୍ ଏବଂ ରେଳବାଇ ଆବାସିକ ଅଞ୍ଚଳରେ ସ୍ୱଚ୍ଛତା ଉପରେ ଧ୍ୟାନ ଦେଇ, ୧ ଅକ୍ଟୋବରରୁ ୧୫ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ଏକ ୧୫ ଦିନର ସ୍ୱଚ୍ଛତା ପଖୱାଡା । ଏହାପୂର୍ବରୁ, ୧୪ ସେପ୍ଟେମ୍ବରରୁ ୧ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ, ଖୋର୍ଦ୍ଧା ରୋଡ଼ ମଣ୍ଡଳ , "ସ୍ୱଭାୱ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା" ବିଷୟବସ୍ତୁ ଆଧାରରେ ସ୍ୱଚ୍ଛତା ହିଁ ସେବା ପାଳନ କରିଥିଲା ।

## ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସଫାଇମିତ୍ରଙ୍କୁ ସମ୍ମାନିତ



**ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ):** ଭାରତୀୟ ପ୍ରଦ୍ୟୋଗୀକି ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ୨୫ଜଣ ହାଉସକିପିଂ ଓ ହର୍ଟିକଲଚର କର୍ମଚାରୀଙ୍କୁ ସଫାଇମିତ୍ର ପୁରସ୍କାର -୨୦୨୪ ସହିତ ସ୍ୱଚ୍ଛତା ହିଁ ସେବା-୨୦୨୪ ଅଭିଯାନ ସମୟରେ କ୍ୟାମ୍ପସ ଭିତରେ ତଥା ବାହାରେ ସଫେଇ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍ସାହିତ କରିଥିଲେ। ଅନୁଷ୍ଠାନରେ ଗାନ୍ଧୀ ଜୟନ୍ତୀ ଉତ୍ସବ ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ପଦ୍ କରମଲକର ଏହି ପୁରସ୍କାର ପ୍ରଦାନ କରିଥିଲେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆଇଆଇଟି ଭୁବନେଶ୍ୱର ସ୍ୱଚ୍ଛତା ହିଁ ସେବା ସ୍ୱତନ୍ତ୍ର ଅଭିଯାନରେ ରାଷ୍ଟ୍ରରେ ଯୋଗ ଦେଇଥିଲେ ଏବଂ ଚଳିତ ବର୍ଷର ବିଷୟବସ୍ତୁ 'ସ୍ୱଭାବ ସ୍ୱଚ୍ଛତା-ସଂସ୍କାର ସ୍ୱଚ୍ଛତା' ଅନୁଯାୟୀ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧତାକୁ ଦୋହରାଇ ବିଭିନ୍ନ କାର୍ଯ୍ୟକଳାପ କରିଥିଲେ। ବିଭିନ୍ନ କାର୍ଯ୍ୟକଳାପକୁ ଅଭିଯାନର ତିନୋଟି ସ୍ତମ୍ଭରେ ବିଭକ୍ତ କରାଯାଇଥିଲା

## ବିଦେଶୀ ପକ୍ଷୀଙ୍କ ଆଗମନ ପାଇଁ ପ୍ରସ୍ତୁତି ଆରମ୍ଭ



**ଭୁବନେଶ୍ୱର,୨।୧୦:** ଚଳିତ ଶୀତ ଋତୁରେ ଚିଲିକା ହ୍ରଦକୁ ବିଦେଶୀ ପକ୍ଷୀଙ୍କୁ ସ୍ୱାଗତ କରିବା ପାଇଁ ବନ ବିଭାଗ ବନ୍ୟପ୍ରାଣୀ ଶାଖା ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ପକ୍ଷୀ ଶିକାର ଓ ପକ୍ଷୀମାନଙ୍କର ଚୋରା ଚାଲାଣ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ୨୧ଟି ଅସ୍ଥାୟୀ ଶିବିର ପ୍ରତିଷ୍ଠା କରାଯାଇଛି। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଏହି ଶିବିର ସକ୍ରିୟ ରହିବ, ଯେତେବେଳେ ପକ୍ଷୀମାନେ ଘରକୁ ଯାତ୍ରା ଆରମ୍ଭ କରିବେ। ପ୍ରତି ଶିବିରରେ ପାଟ୍ରୋଲିଂରେ ବନ୍ୟପ୍ରାଣୀ କର୍ମଚାରୀଙ୍କୁ ସହଯୋଗ କରିବା ପାଇଁ ୩ ଜଣ କର୍ମଚାରୀ ରହିଛନ୍ତି। ସମ୍ବେଦନଶୀଳ ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୧୧ଟି କ୍ୟାମ୍ପ ଖୋଲାଯାଇଥିବା ବେଳେ ବାଲୁଗାଁ ରେଞ୍ଜରେ ୪ଟି କ୍ୟାମ୍ପ ରହିଛି। ରମ୍ଭା, ସାତପଡ଼ା ଓ ଚିଲିକାରେ ଦୁଇଟି ଲେଖାଏଁ କ୍ୟାମ୍ପ ସ୍ଥାପନ କରାଯାଇଛି। ଅସ୍ଥାୟୀ ଶିବିରରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସେମାନଙ୍କୁ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବା ସହ ଶିକାରୀଙ୍କ ବିରୋଧରେ କଡ଼ା ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା। ହ୍ରଦରେ ପାଟ୍ରୋଲିଂ ପାଇଁ ୧୫ରୁ ଅଧିକ ଡଙ୍ଗା ମୁତୟନ କରାଯାଇଛି। ସାଧାରଣତଃ ପ୍ରବାସୀ ପକ୍ଷୀଙ୍କ ଆଗମନ ସହିତ ଶିକାର କାର୍ଯ୍ୟକଳାପ ବୃଦ୍ଧି ପାଇଥାଏ, କାରଣ ଆଖପାଖ ସହରରେ ଏହି ଜଳୀୟ ପକ୍ଷୀଙ୍କ ମାଂସର ଅଧିକ ଚାହିଦା ଥାଏ। ମୁଖ୍ୟତଃ ହିମାଳୟ ବାହାରେ ଥିବା ଅଞ୍ଚଳ ଯଥା ଉତ୍ତର ୟୁରେସିଆ, କାସ୍ପିଆନ୍ ଅଞ୍ଚଳ, ସାଇବେରିଆ, କାଜାଖସ୍ତାନ, ବାଇକାଲ ହ୍ରଦ ଏବଂ ଋଷ ଓ ପଡ଼ୋଶୀ ଦେଶର ଅନ୍ୟ ଦୁର୍ଗମ ଅଞ୍ଚଳରୁ ଆସୁଥିବା ଏହି ପକ୍ଷୀମାନେ ଗ୍ରୀଷ୍ମ ଋତୁ ଆରମ୍ଭ ହେବା ପୂର୍ବରୁ ସେମାନଙ୍କର ମୂଳ ବାସସ୍ଥାନର କଠୋର ଥଣ୍ଡାରୁ ରକ୍ଷା ପାଇବା ପାଇଁ ପ୍ରତି ଶୀତଦିନେ ଚିଲିକାକୁ ଆସନ୍ତି।

ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ପ୍ରଥମ ବ୍ୟାଚ୍ ବନ୍ଦ ହୋଇଯିବ ବୋଲି ଆଶା କରାଯାଉଛି। ଗତବର୍ଷ ଅକ୍ଟୋବର ୧୦ତାରିଖରେ ପ୍ରଥମ ଗ୍ରୁପ୍ ଆସିଥିଲା। ଗତ ଶୀତଋତୁରେ ଚିଲିକାରେ ୧୮୭ ପ୍ରଜାତିର ୧, ୧୩୭, ୭୫୯ ପକ୍ଷୀ ରହିଥିଲେ। କଡ଼ା ପାଟ୍ରୋଲିଂ ବ୍ୟବସ୍ଥା ଯୋଗୁଁ ଗତ ଶୀତଋତୁରେ ସ୍ଥାନାନ୍ତର ସମୟରେ ପକ୍ଷୀ ଶିକାରର କୌଣସି ଘଟଣା ସାମ୍ନାକୁ ଆସିନଥିଲା। (ତଥ୍ୟ)

## ବିଜେବି ମହାବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ




**ଭୁବନେଶ୍ୱର,୨।୧୦(ସଂଚାର ବ୍ୟୁରୋ):** ଯୁବ ପିଢ଼ୀ ମାନଙ୍କ ମଧ୍ୟରେ ମହାତ୍ମାଗାନ୍ଧୀ ଙ୍କ ନୀତି ଓ ଆଦର୍ଶ ର ବାର୍ତ୍ତା ପହଞ୍ଚାଇବାକୁ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ର ଆର୍ଥିକ ସହାୟତାରେ ଓ ବିଜେବି କଲେଜ ପୂର୍ବତନ ଛାତ୍ରଛାତ୍ରୀ ସଂଘ ବିଜେବି ଫ୍ରେଣ୍ଡ୍ସ ଆନୁକୂଲ୍ୟରେ ବିଜେବି କଲେଜ ରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି। ଉକ୍ତ ଉତ୍ସବ ରେ କବି ତଥା ବିଶିଷ୍ଟ ଲେଖକ ହରପ୍ରସାଦ ଦାସ ମୂଖ୍ୟ ବକ୍ତା ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକ ପାତ କରିଥିଲେ। ବିଶିଷ୍ଟ ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚନ୍ଦ୍ର ପରିଡା ମୂଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଉଦ୍-ବୁଦ୍ଧ ହେବା ପାଇଁ ଉପଦେଶ ଦେଇଥିଲେ। ଏତଦ୍ ବ୍ୟତୀତ ବିଜେବି କଲେଜର ଅଧକ୍ଷା ଇତିଶ୍ରୀ ପାଢ଼ୀ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ର ପୂର୍ବତନ ଡେପୁଟି ଗଭର୍ଣ୍ଣର ହାରୁନ୍ ରସିଦ୍ ଖାନ୍ ଓ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ର ଜେନେରାଲ ମ୍ୟାନେଜର ସର୍ବେସ ରଞ୍ଜନ ଅତିଥି ରୂପେ ଯୋଗଦେଇ ସେମାନଙ୍କର ମୂଲ୍ୟବାନ ବକ୍ତବ୍ୟ ଦେଇଥିଲେ। ଏହି ଉତ୍ସବ ରେ ପୂର୍ବରୁ ମହାତ୍ମାଗାନ୍ଧୀ ଙ୍କ ଜୀବନୀ ଓ ଆଦର୍ଶ ଉପରେ କରାଯାଇଥବା ଆନ୍ତଃ ମହାବିଦ୍ୟାଳୟ ସ୍ଥରୀୟ ରଚନା, ବକ୍ତୃତା ଓ କୁଇଜ୍ ପ୍ରତିଯୋଗୀତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ନଗଦ ରାଶି, ମାନପତ୍ର ତଥା ଫଳକ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ଉକ୍ତ ଉତ୍ସବରେ ବିଜେବି ଫ୍ରେଣ୍ଡ୍ ର ସଭାପତି ସଭାପତି ଦେବାଶିଷ ପଟ୍ଟନାୟକ ସଭାପତ୍ୱ କରି ସ୍ୱାଗତ ଭାଷଣ ଦେଇଥିବା ବେଳେ ଓ ସଂପାଦକ ସତ୍ୟବ୍ରତ ଧୂପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ସର୍ବଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, କେଦାର ପଟ୍ଟନାୟକ, ଶ୍ୟାମସୁନ୍ଦର ପଟ୍ଟନାୟକ, ପ୍ରଦୀପ ସାମଲ ଓ ବିଶ୍ୱନାଥ ମହାନ୍ତି, ଶୁଭଦର୍ଶୀନି ମିଶ୍ର, ସିଦ୍ଧାର୍ଥ ଶେଖର ସିଂହ ତଥା କଲେଜ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏ ଉତ୍ସବ କୁ ଅଧ୍ୟାପିକା ଡକ୍ଟର ନମିତା ପଟ୍ଟନାୟକ ଓ ବିଭାବରୀ ବଳ ପରିଚାଳନା କରିଥିଲେ।

# ମହାଯୁଦ୍ଧ ଆଶଙ୍କା ବଢ଼ୁଛି

ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ, ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼, ଇସ୍ରାଏଲକୁ ଆମେରିକାର ସମର୍ଥନ ଏବଂ ଇରାନ ବିରୋଧରେ ଲଢ଼େଇ ପାଇଁ ସହାୟତା ପ୍ରତିଶ୍ରୁତି ମଧ୍ୟପ୍ରାଚ୍ୟରେ ଯୁଦ୍ଧକୁ ଆହୁରି ଜଟିଳ କରିଛି। ଏହା ଯେପରି ଧିରେ ଧିରେ ସମ୍ପ୍ରସାରିତ ହେଉଛି ସେଥିରେ ଆଉ ଏକ ବିଶ୍ୱଯୁଦ୍ଧ ନହେଲେ ମଧ୍ୟ ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ଏଥିରେ କାହାର କିଛି ଫାଇଦା ହେବନି, କେବଳ ମଣିଷ ସମାଜ ଏବଂ ବିଶ୍ୱର କ୍ଷତି ହେବ। ମଧ୍ୟପ୍ରାଚ୍ୟରେ ଏହି ଯୁଦ୍ଧର ଅପରିସୀମ ହେବ। ସାରା ବିଶ୍ୱ ଏଥିରେ ପ୍ରଭାବିତ ହେବ। କିଛି ମୌଳବାଦୀଙ୍କ ଆଚରଣ ପାଇଁ ମାନବ ସମାଜ ପ୍ରତି ବିପଦ ସୃଷ୍ଟି ହୋଇଛି। ମଙ୍ଗଳବାର ରାତିରେ ଇରାନ ତେଲଆଭିଭ ଉପରେ କ୍ଷେପଣାସ୍ତ୍ର ବର୍ଷଣ କରିଛି। ଇସ୍ରାଏଲ ଏହାର ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ଶୀଘ୍ର ତେହେରାନରେ ଇସ୍ରାଏଲର କ୍ଷେପଣାସ୍ତ୍ର ମାଡ଼ ଦେଖିବାକୁ ମିଳିବ। ଇରାନର ପ୍ରମୁଖ ନେତୃବର୍ଗଙ୍କୁ ଇସ୍ରାଏଲ ଟାର୍ଗେଟ କରିପାରେ। ଏହି ଯୁଦ୍ଧର ଅୟମାରମ୍ଭ ହୋଇଛି ଇସ୍ରାଏଲ-ପାଲେଷ୍ଟାଇନ ବିବାଦରୁ। ଦୀର୍ଘ ବର୍ଷ ହେବ ଏହି ବିବାଦ ଲାଗି ରହିଛି। ଏବେ ଏହା ବିସ୍ଫୋରକ ରୂପ ନେଇଛି। ଏଭଳି ପରିସ୍ଥିତି ଦିନେ ସୃଷ୍ଟି ହେବ ବୋଲି ପୂର୍ବରୁ ଆଶଙ୍କା ଥିଲା। ତାହା ଏବେ ସତ୍ୟରେ ପରିଣତ ହୋଇଛି। ଗତ ବର୍ଷ ଅକ୍ଟୋବର ୭ରେ ଇସ୍ରାଏଲ ସୀମାରେ ହମାସର ଅନୁପ୍ରବେଶ ଏବଂ ନିରୀହ ଲୋକଙ୍କୁ ହତ୍ୟା ପରେ ସୁପ୍ତ ଆଗ୍ନେୟଗିରି ସକ୍ରିୟ ହୋଇଥିଲା। ହମାସର ମୁଖ୍ୟକେନ୍ଦ୍ର କୁହାଯାଉଥିବା ଗାଜା ଉପରେ ଇସ୍ରାଏଲ ଆରମ୍ଭ କରିଥିଲା ରକେଟ ମାଡ଼। ପରେ ଇସ୍ରାଏଲ ସେନା ଗାଜାରେ ପ୍ରବେଶ କରିଥିଲା ଏବଂ ହମାସ ଆତଙ୍କବାଦୀଙ୍କ ଗୁପ୍ତ ଆଶ୍ରୟ ସ୍ଥଳକୁ ଧ୍ୱଂସ କରିଥିଲା। ଏଥିରେ ଅନେକ ଆତଙ୍କବାଦୀଙ୍କ ସହ ବହୁ ସଂଖ୍ୟାରେ ନିରୀହ ବ୍ୟକ୍ତି ମଧ୍ୟ ପ୍ରାଣ ହରାଇଥିଲେ। ଏବେ ବି ଏହି ଯୁଦ୍ଧ ଚାଲିଛି। ଗାଜାରେ ୬୦ ହଜାରରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଲେଣି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସାଧାରଣ ନାଗରିକ। ବିନା ଦୋଷରେ ସେମାନେ ଦଣ୍ଡିତ ହୋଇଛନ୍ତି। ସାଧାରଣ ଲୋକଟିଏ ନିଜ ପରିବାର ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ଯୋଗାଡ଼ କରିବାକୁ ସଂଘର୍ଷ କରୁଥିବା ବେଳେ ଯୁଦ୍ଧ ତା ପାଇ ଅର୍ଥହୀନ। ହମାସ ହେଉଛି ଏକ ଆତଙ୍କବାଦୀ ସଙ୍ଗଠନ ଯାହା ଇସ୍ରାଏଲ ବିରୋଧରେ ଲଢ଼େଇ ପାଇଁ ସୃଷ୍ଟି ହୋଇଛି। ଏହାର କୌଣସି ନୀତି, ଆଦର୍ଶ ନାହିଁ। କେବଳ ହିଂସା, ନରସଂହାର ଏବଂ ଆତଙ୍କ ସୃଷ୍ଟି ହେଉଛି ଏହାର ଲକ୍ଷ୍ୟ। ଆଧୁନୀକ ଶିକ୍ଷା, ସଭ୍ୟତା, ବିଜ୍ଞାନ, ଅର୍ଥନୀତି ଏହା ନିକଟରେ ମୂଲ୍ୟହୀନ। ଏକ ମଧ୍ୟଯୁଗୀୟ ଚିନ୍ତାଧାରାରେ ଏହା ପରିଚାଳିତ ହେଉଛି। ହମାସକୁ ସମର୍ଥନ କରି ଲେବାନନ, ସିରିୟା ଓ ଇରାନ ଇସ୍ରାଏଲ ବିରୋଧରେ ଏକ ହୋଇଛନ୍ତି। ହମାସର ବଡ଼ ସମର୍ଥକ ହେଲା ଇରାନ। ଇରାନର ସାହାଯ୍ୟ ସହଯୋଗରେ ପ୍ରତିଷ୍ଠିତ ହୋଇଥିବା ଆତଙ୍କବାଦୀ ସଙ୍ଗଠନ ହେଲା ହେଜବୁଲ୍ଲା। ଇସ୍ରାଏଲର ପଡ଼ୋଶୀ ଲେବାନନ ହେଉଛି ଏହାର ମୁଖ୍ୟ କେନ୍ଦ୍ର। ସେଠାରୁ ହେଜବୁଲ୍ଲା ନିଜ ଅପରେସନ ନିୟନ୍ତ୍ରଣ କରିଥାଏ। ଗାଜା ଉପରେ ଇସ୍ରାଏଲର ଆକ୍ରମଣ ପରେ ହେଜବୁଲ୍ଲା ବିନା କାରଣରେ ଇସ୍ରାଏଲ ଉପରେ ରକେଟ ମାଡ଼ କରି ଚାଲିଥିଲା। ଶେଷରେ ଇସ୍ରାଏଲ ଏହାର ଜବାବ ଦେବାକୁ ନିଷ୍ପତ୍ତି ନେଲା। ଇସ୍ରାଏଲର ଆକ୍ରମଣରେ ଗତ ୭ ଦିନ ଭିତରେ ହେଜବୁଲ୍ଲା ସଙ୍ଗଠନର ମୁଖ୍ୟ ହସନ ନସରଲ୍ଲା ସମେତ ୭ଜଣ ଟପ କମାଣ୍ଡର ନିହତ ହୋଇଛନ୍ତି। ୬୦୦ରୁ ଅଧିକ ଲେବାନନ ନାଗରିକ ପ୍ରାଣ ହରାଇଛନ୍ତି। ହେଜବୁଲ୍ଲାର ଅନେକ ଗୁପ୍ତ ଆଡ୍ଡା ଏବଂ ଅସ୍ତ୍ରାଗାର ଧ୍ୱଂସ ପାଇଛି। ଏଥିରେ ବ୍ୟଥିତ ହୋଇଛି ଇରାନ। ମଙ୍ଗଳବାର ରାତିରେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ବଡ଼ ଧରଣର ଆକ୍ରମଣ ହୋଇଛି। ତେଲଆଭିଭ ଓ ଇରାନର ଅନ୍ୟ ସହର ଉପରେ ଇରାନ ୨୦୦ରୁ ଅଧିକ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହା ସହିତ ତେଲଆଭିଭରେ ଇରାନ ସମର୍ଥିତ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇବା ଫଳରେ ୪ଜଣ ଇସ୍ରାଏଲୀ ନାଗରିକ ନିହତ ହୋଇଛନ୍ତି। ଇସ୍ରାଏଲ ଏହାର ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ଖୁବ ଶୀଘ୍ର ଇସ୍ରାଏଲ ଲେବାନନରେ ସ୍ଥଳ ପଥରେ ପ୍ରବେଶ କରିବ ବୋଲି ସୂଚନା ଦେଇଛି। ଏହା ସହିତ ଇରାନ ଉପରେ ଇସ୍ରାଏଲ ମଧ୍ୟ ବଡ଼ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରିବ। ଲେବାନନରେ ଇସ୍ରାଏଲ ଯେପରି ଆଖିବୁଜା ଆକ୍ରମଣ କରୁଛି, ଇରାନ ଓ ସିରିୟା ଉପରେ ମଧ୍ୟ ଅନୁରୂପ ଆକ୍ରମଣ କରିପାରେ। ସ୍ଥଳ ପଥରେ ଇରାନ ଉପରେ ଆକ୍ରମଣ ସମ୍ଭବ ନହୋଇପାରେ। କିନ୍ତୁ ଇସ୍ରାଏଲ ନିକଟରେ ବିପୁଳ ପରିମାଣର କ୍ଷେପଣାସ୍ତ୍ର ମହଜୁଦ ରହିଛି। ଇସ୍ରାଏଲର ଗୁପ୍ତଚର ବିଶ୍ୱରେ ସର୍ବଶ୍ରେଷ୍ଠ। ଏହାର ଡିଫେନ୍ସ ଟେକ୍ନୋଲୋଜି ମଧ୍ୟ ବେଶ ଉନ୍ନତ। ଏହାର ମୁକାବିଲା କରିବା ଇରାନ ପକ୍ଷରେ ସମ୍ଭବ ନୁହେଁ। ଇରାନ ହେଉଛି ଆମେରିକାର ଶତ୍ରୁ। ତେଣୁ ଇରାନ ବିରୋଧରେ ଆମେରିକା ଇସ୍ରାଏଲକୁ ସମର୍ଥନ ଏବଂ ସହାୟତା କରୁଛି। ଏବେ ଇସ୍ରାଏଲ ମାଧ୍ୟମରେ ଆମେରିକା ଇରାନ ଉପରେ ପ୍ରତିଶୋଧ ନେବାକୁ ଚାହିଁବ। ତେଣୁ ଇସ୍ରାଏଲକୁ ସାମରିକ ଏବଂ ଆର୍ଥିକ ସହାୟତା ଦେବାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଘୋଷଣା କରିଛନ୍ତି। ତେଣୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଆଗକୁ ଆହୁରି ଜଟିଳ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏଥିରେ ଏକାଧିକ ଦେଶ ପରିସ୍ପର ସହ ହାତ ମିଳାଇଛନ୍ତି। ଏହା ପରିବର୍ତ୍ତୀ ପରିସ୍ଥିତିରେ ଏକ ମହାଯୁଦ୍ଧରେ ପରିଣତ ହେବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ସେଥିପାଇଁ ଜାତିସଂଘ ମହାସଚିବ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ଆହ୍ୱାନ କରିଛନ୍ତି। କିନ୍ତୁ ଜାତିସଂଘ କଥା କେହି ଶୁଣିବା ଅବସ୍ଥାରେ ନାହାଁନ୍ତି। ସମସ୍ତେ ପ୍ରତିହିଂସା ଓ ପ୍ରତିଶୋଧର ନିଆଁରେ ଜଳୁଛନ୍ତି। ପରିଣାମ କଥା କେହି ଚିନ୍ତା କରୁ ନାହାଁନ୍ତି। ବିନା ଦୋଷରେ ସାଧାରଣ ନାଗରିକ, ନିରୀହ ବ୍ୟକ୍ତି ଦଣ୍ଡ ଭୋଗୁଛନ୍ତି। କିଛି ବ୍ୟକ୍ତି ସାଧାରଣ ଲୋକଙ୍କୁ ମୌଳବାଦ ଚିନ୍ତାଧାରାରେ ପ୍ରଭାବିତ କରୁଛନ୍ତି। ହେଜବୁଲ୍ଲା, ହମାସ, ହାଉଦି ଏସବୁ ସଙ୍ଗଠନ ମାନବିକତା ବିରୋଧୀ ଏବଂ ବିଶ୍ୱ ସମୁଦାୟ ପ୍ରତି ବିପଦ। ଏମାନଙ୍କୁ ସମୂଳେ ଧ୍ୱଂସ କରାଯିବା ଉଚିତ। ମଧ୍ୟପ୍ରାଚ୍ୟରେ ଯେପରି ପରିସ୍ଥିତି ସୃଷ୍ଟି ହୋଇଛି ତାହା ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି କରିଛି। ଏହା ଦ୍ୱାରା ତୈଳ ଦର ବଢ଼ିବ ଏବଂ ସାରା ବିଶ୍ୱରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ। ଭାରତ ମଧ୍ୟରେ ଏଥିରେ ପ୍ରଭାବିତ ହୋଇପାରେ। ଏଥିଲାଗି ପ୍ରସ୍ତୁତ ରହିବା ଉଚିତ। କରୋନା ମହାମାରୀ ପ୍ରଭାବରୁ ଏବେ ଆମେ ମୁକୁଳିଛୁ। ପରେ ପରେ ୟୁକ୍ରେନ-ରଷିଆ ଯୁଦ୍ଧ ଆମ ଅର୍ଥନୀତିକୁ ଅନେକାଂଶରେ ପ୍ରଭାବିତ କରିଛି। ଏବେ ଆଉ ଏକ ଯୁଦ୍ଧର ବୋଝ ସହିବା ସମ୍ଭବ ନୁହେଁ।

## ସମ୍ପାଦକଙ୍କୁ ପତ୍ର

### ଜନମଙ୍ଗଳ ନାମରେ ଅର୍ଥର ଦୁରୂପଯୋଗ

*ମହାଶୟ,*

ଭାରତରେ ଜନମଙ୍ଗଳକୁ ସରକାର ପ୍ରାଥମିକତା ଦିଅନ୍ତି। ସମସ୍ତଙ୍କ କଲ୍ୟାଣ ହେଉଛି ସରକାରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। ସବୁବେଳେ ଲାଭ କ୍ଷତି ଦେଖାଯାଏନି। ଲୋକଙ୍କ ଟିକସ ଅର୍ଥକୁ ସେମାନଙ୍କ ବିକାଶ ଏବଂ କଲ୍ୟାଣ ଯୋଜନାରେ ବ୍ୟୟ କରାଯାଏ। ସମସ୍ତଙ୍କୁ ସୁରକ୍ଷା ସହିତ ସର୍ବନିମ୍ନ ମୌଳିକ ସୁବିଧା ଯେପରି ମିଳିପାରିବ ତାହାକୁ ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ବିଶେଷ କରି ଯୋଗାଯୋଗ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ସମସ୍ତଙ୍କୁ ସୁଯୋଗ ମିଳିବା ଉଚିତ। କିନ୍ତୁ ଅନେକ ସମୟରେ ଦେଖାଯାଉଛି ସରକାର ସଂକୀର୍ଣ୍ଣ ଭୋଟ ବ୍ୟାଙ୍କ ନିମନ୍ତେ କଲ୍ୟାଣକାରୀ ଯୋଜନା ନାମରେ ରାଜସ୍ୱ ଅର୍ଥକୁ ବରବାଦ କରୁଛନ୍ତି। ନବୀନ ସରକାର ମାଗଣା ରାସନ ସହିତ ସମସ୍ତଙ୍କୁ ଦୁଇଟି ଝୋଟ ବ୍ୟାଙ୍କ ସହିତ ହଜାରେ ଟଙ୍କା ଲେଖାଏଁ ଦିଆଗଲା। ଏହା ଜନକଲ୍ୟାଣ ନୁହେଁ, ଜନତାଙ୍କ ଟିକସ ଅର୍ଥର ଦୁରୂପଯୋଗ। ଏବେ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଦିଆଯାଉଥିବା ଟଙ୍କା ମଧ୍ୟ ଏକ ବଡ଼ ଅପବ୍ୟୟ। ଅନେକ ଥିଲା ବାଲା ଲୋକଙ୍କ ପରିବାରକୁ ମଧ୍ୟ ଏହି ଅର୍ଥ ମିଳୁଛି। ସେମାନେ ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟ କରୁଛନ୍ତି। ତା' ଛଡ଼ା ଏଭଳି ଟଙ୍କା ଆବଣ୍ଟନ କଦାପି ଜନକଲ୍ୟାଣ ନୁହେଁ। ଏହା ପରିବର୍ତ୍ତେ ମହିଳାଙ୍କୁ ନିଯୁକ୍ତି ସୁଯୋଗ ଦିଆଯିବା ଉଚିତ। ଲୋକେ ନିଜ ଯୋଗ୍ୟତା ଏବଂ ସାମର୍ଥ୍ୟ ଅନୁଯାୟୀ ସତ ଉପାୟରେ ରୋଜଗାର କରିବାକୁ ସୁଯୋଗ ପାଇବା ଉଚିତ। ଲୋକଙ୍କୁ ଟିକସ ନାମରେ ଶୋଷଣ କରି ଟଙ୍କା ବାଣ୍ଟିବା କଦାପି ସ୍ୱାଗତଯୋଗ୍ୟ ନୁହେଁ। ଉତ୍ପାଦନ ବୃଦ୍ଧି ଓ ନିଯୁକ୍ତିକୁ ସରକାର ପ୍ରାଥମିକତା ଦେବା ଉଚିତ।

**ମହେଶ୍ୱର ମଙ୍ଗରାଜ**
**ନିଆଳି, କଟକ**

# ସହିଦ ଭଗତ ସିଂଙ୍କ ସ୍ୱପ୍ନର ଭାରତ



**ଆଶୁତୋଷ ନାୟକ**

ଏ ବର୍ଷ ଆମେ ୭୭ ତମ ସ୍ୱାଧୀନତା ଦିବସ ପାଳନ କରିଛୁ। ଏହା ଆମ ୧୪୦ କୋଟି ଭାରତୀୟ ମାନଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ଦୀର୍ଘ ୨୦୦ ବର୍ଷରୁ ଅଧିକ ବର୍ଷ ପର୍ଯ୍ୟନ୍ତ ଅହଙ୍କାରୀ ନିଷ୍ଠୁର ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ଏକତା ଓ ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିବା। ସେମାନେ ଜାଣି ଶୁଣି ବିଭିନ୍ନ ସମ୍ପ୍ରଦାୟ ଯେପରିକି ହିନ୍ଦୁ, ମୁସଲିମ, ଶିଖି ଓ ଈଶାଇ ମଧ୍ୟରେ ବିବାଦର ସୂତ୍ରପାତ କରାଉଥିଲେ। ସେମାନଙ୍କ ମନ ଭିତରେ ହିଂସା ପ୍ରତିଶୋଧର ବହ୍ନି ପ୍ରଜ୍ୱଳିତ କରାଇବା ଓ ଧର୍ମ ଜାତି ଆଧାରରେ ଆମ ଦେଶକୁ ବିଭାଜିତ କରିବା, ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ନିଜର ମନ୍ଦ ଉଦ୍ଦେଶ୍ୟ କୁ ଚରିତାର୍ଥ କରିବା ପାଇଁ ଇଂରେଜ ମାନେ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ନିଜର କଳ, ବଳ ଓ କୌଶଳ ପ୍ରୟୋଗ କରିଥିଲେ। ଅନେକାଂଶରେ ସେମାନେ ନିଜ ଯୋଜନାରେ ସଫଳ ହୋଇଥିଲେ। ସାମାନ୍ୟ କିଛି ଅର୍ଥ ଓ କ୍ଷମତା ଲୋଭରେ କିଛି ବ୍ୟକ୍ତି ବିଶ୍ୱାସଘାତ କରି ଆମ ସ୍ୱାଧୀନତା ପାଇବାର ଆଶାକୁ ଶିଥିଳ କରୁଥିଲେ। ସେହି ଦେଶଦ୍ରୋହୀ ମଧ୍ୟରେ ମୀରଜାଫର, ଜୟଚନ୍ଦ୍ର, ଜୟ ଗୋପାଳ ଭଳି, , କିଛି ବିଶ୍ୱାସଘାତକ ଥିଲେ ଯାହା ନୃଶଂସ ଅଧର୍ମୀ ଆତ୍ମଗର୍ବୀ ଅହଙ୍କାରୀ ଇଂରେଜମାନଙ୍କୁ ଧରି ୨୦୦ ବର୍ଷ ଧରି ଆମ ଦେଶର ଲୋକମାନଙ୍କୁ ଗୁଲାମ ଓ ପରାଧୀନ କରି ରଖିବାରେ ସହାୟ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ ଓ ବଳିଦାନ ଦ୍ୱାରା ମାତୃଭୂମି ଭାରତ ଅହଙ୍କାରୀ, ଅଧର୍ମୀ, ନିଷ୍ଠୁର, ହିଂସ୍ର ଓ ଅତ୍ୟାଚାରୀ ଇଂରେଜ ମାନଙ୍କର ଗୁଲାମୀରୁ ମୁକ୍ତ ହୋଇପାରିଛି। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି, ଭଗତ ସିଂ, ଜୟୀ ରାଜଗୁରୁ, ଶୁକଦେବ, ସୁବାଷ ବୋଷ, ତାନ୍ତିଆ ଟୋପେ, ରାଣୀ ଲକ୍ଷ୍ମୀବାୟୀଙ୍କ ଅବଦାନ ଅତୁଳନୀୟ ଯାହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ। ଇତିହାସର ପୃଷ୍ଠାକୁ ଆମେ ଯଦି ଅବଲୋକନ କରିବା ଦେଖିବା ଅନେକ ବିଦ୍ୱାନ ବ୍ୟକ୍ତି ଏହା ମତ ବ୍ୟକ୍ତ କରିଛନ୍ତି କି 'ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅହିଂସା ନୀତିକୁ ପାଥେୟ କରି ଆମେ ସ୍ୱାଧୀନତା ହାସଲ କରିଥିଲୁ ଏବଂ ପରାଧୀନ ଶିକୁଳିରୁ ଆମେ ମୁକ୍ତ ହୋଇଥିଲୁ'। 'କେବଳ ଗାନ୍ଧିଜୀଙ୍କର ଅହିଂସା ନୀତି ବଳରେ ଆମେ ସ୍ୱାଧୀନତା ହାସଲ କରିପାରିଥିଲୁ'ଏହା କହିବା ସହିଦ ଭଗତ ସିଂ ଶୁକଦେବ, ରାଜଗୁରୁ, ସୁବାଷ ବୋଷଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କର ବଳିଦାନର ଅପମାନ ହେବ।

ଜାତିର ପିତା ମହାତ୍ମାଗାନ୍ଧୀ ଙ୍କ ଠାରୁ ଆରମ୍ଭ କରି ସହିଦ ଭଗତ ସିଂ, ପ୍ରଯ୍ୟନ୍ତ ସବୁ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ର ଅପ୍ରାଣ ଉଦ୍ୟମ, ମାତୃଭୂମି ପାଇଁ ନିସ୍ୱାର୍ଥପର ଭଲପାଇବା, ତ୍ୟାଗ, ବଳିଦାନ କୁ ପାଥେୟ କରି ଆମ ଦେଶ ଇଂରେଜ ମାନଙ୍କ ଗୁଲାମୀ ରୁ ମୁକ୍ତ ହୋଇଥିଲା। ଆମ ଦେଶ କୁ ସ୍ୱାଧୀନ କରିବାରେ ଉଭୟ ଚରମପନ୍ଥୀ ଓ ନରମପନ୍ଥୀ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ର ଅବଦାନ ରହିଛି ଏଥିରେ ତିଳେମାତ୍ର ସନ୍ଦେହ ର ଅବକାଶ ନାହିଁ। ଇତିହାସ ର ପୃଷ୍ଠାକୁ ଅବଲୋକନ କଲେ ଯେଉଁ କେତେ ଜଣ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ର ବୀରତ୍ୱ ଓ ସାହସୀକତା ର ଗାଥା ସଦା ସର୍ବଦା ଯୁବ ସମାଜ ପାଇଁ ପ୍ରେରଣାଦାୟୀ ହୋଇ ରହିଛି। ସେମାନଙ୍କ ମଧ୍ୟରେ ସହୀଦ ଭଗତ ସିଂ, ଅନ୍ୟତମ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଙ୍କ ମଧ୍ୟରୁ ସବୁଠାରୁ ବ୍ୟାପକ ଓ ଦୀର୍ଘସ୍ଥାୟୀ ପ୍ରଭାବ ବିସ୍ତାର କରିଥିବା ଏବଂ ଯୁବ ସମାଜ ପାଇଁ ପ୍ରେରଣା ର ଉର୍ସ ଥିଲେ ସହୀଦ ଭଗତ ସିଂ। ମାତ୍ର ୨୩ ବର୍ଷ ର ଥିବା ସମୟ ରେ ସେ ନିଜର ଜୀବନ କୁ ଦେଶମାତୃକାର ସେବା ପାଇଁ ଉତ୍ସର୍ଗୀକୃତ କରିଥିଲେ ଏବଂ ହସି ହସି ଫାଶୀ ଖୁଣ୍ଟ ରେ ଝୁଲି ଯାଇଥିଲେ। ମାନବ ସଭ୍ୟତା ଥିବା ପ୍ରଯ୍ୟନ୍ତ ସହୀଦ ଭଗତସିଂ ଙ୍କ ବୀରତ୍ୱ ର ଗାଥା, ତ୍ୟାଗ ଓ ବଳିଦାନ ଇତିହାସ ର ସ୍ୱର୍ଣ୍ଣ ଅକ୍ଷର ରେ ଲିପିବଦ୍ଧ ହୋଇ ହୋଇ ରହିବ।

୨୩ ବର୍ଷ ବୟସ ରେ ଅଧିକାଂଶ ଯୁବକ ନିଜ ଜୀବନ ର ଅର୍ଥ ଓ ଧନ ସମ୍ପତି ଖୋଜିବା ରେ ବ୍ୟସ୍ତ ଥିବା ବେଳେ ଭଗତ ସିଂ ସେହି ବୟସ ବେଳକୁ ବୀରତ୍ୱ, ଦେଶପ୍ରେମ ଓ ବଳିଦାନ ର ସର୍ବୋତ୍ତମ ଉଦାହରଣ ସୃଷ୍ଟି କରି ଅମର ହୋଇ ସାରିଥିଲେ। ସେ ୧୯୦୭ ମସିହା ସେପ୍ଟେମ୍ବର ମାସ ୨୮ ତାରିଖ ରେ ପଞ୍ଜାବ ର ବଙ୍ଗା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତୁଳସୀ ଦୁଇ ପତ୍ର ରୁ ବାସିଲା ପରି ତାଙ୍କର ଦେଶପ୍ରେମ ର ନିଦର୍ଶନ ବାଲ୍ୟ କାଳରୁ ପରିଲକ୍ଷିତ ହୋଇଥିଲା। ସେତେବେଳେ ସମସ୍ତେ ଉତ୍ତମ ଶିକ୍ଷା ପାଇଁ ଲାହୋର ର ବ୍ରିଟିଶ ସ୍କୁଲ ରେ ପଢିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ବେଳେ, , ଭଗବତ ସିଂ, ବ୍ରିଟିଶ ଶିକ୍ଷା ଅନୁଷ୍ଠାନ ରେ

ପଢିବାକୁ ଅନିଚ୍ଛା ପ୍ରକାଶ କରି ଥିଲେ ଏବଂ ଆର୍ଯ୍ୟ ସମାଜ ଦ୍ୱାରା, ପରିଚାଳିତ ସ୍କୁଲ ଓ ପରେ ଲାଲା ଲାଜପତ ରାୟ ଙ୍କ ଦ୍ୱାରା ସ୍ଥାପିତ ନେସନାଲ କଲେଜ ରେ ଭର୍ତ୍ତି ହୋଇଥିଲେ। ମାତ୍ର ୧୨ ବର୍ଷ ର ହୋଇଥିବା ବେଳେ, ସେ ଜାଲିଆନବାଗ ଗଣହତ୍ୟା ର କିଛି ଘଣ୍ଟା ପରେ ଦୀର୍ଘ ୫୦ କିଲମିଟର ର ଯାତ୍ରା ପାଦ ରେ ଚାଲି ଚାଲି ଘଟଣା ସ୍ଥଳେ ପହଂଚି ଥିଲେ। ହଜାର ହଜାର ମୃତ ଦେହର ହୃଦୟ ବିଦାରକ ଦୃଶ୍ୟ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ସେ ଗାନ୍ଧିଜୀ ଙ୍କ ଅସହଯୋଗ ଆନ୍ଦୋଳନ ର ଘୋଷଣା ପରେ ଉତ୍ସାହିତ ହୋଇ ଅଂଶ ଗ୍ରହଣ କରିଥିଲେ।

କିନ୍ତୁ ୧୯୨୨ ର ଚଉରୀ ଚଉରା ଘଟଣା ପରବର୍ତ୍ତୀ, ଗାନ୍ଧିଜୀ ଙ୍କ ନିଷ୍ପତି ତାଙ୍କୁ ନିରାଶ କରିଥିଲା। ୧୯୨୮ ରେ ଇଂରେଜ ମାନଙ୍କ ଲାଠି ମାଡ଼ରେ ଆହତ ହୋଇ ଲାଲା ଲାଜପତ ରାୟ ଙ୍କ ମୃତ୍ୟୁ ଘଟିବା ପରେ, ଭଗତସିଂ ଗାନ୍ଧିଜୀ ଙ୍କର ଅହିଂସାତ୍ମକ ନୀତି ପରିବର୍ତ୍ତେ, ହିଂସାତ୍ମକ ନୀତି ଆପଣେଇବା ଉଚିତ ବୋଲି ମନେକରିଥିଲେ, ଲାଲା ଲାଜପାତ ରାୟ ଙ୍କ ମୃତ୍ୟୁ ର ପ୍ରତିଶୋଧ ନେବାପାଇଁ, ଶିବରାମ ରାଜଗୁରୁ, ସୁଖଦେବ ଥପର ଓ ଚନ୍ଦ୍ରଶେଖର ଙ୍କ ଶହ ମିଶି ଏକ ବ୍ରିଟିଶ ପୋଲିସ ଙ୍କୁ ଅଧିକାରୀ ଙ୍କୁ ହତ୍ୟା କରିଥିଲେ। ଇଂରେଜ ମାନେ ଯୋଜନା ବଦ୍ଧ ଭାବରେ ଷଡ଼ଯନ୍ତ୍ର କରି ଭଗତ ସିଂ, ସୁଖଦେବ, ରାଜଗୁରୁ ଙ୍କୁ ୨୩ ମାର୍ଚ୍ଚ ୧୯୩୧ ମସିହା ସନ୍ଧ୍ୟା ପ୍ରାୟ ୭:୩୩ଘଣ୍ଟା ରେ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ। ଫାଶୀ ଖୁଣ୍ଟ ଅଭିମୁଖେ ଯିବାବେଳେ, , ସେମାନଙ୍କ ମୁଖରୁ ଇଂକଲାବ ଜିନ୍ଦାବାଦ ର ନାରା ଗୁଞ୍ଜରିତ ହୋଇଥିଲା।

ଆମ ଦେଶକୁ ସ୍ୱାଧୀନ ହେବାର ୭୭ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ଆମ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, କଳକାରଖାନା ରାସ୍ତାଘାଟ, ରେଳପଥ ସଡ଼କପଥ, ବିମାନ, ଅତ୍ୟାଧୁନିକ, ଜ୍ଞାନକୌଶଳ ରେ ନିର୍ମିତ କୃଷି ଉପକରଣ, ପ୍ରତିରକ୍ଷା ବିଭାଗରେ ଉନ୍ନତ ଜ୍ଞାନକୌଶଳ ରେ ନିର୍ମିତ କ୍ଷେପଣାସ୍ତ୍ର, ଟ୍ୟାଙ୍କ, ରକେଟ, ଯୁଦ୍ଧ ବିମାନ, ଯେପରିକି ରାଫେଲ ଯାହାକି ଅତି ଉନ୍ନତ ଶକ୍ତିଶାଳୀ ଯୁଦ୍ଧ ବିମାନ, ଫ୍ରାନ୍ସ ରୁ ଆମ ଦେଶ କ୍ରୟ କରିଥିଲା, ଏହାଛଡା ଶକ୍ତିଶାଳୀ ଯୁଦ୍ଧ ବିମାନ କ୍ଷେପଣାସ୍ତ୍ର ଆମେରିକା ଭଳି ରାଷ୍ଟ୍ର ରୁ ଆଣିବା ରେ ସକ୍ଷମ ହୋଇପାରିଛୁ,

ଏହା ଆମ ପ୍ରତିରକ୍ଷା ଓ ସାମରିକ ଶକ୍ତି ବୃଦ୍ଧି କରିବାରେ ସହାୟ ହୋଇଛି। କୌଣସି ଶକ୍ତି ଆମ ଦେଶର ଅଖଣ୍ଡତା ଓ ନିରାପତ୍ତା ପ୍ରତି ବାଧା ସୃଷ୍ଟି କରିଲେ ଆମ ଲଢୁଆ ବୀର ତଥା ଶକ୍ତିଶାଳୀ ସେନା ଏହାକୁ ପ୍ରତିରୋଧ କରିବା ସହିତ ତାର ଉଚିତ୍ ଜବାବ୍ ଦେଉଛି।ଅଗଷ୍ଟ ୨୩, ସନ୍ଧ୍ୟା ୬ ଟା ୪ ମିନିଟ ରେ ଚନ୍ଦ୍ରଯାନ - ୩ ସମ୍ପୂର୍ଣ୍ଣ ଭାବରେ ଚନ୍ଦ୍ର ପୃଷ୍ଠ ଅବତରଣ କରିଛି। ଆମ ଦେବଭୂମି, ପୁଣ୍ୟଭୂମି, ମାତୃଭୂମି ଭାରତ ବିଶ୍ୱ ଇତିହାସ ରେ ଆଉ ଏକ ବିରଳ ଦୃଷ୍ଟାନ୍ତ ପ୍ରଦର୍ଶନ କରିବାକୁ ଏକାକୀ ସକ୍ଷମ ହେଇଛି। ଏହା ୧୪୦ କୋଟି ଭାରତୀୟ ଲୋକ ଙ୍କ



ପାଇଁ ନିଶ୍ଚିତ ଭାବରେ ଐତିହାସିକ ମୁହୂର୍ତ୍ତ। ଆମ ଦେଶର ମହାକାଶ ଗବେଷଣା ସଂଗଠନ ଇସ୍ରୋ ର (ଓଖଜଙ )ବୈଜ୍ଞାନିକ ମାନେ ରେକର୍ଡ ପରେ ରେକର୍ଡ ସ୍ଥାପନ କରିବାକୁ ଯାଉଛନ୍ତି। ଚନ୍ଦ୍ରୟାନ - - ୩ ସଫଳ ହେବା ପରେ, ଆଦିତ୍ୟ -ଖ୧ ମିଶନ (ସୂର୍ଯ୍ୟ ଙ୍କ ଗବେଷଣା କରିବାରେ ), ଗଗନାୟାନ( ଅନ୍ତରୀକ୍ଷ ଉପରେ ଗବେଷଣା) ଏବଂ ଶୁକ୍ରାୟାନ (ଶୁକ୍ର ଗ୍ରହ ଉପରେ ଗବେଷଣା ), ମଙ୍ଗଳାୟାନ (ମଙ୍ଗଳଗ୍ରହ ଉପରେ ଗବେଷଣା) ର ଲକ୍ଷ ନେଇ ଆଗକୁ ଅଗ୍ରସର ହେଉଛନ୍ତି। ନିକଟ ଭବିଷ୍ୟତ ରେ ଇସ୍ରୋ ର ବୈଜ୍ଞାନିକ ମାନେ ଏହି ମିଶନ ଗୁଡ଼ିକ ର ସଫଳ ରୂପାୟନ କରିବେ, ଏହା ଜଗତ ର ନାଥ ଜଗନ୍ନାଥ ଙ୍କ ନିକଟରେ ମୋର ବିନମ୍ର ପ୍ରାର୍ଥନା

ମାତ୍ର ୬୧୫ କୋଟି ଟଙ୍କା ବ୍ୟୟ ରେ ନିର୍ମିତ ଚନ୍ଦ୍ରୟାନ -୩ ସମଗ୍ର ବିଶ୍ୱ କୁ ଆଚମ୍ବିତ କରିଛି। କିନ୍ତୁ ଅତି ଦୁଃଖ ପରିତାପର ବିଷୟ ଏହିକି ଯେ ମହାନ ଦେଶପ୍ରେମୀ ସହିଦ ଭଗତ ସିଂଙ୍କ ସୁନାର ଭାରତ ସ୍ୱପ୍ନ ଏବେବି ଅଧୁରା ଅଛି। ଏବେବି ସାଧାରଣ ଗରିବ ଓ ମଧ୍ୟବର୍ତ୍ତୀ ବର୍ଗ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରତି ମୁହୂର୍ତ୍ତରେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ସଂଘର୍ଷ କରୁଛନ୍ତି। ତାଙ୍କ ସହିତ ହେଉଥିବା ଅନ୍ୟାୟକୁ ସହ୍ୟ କରିନପାରି, , ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହେଉଛନ୍ତି। ଏଥିପାଇଁ ଆମ ଦେଶର ସରକାରି କଳରେ ଉଦାସୀନତା ଓ ଭ୍ରଷ୍ଟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଦାୟୀ।

ଏନ୍‌ସିଆର୍‌ବିର ରିପୋର୍ଟ ଅନୁସାରେ 'ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ଯେପରି ଧର୍ଷଣ, ଗଣ ଦୁଷ୍କର୍ମ, ମର୍ଡର, ଶାରୀରିକ ଓ ମାନସିକ ନିର୍ଯ୍ୟାତନା ହାର ୬୪. ୫ %(୧ ଲକ୍ଷ ଜନସଂଖ୍ୟାର ପରିଧି ମଧ୍ୟରେ )। ଏହା ବିଂଶ ଶତାବ୍ଦୀର ସଭ୍ୟ ସମାଜରେ ବିକାଶ ର ପରିପନ୍ଥୀ ! ଏନ୍‌ସିଆର୍‌ବି ୨୦୨୧ର ଆଉ ଏକ ରିପୋର୍ଟ ଅନୁସାରେ ପ୍ରତିଦିନ ଆମ ଦେଶର ୮୬ ଜଣ ମହିଳା ଧର୍ଷଣର ଶିକାର ହେଉଛନ୍ତି ଏବଂ ୪୯ ଜଣ ମହିଳା ଦୁର୍ବ୍ୟବହାର ସାମ୍ନା କରୁଛନ୍ତି, ପ୍ରତି ଘଣ୍ଟାରେ ଭାରତରେ କୋଣ ଅନୁକୋଣରେ ଏପରି ଘଟୁଛି। ୨୦୨୦ ରେ ଦିଲ୍ଲୀ ନିର୍ଭୟା ଗଣଦୁଷ୍କର୍ମ, ୨୦୧୯ ରେ ହାଇଦ୍ରାବାଦରେ ୨୬ ବର୍ଷିଆ ମହିଳା ପଶୁ ଚିକିତ୍ସୀକା ଗଣଧର୍ଷଣ ଓ ୧୯ ବର୍ଷିଆ

ଉତ୍ତର ପ୍ରଦେଶର ହାତ୍ରାସରେ ଜଣେ ମହିଳା ଗଣଧର୍ଷଣ ଭଳି ଅମାନୁଷିକ କାର୍ଯ୍ୟରେ ଶିକାର ହୋଇଥିଲେ।ଏହିପରି ଅନେକ ଘଟଣା ଆମ ଦେଶର ଜନସାଧାରଣଙ୍କୁ ସ୍ତବ୍ଧ କରିଦେଉଛି। ଏହି ସବୁ ଘଟଣା ଅତ୍ୟନ୍ତ ବିଭତ୍ସ ଓ ଲୋମହର୍ଷଣକାରୀ ଅଟେ।ଆମ ଦେଶରେ ବାରମ୍ବାର ଏହିପରି ଘଟଣର ପୁନରାବୃତ୍ତି ଘଟିବା ବିଡ଼ମ୍ବନାର ବିଷୟ। ଆମ ଦେଶର କ୍ଷମତା ଲୋଭି ରାଜନେତା ଆରୋପ ପ୍ରତ୍ୟାରୋପ କାଦୁଆ ଫିଙ୍ଗା ରାଜନୀତିରେ ବ୍ୟସ୍ତ।ଧର୍ଷଣ ଗଣଧର୍ଷଣ ମହିଳାଙ୍କ ପ୍ରତି ଅତ୍ୟାଚାର ଦିନକୁ ଦିନ କମିବା ବଦଳ ରେ ବଢିବାରେ ଲାଗିଛି। ନୂତନ ଭାରତ ଶିକ୍ଷିତ ଲୋକେ ଏଥିପ୍ରତି ଉଦାସୀନ ନହୋଇ ସଚେତନ ହେଲେ ଆମ ଦେଶର ସ୍ୱପ୍ନ ପୂରଣ ହେବ।' ଯତ୍ର ପୂଜ୍ୟତେ ନାରୀ ତତ୍ର ତିଷ୍ଟନ୍ତି ଦେବତା'।।।

ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟ ସଭାରେ ଦେଇଥିବା ମନ୍ତବ୍ୟ ଆଧାର ରେ, ବର୍ତ୍ତମାନ ଆମ ଦେଶ ରେ ପାଖା ପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟ ରେ ବିଚାରଧୀନ ଅଛି। ଭାରତର ସର୍ବୋଚ୍ଚ ଆଦାଲତ (ସୁପ୍ରିମକୋର୍ଟ) ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚାରଧୀନ ଅଛି। ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇ କୋର୍ଟ ରେ ୫୯ ଲକ୍ଷ ମାମଲା ଏବେବି ବିଚାରଧୀନ ଅଛି। ଏହିସବୁ ମାମଲା ର ତୁରନ୍ତ ବିଚାର ପାଇଁ ଆମ ସରକାର ଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନା ର ବିଷୟ। ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଲୋକ ନ୍ୟାୟ ପାଇବା ରୁ ବଂଚିତ ହେଉଛନ୍ତି। ଦିନକୁ ଦିନ ସାଧାରଣ ଜନ ସାଧାରଣ ଆମ ସରକାର ଓ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି। ବର୍ତ୍ତମାନ ଆମ ଦେଶ ର ମଣିପୁର ଘଟଣା କୁ ଯଦି ଆମେ ବିଚାର କୁ ନେବା ସେଠାରେ ୨ ସମୁଦାୟ ହିନ୍ଦୁ ବହୁଳ ମୈତି ଏବଂ ଅଳ୍ପ ସଂଖକ କୁକୀ ମଧ୍ୟରେ ବିବାଦ ଉଗ୍ର ରୂପ ଧାରଣ କରିଛି, ଯାହାକି ୧୮୧ ରୁ ଉର୍ଦ୍ଧ୍ୱ ନିରହ ଜନ ସାଧାରଣ ଙ୍କ ବହୁମୂଲ୍ୟ ଜୀବନ ଚାଲିଯାଇଛି। ଦୁଇ ଜନ ଜାତି ମଧ୍ୟରେ ହିଂସା କାରଣ ରୁ ମଣିପୁର ରେ ଏବେବି ବିଭିନ୍ନ ରିଲିଫ କ୍ୟାମ୍ପ ରେ ୫୪୪୮ ରୁ ଉର୍ଦ୍ଧ୍ୱ ଲୋକ ରହୁଛନ୍ତି। ସେମାନଙ୍କ ଦୁର୍ଦ୍ଦଶା ନ କହିବା ଭଲ, ସେମାନେ ପ୍ରତି ମୁହୂର୍ତ୍ତ ରେ, ଭୟଭୀତ ଅବସ୍ଥାରେ ରହୁଛନ୍ତି।

୭ ଜଣ କୁକୀ ଆଦିବାସୀ ସମ୍ପ୍ରଦାୟ ର ମହିଳା ମଣିପୁର ରେ ଧର୍ଷଣ ରେ ଶିକାର ହୋଇଛନ୍ତି। ଦୀର୍ଘ ୭୭ ଦିନ ପରେ ମଣିପୁର ସରକାର ଓ ପୁଲିସ ପ୍ରଶାସନ ର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହୋଇଥିଲା ଏବଂ ଧର୍ଷଣ ଘଟାଇଥିବା ମୁଖ୍ୟ ଖଳନାୟକ କୁ ପୁଲିସ ଧରିବା ରେ ସକ୍ଷମ୍ ହୋଇଥିଲା। ବିଭିନ୍ନ ଜାତୀୟ ଗଣ ମାଧ୍ୟମ ରିପୋର୍ଟ ଅନୁସାରେ କିଛି ରାଜନୀତିକ ଦଳ ର ବ୍ୟକ୍ତିବିଶେଷ ମଣିପୁର ର ଏହି ଦୁଇ ଆଦିବାସୀ ଜନଜାତି ମଧ୍ୟରେ ହିଂସା କୁ ଉସୁକେଇବା ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନିଜର ରାଜନୈତିକ ଫାଇଦା ହାସଲ ପାଇଁ ଏହିପରି କୁକର୍ମ କରିବାକୁ କିଛି କ୍ଷମତା ପିପାସୁ ରାଜନେତା ପଛଘୁଞ୍ଚା ଦେଉ ନାହାଁନ୍ତି। ଏହା ସତରେ ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁଃଖଦାୟକ। ବର୍ତ୍ତମାନ ଆମ ଦେଶ ର ରାଜନୀତି ର ସ୍ତର ଧୀରେ ଧୀରେ ଅତି ନିମ୍ନଗାମୀ ହେଉ ଚାଲିଛି। ସାମାନ୍ୟ କିଛି ଟଙ୍କା କ୍ଷମତା ଲୋଭ ରେ, ଆଜିର ରାଜନେତା ଯେ ଯେକୌଣସି ସ୍ତର କୁ ଯାଇ ପାରନ୍ତି, ଏଥିରେ ସନ୍ଦେହ ର ଅବକାଶ ନାହିଁ। ସ୍ୱାଧୀନତା ପୂର୍ବରୁ ଲାଲବାହୁଦୂର ଶାସ୍ତ୍ରୀ ଙ୍କ ଭଳି ରାଜନେତା ଏବଂ ବର୍ତ୍ତମାନ ର ରାଜନେତା ଙ୍କ ମଧ୍ୟରେ ଆକାଶ ପାତାଳ ର ଫରକ ଦୃଶ୍ୟମାନ ହୁଏ। ସ୍ୱାଧୀନତା ପୂର୍ବରୁ ରାଜନେତା ତ୍ୟାଗ ଓ ଦେଶ ପ୍ରେମ ର ଜ୍ୱଳନ୍ତ ଉଦାହରଣ ଥିଲେ, ବର୍ତ୍ତମାନ ର ରାଜନେତା ସାମାନ୍ୟ ଅର୍ଥ ଓ କ୍ଷମତା ହାସଲ କରିବା ପାଇଁ, ଦଙ୍ଗାକୁ ଉସକାଇବା ଓ ନିଜର ରାଜନୀତିଜ୍ଞ ବିରୋଧୀଙ୍କୁ ମାରିବାକୁ ମଧ୍ୟ ପଛ ଘୁଞ୍ଚା ଦେଉନାହାନ୍ତି। ମିଛ ପ୍ରତିଶ୍ରୁତି, ମିଛ ଆଶ୍ୱସନା ଦେଇ ଭୋଟ ହାତେଇବା ରେ ସେମାନେ ସିଦ୍ଧହସ୍ତ।

ପରିଶେଷରେ ଆମ ଦେଶର ସମସ୍ତ ରାଜନେତାମାନଙ୍କୁ ମୋର ହାତ ଯୋଡି ବିନମ୍ର ଅନୁରୋଧ ଯେ ନିଜର ରାଜନୈତିକ ମହତ୍ତ୍ୱ କାଂକ୍ଷା ରୁ ଉପରକୁ ଉଠି ମିଳିମିଶି ସମସ୍ତେ ଆମର ଦେଶର ବିକାଶ ଓ ପ୍ରଗତି ପାଇଁ ଯଥାସମ୍ଭବ ଚେଷ୍ଟାକରନ୍ତୁ ଏବଂ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଅସହାୟ ନୀରିହ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କର କଲ୍ୟାଣ ପାଇଁ ସବୁପ୍ରକାରର ଉଦ୍ୟମ କରନ୍ତୁ। ଯାହାଦ୍ୱାରା ଆମ ଦେଶ ବିକାଶ ପଥରେ ଅଗ୍ରସର ହେବ ଏବଂ ବିଶ୍ୱବାସୀଙ୍କ ଲାଗି ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିବ ନ ହେଲେ ଦେଶପ୍ରେମୀ ସହିଦ ଭଗତ ସିଂ ଭଳି ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ତ୍ୟାଗ ଓ ବଳିଦାନ ପ୍ରତି ଏହା ଅପମାନ ହେବ। ସହିଦ ଭଗତ ସିଂହଙ୍କ ସୁନାର ଭାରତର ସ୍ୱପ୍ନ ସେତେବେଳେ ସାକାର ହେବ ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା, ଉତ୍ତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତି ର ସୁଯୋଗ ସରକାରୀ ଏବଂ ବେସରକାରୀ ପକ୍ରିୟା ରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ। ଏହା ସମସ୍ତ ଙ୍କ ମିଳିତ ସହଯୋଗ ରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହ ର ଅବକାଶ ନାହିଁ। ପରିଶେଷରେ ଆମ ଦେଶର ସମସ୍ତ ରାଜନେତାମାନଙ୍କୁ ମୋର ହାତ ଯୋଡି ବିନମ୍ର ଅନୁରୋଧ ଯେ ନିଜର ରାଜନୈତିକ ମହତ୍ତ୍ୱ କାଂକ୍ଷା ରୁ ଉପରକୁ ଉଠି ମିଳିମିଶି ସମସ୍ତେ ଆମର ଦେଶର ବିକାଶ ଓ ପ୍ରଗତି ପାଇଁ ଯଥାସମ୍ଭବ ଚେଷ୍ଟାକରନ୍ତୁ ଏବଂ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଅସହାୟ ନୀରିହ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କର କଲ୍ୟାଣ ପାଇଁ ସବୁପ୍ରକାରର ଉଦ୍ୟମ କରନ୍ତୁ। ଯାହାଦ୍ୱାରା ଆମ ଦେଶ ବିକାଶ ପଥରେ ଅଗ୍ରସର ହେବ ଏବଂ ବିଶ୍ୱବାସୀଙ୍କ ଲାଗି ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିବ ନ ହେଲେ ଦେଶପ୍ରେମୀ ସହିଦ ଭଗତ ସିଂ ଭଳି ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ତ୍ୟାଗ ଓ ବଳିଦାନ ପ୍ରତି ଏହା ଅପମାନ ହେବ। ସହିଦ ଭଗତ ସିଂହଙ୍କ ସୁନାର ଭାରତର ସ୍ୱପ୍ନ ସେତେବେଳେ ସାକାର ହେବ ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା, ଉତ୍ତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତି ର ସୁଯୋଗ ସରକାରୀ ଏବଂ ବେସରକାରୀ ପକ୍ରିୟା ରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ। ଏହା ସମସ୍ତ ଙ୍କ ମିଳିତ ସହଯୋଗ ରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ।


**ଗୋପାଳପୁର, ବାଲେଶ୍ୱର**
**ମୋବାଇଲ୍: ୭୦୨୦୬୧୧୩୦୦**


# ଗାନ୍ଧୀଙ୍କୁ ଆମେ କେତେ ଜାଣିଛେ ?



**ଗୋପାଳ ମହାପାତ୍ର**

ମହାତ୍ମାଗାନ୍ଧୀଙ୍କୁ ଆମେ କେତେ ବୁଝିଛେ ସେକଥା ଜାଣିବା ପାଇଁ ଆମ ମନ/ହୃଦୟ ନିର୍ମଳ ହେବା ଆବଶ୍ୟକ। ମହାନହୃଦୟ ଭିତରେ ଘୃଣାଭାବ ରଖି ଗାନ୍ଧୀଙ୍କୁ ବୁଝିହେବ ନାହିଁ। ସାଧାରଣତଃ ଏଇ ପାଠ ପଢୁଆ ସମାଜରେ ଯେତେବେଳେ ଗାନ୍ଧୀଙ୍କ କଥାକୁ ନେଇ ଚର୍ଚ୍ଚା ହୁଏ ସେତେବେଳେ ଅନେକ ଲୋକ ଭାବନ୍ତି ଯେ ବର୍ତ୍ତମାନର ସମୟରେ ଗାନ୍ଧୀଙ୍କର ଆଦର୍ଶକୁ ଆପଣେଇ ବଞ୍ଚିହେବ ନାହିଁ। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଗାନ୍ଧୀଙ୍କ ଆଦର୍ଶ କ'ଣ? ସତ୍ୟ ଅହିଁସା ଏବଂ ସଚ୍ଚୋଟତା ହିଁ ଗାନ୍ଧୀଙ୍କ ଆଦର୍ଶ। ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଏତେ ବଡ଼ ଯେ ସମୁଦ୍ର ମଧ୍ୟ ଛୋଟ ପଡ଼ିଯିବ। ଗାନ୍ଧୀଙ୍କ ବିଷୟରେ ଯେତେ ଜାଣିବାକୁ ଚାହିଁବା ସେତିକି ଅଧିକ ଅଧିକ ଜାଣିବାକୁ ପାଇବା। ଗାନ୍ଧୀ ଲୋକଙ୍କ ହୃଦୟ ପରିବର୍ତ୍ତନ ପାଇଁ ଆନ୍ଦୋଳନ କରୁଥିଲେ। ସେ କାହାରିକୁ ତାଙ୍କର ଶତୃବୋଲି ଭାବୁ ନଥିଲେ ବରଂ ଲୋକଙ୍କ ହୃଦୟରେ ଥିବା ଭୁଲ କୁ ସୁଧାରିବାର ଉଦ୍ୟମ କରୁଥିଲେ। ସେ ସବୁବେଳେ ତାଙ୍କ କଥା ଓ କାର୍ଯ୍ୟର ଆତ୍ମନିରୀକ୍ଷଣ କରୁଥିଲେ। ଏପରିକି ସେ ଯଦି ଭାବୁଥିଲେ ଯେ ତାଙ୍କ କଥା ଓ କାର୍ଯ୍ୟରେ କିଛି ଭୁଲ ରହି ଯାଇଛି ତେବେ ତାକୁ ସୁଧାରିବା ପାଇଁ ଚେଷ୍ଟା ମଧ୍ୟ କରୁଥିଲେ। ଅନେକ ସମୟରେ ସେ ସର୍ବସାଧାରଣରେ କ୍ଷମା ମାଗିବାର ନିଜର ମଧ୍ୟ ରହିଛି। ଆନ୍ଦୋଳନ କରିବା ଏପରିକି ଆନ୍ଦୋଳନକୁ ବନ୍ଦ କରିବାର ସାହାସ ମଧ୍ୟ ତାଙ୍କର ଥିଲା। ଗାନ୍ଧୀଙ୍କ ମତ ଥିଲା କାହା ଉପରେ ଚାପ ପକାଇବାର ଅର୍ଥ ହେଉଛି ହିଁସାର ଅନ୍ୟଏକ ରୂପ। ଏଇଥିପାଇଁ ଆତ୍ମସୁଧାର ପାଇଁ ସେ ଅନଶନ କରୁଥିଲେ। ଗାନ୍ଧୀଙ୍କ ଅନଶନ ହିଁ ଅନ୍ୟ ମାନଙ୍କୁ ତାଙ୍କ ଆଦର୍ଶର ପଥରେ ଚାଲିବା ପାଇଁ ଏକପ୍ରକାର ସମ୍ମତ କରାଇ ପାରୁଥିଲା। ଏ ପ୍ରସଙ୍ଗରେ ଗାନ୍ଧୀଙ୍କ ସତ୍ୟର ପ୍ରୟୋଗ ପୁସ୍ତକରେ ଅନେକ ବର୍ଣ୍ଣନା ରହିଛି।

ନେଟାଲର ଏକ ଓକିଲ ସଭାରେ ଯେତେବେଳେ ନ୍ୟାୟାଧିଶ ଗାନ୍ଧୀଙ୍କ ପ୍ରବେଶ ଉପରେ ନିଷ୍ପତ୍ତି ଶୁଣାଇଥିଲେ ଏବଂ ତାଙ୍କୁ ପଗଡ଼ି କାଢ଼ିବା ପାଇଁ କହିଥିଲେ ସେତେବେଳେ ଗାନ୍ଧୀ ସ୍ୱତଃ ପଗଡ଼ି କାଢ଼ିବା ପାଇଁ ରାଜି ହୋଇଯାଇଥିଲେ। କିନ୍ତୁ ଏଥି ପୁର୍ବରୁ ଏକ ଘଟଣାରେ ସେ ଅନେକ ଚାପ ପରେ ମଧ୍ୟ ପଗଡ଼ି କାଢ଼ିବା ପାଇଁ ମନାକରିଦେଇଥିଲେ। ଏ ପ୍ରସଙ୍ଗରେ ତାଙ୍କ ମତ ଥିଲା ନ୍ୟାୟାଳୟରେ କାର୍ଯ୍ୟ କରିବାବେଳେ ନ୍ୟାୟାଳୟର ନିୟମ ପାଳନ କରିବା ଉଚିତ୍ ଏବଂ ପଗଡ଼ି ପିନ୍ଧିବା ପାଇଁ ଅନାବଶ୍ୟକ ଦୃଢ଼ତା ତାଙ୍କ ଉଦେଶ୍ୟ ସାଧନରେ ବାଧା ସୃଷ୍ଟି କରିପାରେ। ତାଙ୍କର ଅନେକ ବନ୍ଧୁ ଏହି ବୁଝାବଣା ପାଇଁ ଗାନ୍ଧୀଙ୍କ ଉପରେ ଅସନ୍ତୁଷ୍ଟ ହୋଇଥିଲେ କିନ୍ତୁ ଗାନ୍ଧୀ ତାଙ୍କ କଥାରେ ଦୃଢ଼ଥିଲେ। ଓକିଲାତି ପେଶାରେ ଗାନ୍ଧୀ ତାଙ୍କ ପ୍ରତିପକ୍ଷଙ୍କୁ ମଧ୍ୟ ନ୍ୟାୟଦେବା କଥାକୁ ବିଶ୍ୱାସ କରୁଥିଲେ। ଏଇଥିପାଇଁ ତ ତତ୍କାଳୀନ କଲିକତାରେ



'ଇଂଗ୍ଲିସମେନ'ର ସମ୍ପାଦକ କହିଥିଲେ ଯେ ଗାନ୍ଧୀ ଗୋରାଙ୍କ (ଇଂରେଜୀଙ୍କ) ପକ୍ଷକୁ ମଧ୍ୟ ନିରପେକ୍ଷତାର ସହ ଦେଖୁଥିଲେ। ଏପରିକି ପ୍ରତିପକ୍ଷଙ୍କୁ କିଭଳି ତୁରନ୍ତ ନ୍ୟାୟ ମିଳିବ ସେଥିପାଇଁ ପ୍ରୟାସ କରୁଥିଲେ। ଗାନ୍ଧୀ କୌଣସି ସମ୍ପ୍ରଦାୟ ବା ବ୍ୟକ୍ତିଙ୍କୁ ଘୃଣା କରୁନଥିଲେ ଓ ସେମାନଙ୍କ ଭଲ ଗୁଣକୁ ଶ୍ରଦ୍ଧା କରୁଥିଲେ। ତାଙ୍କ ଆଗରେ ଇଂରେଜ ହୁଅନ୍ତୁ ବା ଭାରତୀୟ ସମସ୍ତେ ସମାନ ଥିଲେ। ଗାନ୍ଧୀ କହୁଥିଲେ ଯେ ବ୍ୟକ୍ତି ତାର ଅଜ୍ଞନତା କାରଣରୁ ଭୁଲ କରିଥାଏ ଏଣୁ ତାର ଅଜ୍ଞାନତା ଦୁର କରିବାର ପ୍ରୟାସ କରାଯିବା ଉଚିତ୍, ତା ଉପରେ ଦ୍ୱେଷ ବା ରାଗ କରିବା ଉଚିତ ନୁହେଁ।

ଗାନ୍ଧୀ ତାଙ୍କ ପାଇଁ କୌଣସି କ୍ଷେତ୍ରରେ ବା କଥାରେ ସୀମା ଧାର୍ଯ୍ୟ କରୁନଥିଲେ। ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ବ୍ୟକ୍ତିର ଆତ୍ମା ଯଦି ପବିତ୍ର ହୋଇଥାଏ ତେବେ ସେ କୌଣସି ଭୁଲ କଲେ ମଧ୍ୟ ସେ ସେକଥାକୁ ବୁଝିପାରେ ଓ ଭୁଲକୁ ସୁଧାରିପାରେ। ଅତଏବ ସେ କାହାରି ଠାରୁ ଦୁରେଇ ଯାଇପାରେ ନାହିଁ। ସତ୍ୟାଗ୍ରହୀ ସହଯୋଗୀ ମାନଙ୍କର ମାନସିକତାକୁ ବୁଝି ଗାନ୍ଧୀ ସେମାନଙ୍କ ପ୍ରତି ଅନୁକୂଳ ମନୋଭାବ ପୋଷଣ କରୁଥିଲେ ଫଳରେ ସେମାନଙ୍କ ସହ ଆଲୋଚନା ମଧ୍ୟ ସହଜ ହୋଇ ଯାଉଥିଲା। ଥରେ ସେ ଯେତେବେଳେ ସତ୍ୟାଗ୍ରହ ପାଇଁ ପୁରାପୁରି ପ୍ରସ୍ତୁତ ହୋଇ ଭାରତରେ ପହଞ୍ଚିଲେ ସେତେବେଳେ ମୁମ୍ବାଇର ତତ୍କାଳୀନ ଗଭର୍ଣ୍ଣରେ ତାଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରିଥିଲେ ଏବଂ ଅନୁରୋଧ କରିଥିଲେ ଯେ ଯେତେବେଳେ ସେ (ଗାନ୍ଧୀ) ସରକାରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିବେ ତା ପୂର୍ବରୁ ତାଙ୍କ (ଗଭର୍ଣ୍ଣର) ସହ ଆଲୋଚନା କରିବେ। କିନ୍ତୁ ଗାନ୍ଧୀ ମୁମ୍ବାଇର ଗଭର୍ଣ୍ଣରଙ୍କୁ ଉତ୍ତରରେ କହିଥିଲେ "ଏଭଳି ପ୍ରତିଶ୍ରୁତି ଦେବା ମୋ ପାଇଁ ଅତି ସହଜ କାରଣ ସତ୍ୟାଗ୍ରହୀ ଭାବେ ମୋର ପ୍ରଥମ କାମ ହେଉଛି କାହାରିକୁ ବିରୋଧ କରିବା ପୁର୍ବରୁ ତାର ମନୋଭାବ ବୁଝିବା ଆବଶ୍ୟକ ଏବଂ ଯେତେଦୁର ପର୍ଯ୍ୟନ୍ତ ସମ୍ଭବ ସେତେଦୁର ପର୍ଯ୍ୟନ୍ତ ଅନୁକୁଳ ହୋଇଯିବା ଆବଶ୍ୟକ।" ଗାନ୍ଧୀଙ୍କର ସତ୍ୟାଗ୍ରହ ପାଇଁ ଏହାଥିଲା ଦିଗ୍‌ଦର୍ଶୀ ସିଦ୍ଧାନ୍ତ।

ଗାନ୍ଧୀଙ୍କ ସତ୍ୟାଗ୍ରହର ଦ୍ୱୀତୀୟ ଦିଗ୍‌ଦର୍ଶୀ ସିଦ୍ଧାନ୍ତ ଥିଲା ଯେ ସତ୍ୟକୁ ଛାଡି କିଛି କରିହେବ ନାହିଁ। ସବୁବେଳେ ସେ ଏହି ସିଦ୍ଧାନ୍ତକୁ ମାନି ଚଳୁଥିଲେ ଯେ ତାଙ୍କର ଭୁଲ ବି ହୋଇପାରେ କିନ୍ତୁ ଏ କଥା ଜାଣିବା ପରେ ଯେତେ କଷ୍ଟ ହେଉପା କାହିଁକି ନିଜର ଭୁଲକୁ ସ୍ୱୀକାର କରାଯିବା ଉଚିତ୍। ଗାନ୍ଧୀଙ୍କର ଓ ସତ୍ୟାଗ୍ରହ ଉପରେ ଏତେ ବିଶ୍ୱାସ ଥିଲା ଯେ ଠକିଯିବାର ଭୟ ତାଙ୍କର ନଥିଲା। ଈଶ୍ୱରଙ୍କ ଉପରେ ତାଙ୍କର ପୁରା ଭରସା ଥିଲା। ଏହା ଥିଲା ଗାନ୍ଧୀଙ୍କ ସତ୍ୟାଗ୍ରହ ଗାନ୍ଧୀ ଶାନ୍ତି ଓ ଅହିଁସା ପଥକୁ ବିଶ୍ୱାସ କରୁଥିଲେ। ଗାନ୍ଧୀ ଶାନ୍ତ ରହି ଅହିଁସା ମାଧ୍ୟମରେ ଭୁଲର ପ୍ରତିକାର କରିଥିଲେ। ଗାନ୍ଧୀ ଆଜିବି ପ୍ରାସଙ୍ଗିକ ପ୍ରେମ ସ୍ନେହ ହୃଦୟରେ ନଥିଲେ ଗାନ୍ଧୀଙ୍କୁ ବୁଝିବେ ନାହିଁ। ଗାନ୍ଧୀଙ୍କୁ ଜାଣିବା ଓ ବୁଝିବା ପାଇଁ ପ୍ରେମର ଶକ୍ତି ଆବଶ୍ୟକ।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**



ଗାନ୍ଧୀ ଜୟନ୍ତୀ ଅବସରରେ ରାଜଘାଟରେ ଜାତିର ପିତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶ୍ରଦ୍ଧାଞ୍ଜଳି

# ପାରୋଲରେ ରାମ ରହିମ

**ଚଣ୍ଡିଗଡ଼, ୨।୧୦:** ହରିୟାଣା ନିର୍ବାଚନ ଠିକ୍ ପୂର୍ବରୁ ପୁଣି ଥରେ ପାରୋଲରେ ବାହାରିଛନ୍ତି ରାମ ରହିମ। ଦୁଷ୍କର୍ମ ମାମଲାରେ ହରିୟାଣାର ରୋହତକର ସୁନାରିଆ ଜେଲରେ ସଜା କାଟୁଥିବା ରାମ ରହିମ ଆଜି ସକାଳେ ଜେଲ୍‌ରୁ ବାହାରିଛନ୍ତି। ପୁଲିସ୍ ସିକ୍ୟୁରିଟି ମଧ୍ୟରେ ସେ ଜେଲ୍‌ରୁ ବାହାରି ଉତ୍ତରପ୍ରଦେଶସ୍ଥିତ ବରନାବା ଆଶ୍ରମ ଅଭିମୁଖେ ଯାଇଛନ୍ତି।

ଆସନ୍ତା ୫ ତାରିଖରେ ହରିୟାଣା ନିର୍ବାଚନ ଥିବାରୁ ଏହା ପୂର୍ବରୁ ରାମ ରହିମଙ୍କୁ ୨୦ ଦିନର ପାରୋଲ ଅନୁମତି ମିଳିଛି। ଏହି ସମୟ ମଧ୍ୟରେ ସେ ନିର୍ବାଚନରେ କୌଣସି ପ୍ରକାର ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଅଂଶଗ୍ରହଣ କରିବାକୁ ବାରଣ କରିଛନ୍ତି ନିର୍ବାଚନ ଆୟୋଗ। ଏଥିସହ ସୋଶାଲ ମିଡିଆରେ ପ୍ରଚାର କିମ୍ବା କୌଣସି ନିର୍ବାଚନ ପ୍ରଚାର ରାଲିରେ ସାମିଲ ନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ନିମନ୍ତେ ଆଚରଣ



ସଂହିତା ଲାଗୁ ହେଉଥିବାରୁ ରାମ ରହିମଙ୍କ ପାରୋଲ ଆବେଦନକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ଏହାପରେ ତାଙ୍କୁ ୨୦ ଦିନର ପାରଲୋ ମଞ୍ଜୁର ହୋଇଥିଲା। ବର୍ତ୍ତମାନ ଡେରା ମୁଖ୍ୟ ରାମ ରହିମ ହରିଆଣାର ରୋହତକର ସୁନାରିଆ ଜେଲରେ ରହିଛନ୍ତି। ସେ ସିରସା ଆଶ୍ରମରେ ତାଙ୍କର ଦୁଇଜଣ ମହିଳା ଶିଷ୍ୟାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ୨୦୧୭ ମସିହାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଥିବା ବେଳେ ସେବେଠୁ ସେ ଜେଲ୍‌ରେ ଅଛନ୍ତି।

ଗତ ମାସରେ ଡେରା ମୁଖ୍ୟଙ୍କୁ ୨୧ ଦିନ ଧରି ପାରୋଲ ମିଳିଥିଲା। ଡେରା ମୁଖ୍ୟ ଜେଲକୁ ଯିବାର ସାତ ବର୍ଷ ବିତିଗଲାଣି। ଗତ ସାତ ବର୍ଷ ମଧ୍ୟରେ ରାମ ରହିମ ଅନେକ ଥର ପାରୋଲରେ ଜେଲରୁ ବାହାରକୁ ଆସିଛନ୍ତି। ସବୁଠୁ ରୋଚକ କଥା ହେଉଛି, ଗତ ୪ ବର୍ଷ ମଧ୍ୟରେ ସେ ୧୧ ଥର ପାରୋଲରେ ବାହାରି ସାରିଛନ୍ତି। ସେଥି ମଧ୍ୟରୁ ୮ ଥର ସେ କେବଳ ନିର୍ବାଚନ ପୂର୍ବରୁ ପାରୋଲରେ ଆସି ସାରିଛନ୍ତି।

# ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ସ୍ଥିତି

## ଇରାନକୁ ଉଚିତ ଶିକ୍ଷା ଦେବାକୁ ଇସ୍ରାଏଲର ଧମକ

## ସହାୟତା ପାଇଁ ଆମେରିକା ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ

## ଦିଲ୍ଲୀସ୍ଥିତ ଇସ୍ରାଏଲ ଦୂତାବାସରେ କଡ଼ା ସୁରକ୍ଷା

**ତେଲଆଭିଭ, ୨।୧୦:** ଇସ୍ରାଏଲ ଉପରେ ଇରାନର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ ପରେ ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଇରାନର ଏହି ଆକ୍ରମଣର ଜବାବ ଦେବାକୁ ଇସ୍ରାଏଲ ପ୍ରସ୍ତୁତ ହେଉଛି। ଇସ୍ରା,ଲ କହିଛି ଯେ, ଇରାନକୁ ଶିକ୍ଷା ଦେବାକୁ ଯୋଜନା ପ୍ରସ୍ତୁତ। ସଠିକ ସମୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି ଯେ, ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ଇରାନ ବହୁତ ବଡ଼ ଭୁଲ କରିଛି। ଏଥିପାଇଁ ଇରାନକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ।

ଇତିମଧ୍ୟରେ ଇସ୍ରାଏଲ ସେନା ଦକ୍ଷିଣ ଲେବାନନ ସୀମାରେ ସୈନ୍ୟ ଠୁଳ କରିଛି। ଶୀଘ୍ର ଏହା ସ୍ଥଳ ପଥରେ ଲେବାନନ ସୀମାରେ ପ୍ରବେଶ କରିବ ବୋଲି ସୂଚନା ମିଳିଛି। ଗତ କାଲି ଇସ୍ରାଏଲ ଦକ୍ଷିଣ ଲେବାନନର ୨୦ଟି ଗ୍ରାମକୁ କାଲି କରିବାକୁ ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ଆଜି ଆଉ ୨୪ଟି ଗ୍ରାମକୁ ଖାଲି କରିବାକୁ ଇସ୍ରାଏଲ ସେନା ନିର୍ଦ୍ଦେଶ ଦେଇଛି। ଲେବାନନ ସୀମାରେ ଇସ୍ରାଏଲର ଏହି ସୈନ୍ୟ ଠୁଳକୁ ଇରାନ, ସିରିୟା ଏବଂ ତୁର୍କୀ ନିନ୍ଦା କରିଛନ୍ତି। ଅନ୍ୟ ପକ୍ଷରେ ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼କୁ ଜର୍ମାନୀ ନିନ୍ଦା କରିଛି। ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ନିମନ୍ତେ ଜାତିସଂଘ ମହାସଚିବ ଉଦବେଗ ପ୍ରକାଶ କରିଛନ୍ତି ଏବଂ ତୁରନ୍ତ ଯୁଦ୍ଧବିରତି ଲାଗି ପରାମର୍ଶ ଦେଇଛନ୍ତି। ସବୁ ପକ୍ଷ ଏବେ ସଂଯମତା ଅବଲମ୍ବନ କରିବା ଉଚିତ ବୋଲି ଜାତିସଂଘ ମହାସଚିବ କହିଛନ୍ତି।



ଅନ୍ୟ ପକ୍ଷରେ ଆମେରିକା ଇରାନର କ୍ଷେପଣାସ୍ତ୍ର ଆକ୍ରମଣକୁ ନିନ୍ଦା କରିଛି ଏବଂ ଇସ୍ରାଏଲକୁ ଦୃଢ଼ ସମର୍ଥନ କରିଛି। ରାଷ୍ଟ୍ରପତି ଜୋ ବାଇଡେନ ଓ ଉପରାଷ୍ଟ୍ରପତି କମଳା ହାରିସ ପ୍ରଥମ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ଇସ୍ରାଏଲକୁ ସମସ୍ତ ପ୍ରକାର ସାମରିକ ଏବଂ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଆମେରିକା ରାଷ୍ଟ୍ରପତି ବାଇଡେନ ଦେଶର ସେନା ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଇରାନର କ୍ଷେପଣାସ୍ତ୍ର ଦେକିବା ମାତ୍ରେ ଏହାକୁ ଖସାଇଦେବାକୁ ରାଷ୍ଟ୍ରପତି ବାଇଡେନ ନିଜ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ପେଣ୍ଟାଗନ ପକ୍ଷରୁ ମଧ୍ୟପ୍ରାଚ୍ୟର ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଉଛି। ୟେମେନର ଆତଙ୍କୀ ସଙ୍ଗଠନ ହୁତି ପକ୍ଷରୁ ଦାବି କରାଯାଇଛି ଯେ, ଏହା ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଛି।

ଇସ୍ରାଏଲରେ କେହି ମୃତାହତ ହୋଇନଥିବା ବେଳେ ୱାଶିଂଟନ ଇରାନ ଆକ୍ରମଣକୁ ପ୍ରଭାବହୀନ ବୋଲି କହିଛି। କମଳା ହାରିସ କହିଛନ୍ତି, 'ମୁଁ ସ୍ପଷ୍ଟ ଭାବେ କହିପାରିବି ଯେ ଇରାନ ମଧ୍ୟପ୍ରାଚ୍ୟରେ ଏକ ଅସ୍ଥିର ଏବଂ ବିପଜ୍ଜନକ ଶକ୍ତି। ଇରାନ ଓ ଏହାର ସମର୍ଥିତ ଆତଙ୍କବାଦୀ ମିଲିସିଆ ବିରୋଧରେ ନିଜକୁ ରକ୍ଷା କରିବାପାଇଁ ଇସ୍ରାଏଲର ସାମର୍ଥ୍ୟ ରହିଛି।'

ସେ ଆହୁରି କହିଛନ୍ତି, 'ଇସ୍ରାଏଲ ଉପରେ ଆକ୍ରମଣ କରିଥିବା ଇରାନର କ୍ଷେପଣାସ୍ତ୍ରକୁ ଖସାଇବା ପାଇଁ ଆମେରିକୀୟ ସେନାକୁ ନିର୍ଦ୍ଦେଶ ଦିଆଯାଇଛି। ରାଷ୍ଟ୍ରପତି ଜୋ ବାଇଡେନଙ୍କ ଏହି ନିର୍ଦ୍ଦେଶକୁ ସେ ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି କହିଛନ୍ତି। ପ୍ରାରମ୍ଭିକ ସଙ୍କେତ ହେଉଛି ଯେ ଇସ୍ରାଏଲ ଆମ ସହାୟତାରେ ଏହି ଆକ୍ରମଣକୁ ପ୍ରତିହତ କରିବାରେ ସକ୍ଷମ ହୋଇଛି। ଇରାନର ଆକ୍ରମଣାତ୍ମକ ଆଚରଣକୁ ରୋକିବା ପାଇଁ ୱାଶିଂଟନ ତା'ର ସହଯୋଗୀ ରାଷ୍ଟ୍ରମାନଙ୍କ ସହ ମିଶି କାମ କରିବ।' ଗତ କିଛି ଦିନ ମଧ୍ୟରେ ଇସ୍ରାଏଲ ଲେବାନନରେ ନିଜର ସାମରିକ ଅଭିଯାନକୁ ଜୋରଦାର କରିଛି। ଯେଉଁଥିରେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି ଏବଂ ୧୦ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି।

# ଅଶୋଧିତ ତୈଳ ଦର ବଢ଼ିଲା

**ତେହେରାନ, ୨।୧୦:** ମଧ୍ୟପ୍ରାଚ୍ୟ ଦେଶରେ ପୁଣି ଥରେ ସ୍ଥିତି ବେକାବୁ ହୋଇଛି। ଘନେଇବାରେ ଲାଗିଛି ଯୁଦ୍ଧ ଆଶଙ୍କା। ମଙ୍ଗଳବାର ଇସ୍ରାଏଲ ଉପରେ ୪୦୦ ମିସାଇଲ ମାଡ଼ କରିଛି ଇରାନ୍। ଏହି ଆକ୍ରମଣ ପରେ ପରେ ତୈଳ ବଜାରରେ ନିଆଁ ଲାଗିଛି। ବୃଦ୍ଧି ପାଇଛି ଅଶୋଧିତ ତୈଳ ଦର। ଇରାନ-ଇସ୍ରାଏଲ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ମୂଲ୍ୟରେ ୫% ବୃଦ୍ଧି ଘଟିଛି। WTI ଅଶୋଧିତ ତୈଳ ବ୍ୟାରେଲ ପିଛା ୭୧ ଡଲାରେ ପହଞ୍ଚିଛି। ସେହିପରି ପୂର୍ବରୁ ଗ୍ଲୋବାଲ ବେଞ୍ଚ ମାର୍କ ବ୍ରେଣ୍ଟ ବର୍ଗର ଅଶୋଧିତ ତେଲ ଦର ୨.୭% ହ୍ରାସ ହୋଇଥିବା ବେଳେ ଏହା ଏବେ ବ୍ୟାରେଲ ପିଛା ୭୫ ଡଲାର ଟପିଛି। ଇରାନ୍ ହେଉଛି ମିଡିଲ ଇଷ୍ଟରେ ଅଶୋଧିତ ତୈଳ ଉତ୍ପାଦକର ପ୍ରମୁଖ ଦେଶ। ଏହା ବ୍ୟତୀତ ଏହା OPECର ଏକ ସଦସ୍ୟ ମଧ୍ୟ। ଯଦି ଇସ୍ରାଏଲ




ବର୍ତ୍ତମାନ ଇରାନ ବିରୋଧରେ ପ୍ରତିଶୋଧ ନେଉଛି, ତେବେ ଅଶୋଧିତ ତୈଳ ମୂଲ୍ୟରେ ଆହୁରି ବୃଦ୍ଧି ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛି। କାରଣ ଏହି ଅଞ୍ଚଳରୁ ବିଶ୍ୱର ଏକ ତୃତୀୟାଂଶ ତେଲ ଯୋଗାଣ ହୋଇଥାଏ। ରିଥୋଲଜ ୱେଲଥ ମ୍ୟାନେଜମେଣ୍ଟର ମୁଖ୍ୟ ବଜାର ଷ୍ଟ୍ରାଟେଜିଷ୍ଟ କ୍ୟାଲି କକ୍ସ କହିଛନ୍ତି, ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ତୈଳ ବଜାରକୁ ପ୍ରଭାବିତ କରିବା ନେଇ ଢ଼େର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ତେଲ ଦର, ବଣ୍ଡ ମୂଲ୍ୟ, ସୁନା ଦାମରେ ବୃଦ୍ଧି ଓ ଷ୍ଟକ ମୂଲ୍ୟ କମିବ। ଯୁଦ୍ଧ ଯୋଗୁ ବଜାର ଉପରେ ପୂର୍ବରୁ ପ୍ରଭାବ ରହିଛି। ମାତ୍ର ବର୍ତ୍ତମାନର ଆକ୍ରମଣ ବଜାର ପାଇଁ ବେଶି ଚିନ୍ତା ବଢ଼ାଇଛି।

ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଉପରେ ନିର୍ଭର କରେ। ଯଦି ଅଶୋଧିତ ତୈଳ ଦର ବଢ଼େ, ତେବେ ଭବିଷ୍ୟତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ମଧ୍ୟ ପ୍ରଭାବିତ ହୋଇପାରେ।

# ଇରାନ୍‌କୁ ନେତାନ୍ୟାହୁଙ୍କ ଚେତାବନୀ

**ତେଲଆଭିବ, ୨।୧୦:** ପୁଣି ବିଶ୍ୱ ଦେଖିବ କି ତୃତୀୟ ବିଶ୍ୱଯୁଦ୍ଧ। ମଧ୍ୟପ୍ରାଚ୍ୟରେ ପୁଣି ଆରମ୍ଭ ହୋଇଛି ଯୁଦ୍ଧ ପରିସ୍ଥିତି। ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଆରମ୍ଭ ହୋଇଛି ଯୁଦ୍ଧ। ଇସ୍ରାଏଲ ଉପରେ ୨୦୦ରୁ ଅଧିକ ମିସାଇଲ୍ ମାଡ଼ କରିଛି ଇରାନ୍। ଏହି ଆକ୍ରମଣ ପରେ ଚିହିଁକି ଉଠିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ। ସେ ଇରାନକୁ ଦେଇଛନ୍ତି କଡ଼ା ଚେତାବନୀ।



ଇରାନ୍‌ର ଘନ ଘନ ମିସାଇଲ୍ ମାଡ଼ ପରେ ଜେରୁଜେଲମରେ ଏକ ସୁରକ୍ଷା କ୍ୟାବିନେଟ୍ ବୈଠକ ଡକାଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ। ଏହି ବୈଠକ ବେଳେ ସେ ଇରାନ୍‌କୁ ଦେଇଛନ୍ତି କଡ଼ା ଚେତାବନୀ। ସେ କହିଛନ୍ତି, ଇରାନକୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ସାଙ୍ଘାତିକ ପରିଣାମ ଭୋଗିବ ଇରାନ୍। ନେତାନ୍ୟାହୁ କହିଛନ୍ତି ଯେ ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣ ବିଫଳ ହୋଇଛି। ଇସ୍ରାଏଲର ମିସାଇଲ୍ ଏୟାର ଡିଫେନ୍ସ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ଉନ୍ନତ, ଏହା ଦ୍ୱାରା ହିଁ ଇରାନର ଆକ୍ରମଣକୁ ବିଫଳ କରାଯାଇଛି। ଇସ୍ରାଏଲ ଉପରେ ଆକ୍ରମଣ ପରେ ଇରାନ୍ ତରଫରୁ ମଧ୍ୟ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଇରାନ୍‌ର ଜଣେ ଅଧିକାରୀ କହିଛନ୍ତି, ଯଦି ଇସ୍ରାଏଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଏହାର କଡ଼ା ଜବାବ ଦିଆଯିବ। ମିଳିତ ଜାତିସଂଘରେ ଇରାନ କହିଛି ଯେ ଯଦି ଇସ୍ରାଏଲ ଏହାର ଜବାବ ଦିଅନ୍ତି, ତେବେ ଆମେ ବିନାଶକାରୀ ଢ଼ଙ୍ଗରେ ଜବାବ ଦେବୁ। ଇରାନ୍ ତରଫରୁ କରାଯାଇଥିବା ଏହି ଭୟଙ୍କର ଆକ୍ରମଣକୁ ଦୃଷ୍ଟିରେ ରଖି ଇସ୍ରାଏଲ ନିଜ ଦେଶବାସୀଙ୍କୁ ବଙ୍କର ଭିତରେ ରହିବାକୁ ନିର୍ଦ୍ଦେଶ ଦେଇଛି।



## ବ୍ଲେଡ୍ ଭାଙ୍ଗିବାରୁ ବନ୍ୟା ପାଣିରେ ଅବତରଣ କଲା ବାୟୁସେନା ହେଲିକପ୍ଟର

**ପାଟନା, ୨।୧୦:** ବିହାରର ବନ୍ୟା ପ୍ରଭାବିତ ଅଞ୍ଚଳରେ ଆଜି ଆକାଶ ମାର୍ଗରୁ ରିଲିଫ ସାମଗ୍ରୀ ପକାଇବାକୁ ଯାଇଥିବା ଭାରତୀୟ ବାୟୁ ସେନାର ଏକ ହେଲିକପ୍ଟର ବିପଜ୍ଜନକ ଭାବେ ବନ୍ୟା ପାଣିରେ ଅବତରଣ କରିବାକୁ ବାଧ୍ୟ ହୋଇଛି। ତେବେ ସେଥିରେ ଥିବା ଭାରତୀୟ ବାୟୁ ସେନାର ଦୁଇ ଅଫିସରଙ୍କ ସମେତ ୪ କର୍ମଚାରୀ ସୁରକ୍ଷିତ ଅଛନ୍ତି।

ଆଜି ଅପରାହ୍ନରେ ବିହାରର ମୁଜାଫରପୁର ଜିଲ୍ଲାର ଔରାଇ ତହସିଲର ନୟା ଗାଁରେ ଏହି ଘଟଣା ଘଟିଛି। ଦରଭଙ୍ଗା ଏୟାର ଫୋର୍ସ ବେସ୍‌ରୁ ଉଡ଼ାଣ ଭରିଥିବା ଏହି ହେଲିକପ୍ଟରଟି ଉପରୁ ରିଲିଫ ସାମଗ୍ରୀ ପକାଉଥିବା ବେଳେ ଏହାର ଏକ ବ୍ଲେଡ୍ ଭାଙ୍ଗି ଯାଇଥିଲା। ତେବେ ଉପସ୍ଥିତ ବୁଦ୍ଧି ଯୋଗୁ ପାଇଲଟ ହେଲିକପ୍ଟରଟିକୁ ଏକ ଜଳାର୍ଣ୍ଣବ ସ୍ଥାନରେ ଅବତରଣ କରାଇଥିଲେ। ଲ୍ୟାଣ୍ଡିଂ ବେଳେ ହେଲିକପ୍ଟରଟି ପାଣିରେ ପ୍ରାୟ ଅଧା ବୁଡ଼ି ଯାଇଥିଲା। ଘଟଣା ସଂପର୍କରେ ଖବର ପାଇ ଷ୍ଟେଟ ଡିଜାଷ୍ଟର ରେସ୍‌ପନ୍ସ ଫୋର୍ସର ଏକ ଟିମ୍ ତୁରନ୍ତ ସେଠାକୁ ଯାଇଥିଲେ ଓ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ତେବେ ପ୍ରାରମ୍ଭିକ ଉଦ୍ଧାର କାର୍ଯ୍ୟ କରିଥିଲେ ସ୍ଥାନୀୟ ଲୋକେ। ହେଲିକପ୍ଟରରେ ଥିବା ଭାରତୀୟ ବାୟୁସେନାର ୪ କର୍ମଚାରୀଙ୍କୁ ସେମାନେ ଉଦ୍ଧାର କରିଥିଲେ।

## ହେଲିକପ୍ଟର ଦୁର୍ଘଟଣାରେ ୩ ମୃତ

**ପୁଣେ, ୨।୧୦:** ଦୁର୍ଘଟଣାଗ୍ରସ୍ତ ହେଲା ହେଲିକପ୍ଟର। ମହାରାଷ୍ଟ୍ର ପୁଣେରେ ଏକ ଘରୋଇ ହେଲିକପ୍ଟର କ୍ରାଶ ହୋଇଛି। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ହେଲିକପ୍ଟରଟି ପୂରା ଖଣ୍ଡ ଖଣ୍ଡ ହୋଇଯାଇଛି। ଏଥିରେ ୩ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ପାଇଲଟ ଅଛନ୍ତି।

ସୂଚନା ଅନୁଯାୟୀ, ଆଜି ସକାଳୁ ମହାରାଷ୍ଟ୍ର ପୁଣେ ଜିଲ୍ଲାର ବାବଧାନ ବୁଦ୍ରୁକ ଗାଁରେ ହେଲିକପ୍ଟର କ୍ରାଶ ହୋଇଛି। ଏନେଇ ଗାଁ ଲୋକେ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ହେଲିକପ୍ଟରରେ ଥିବା ୩ ଜଣ ଗୁରୁତର ଥିବା ମଧ୍ୟ ପୁଲିସ କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦିଆଯାଇଥିଲା। ସୂଚନା ପାଇ ପୁଲିସ ଓ ମେଡିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତିନି ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ୨ ପାଇଲଟ୍ ସମେତ ଜଣେ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଉକ୍ତ ହେଲିକପ୍ଟରଟି ଏକ ଘରୋଇ କମ୍ପାନୀର ଥିଲା। ଯେତେବେଳେ ଏହି ଦୁର୍ଘଟଣା ଘଟିଲା, ସେତେବେଳେ ଏହି ହେଲିକପ୍ଟରଟି ଅକ୍ସଫୋର୍ଡ ଗଲ୍ଫ ରିସର୍ଟରୁ ମୁମ୍ବାଇ ଅଭିମୁଖେ ଯାଉଥିଲା। ଘନ କୁହୁଡ଼ି ଯୋଗୁଁ ଦୁର୍ଘଟଣା ହୋଇଥିବା ଆଶଙ୍କା କରାଯାଉଛି।



# ୧୪ ମନ୍ଦିରରୁ ହଟିଲା ସାଇବାବାଙ୍କ ପ୍ରତିମା

**ବାରଣାସୀ, ୨।୧୦:** ସାଇ ବାବାଙ୍କୁ ନେଇ ଘନେଇଲା ବିବାଦ। ଅଧ୍ୟାତ୍ମିକ ନଗରୀ ବାରଣାସୀର ମନ୍ଦିରରେ ସ୍ଥାପିତ ସାଇ ବାବାଙ୍କ ମୂର୍ତ୍ତିକୁ ନେଇ ବିରୋଧ ତେଜିବାରେ ଲାଗିଛି। ହିନ୍ଦୁ ସଙ୍ଗଠନ ପକ୍ଷରୁ ସାଇ ବାବାଙ୍କ ମୂର୍ତ୍ତିଗୁଡିକୁ ମନ୍ଦିରରୁ ହଟାଯାଉଛି। ବର୍ତ୍ତମାନ ସୁଦ୍ଧା ୧୪ଟି ମନ୍ଦିରରୁ ମୂର୍ତ୍ତି ହଟାଯାଇଥିବା ହିନ୍ଦୁ ସଙ୍ଗଠନ ଦାବି କରିଛି। ଟାର୍ଗେଟ୍‌ରେ ଆହୁରି ୨୮ଟି ମନ୍ଦିର ରହିଥିବା ସୂଚନା ମିଳିଛି। ହିନ୍ଦୁ ସଙ୍ଗଠନର ଅଭିଯୋଗ ମୁତାବକ, ସାଇ ବାବା ହେଉଛନ୍ତି ଜଣେ ମୁସଲମାନ ସାଧୁ। ତାଙ୍କର ପ୍ରକୃତ ନାମ ଚାନ୍ଦ ବାବା। ସନାତନ ଧର୍ମ ସହ ତାଙ୍କର କୌଣସି



ସମ୍ପର୍କ ନାହିଁ। ତେଣୁ ତାଙ୍କୁ ପୂଜା କରାଯାଇପାରିବ ନାହିଁ। ଏଭଳି କିଛି ଅଭିଯୋଗ କରି ହିନ୍ଦୁ ସଙ୍ଗଠନ ପକ୍ଷରୁ ବିରୋଧ ଆରମ୍ଭ ହୋଇଛି। କେନ୍ଦ୍ରୀୟ ବ୍ରାହ୍ମଣ ସଭା ନାମକ ଏକ ସଙ୍ଗଠନ ମନ୍ଦିରଗୁଡ଼ିକରୁ ସାଇଙ୍କ ପ୍ରତିମାକୁ ହଟାଉଛନ୍ତି। ରବିବାର ବିଳମ୍ବିତ ରାତିରୁ ବାରାଣସୀର ପ୍ରସିଦ୍ଧ ବଡା ଗଣେଶ ମନ୍ଦିରରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ସନାତନ ରକ୍ଷକ ଦଳ ମଧ୍ୟ ଯୋଗ ଦେଇଛି। ସନାତନ ରାକ୍ଷକ ଦଳ କହିଛି ଯେ, ସାଇଙ୍କ ପ୍ରତିମାକୁ ୧୪ ଟି ମନ୍ଦିରରୁ ହଟାଇ ଦିଆଯାଇଛି। ଆହୁରି ଅନେକ ମନ୍ଦିର ବାକି ଅଛି। ବଡ଼ା ଗଣେଶ ମନ୍ଦିରର ପୂଜାରୀ ମଧ୍ୟ କହିଛନ୍ତି ଯେ, ସାଇଙ୍କ ପ୍ରତିମା ୨୦୧୩ରେ ଏଠାରେ ସ୍ଥାପିତ କରାଯାଇଥିଲା। ଯଦି ଏହା ଶାସ୍ତ୍ର ସମ୍ମତ ନୁହେଁ ତେବେ ଏହାକୁ ହଟାଇବାରେ କୌଣସି ଅସୁବିଧା ନାହିଁ। ଏହି ଅଭିଯାନ ସହିତ ଜଡିତ ସଙ୍ଗଠନ ଗୁଡିକ କହିଛନ୍ତି ଯେ ସାଇ ବାବାଙ୍କ ଉପରେ ଯଦି କାହାର ଆସ୍ଥା ରହିଛି ତେବେ ଆମର ଏଥିରେ କୌଣସି ଆପତ୍ତି ନାହିଁ। ସେମାନେ ସାଇଙ୍କ ମନ୍ଦିର ନିର୍ମାଣ କରି ସେଠାରେ ପୂଜା କରିବା ଉଚିତ୍। କିନ୍ତୁ ଅନ୍ୟ ଦେବତାମାନଙ୍କ ମନ୍ଦିରରେ ସାଇ ବାବାଙ୍କୁ ରଖିବାକୁ ଅନୁମତି ଦିଆଯିବ ନାହିଁ।

## ୨ ହଜାର କୋଟିର କୋକେନ ଜବତ

**ନୂଆଦିଲ୍ଲୀ, ୨।୧୦:** ଦକ୍ଷିଣ ଦିଲ୍ଲୀରୁ ପୋଲିସ ୫୦୦ କେଜିରୁ ଅଧିକ କୋକେନ ଜବତ କରିଛି। ଇଣ୍ଟରନ୍ୟାସନାଲ ମାର୍କେଟରେ ଏହାର ମୂଲ୍ୟ ୨ ହଜାର କୋଟି ଟଙ୍କା ହେବ। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଅଟକ ରକିଛି। ଏହା ପଛରେ ଏକ ବଡ଼ ରାକେଟ ରହିଛି ବୋଲି ପୋଲିସ ସନ୍ଦେହ କରୁଛି। ଏହା ପୂର୍ବରୁ ରବିବାର ପୋଲିସ ତିଲକନଗର ଅଞ୍ଚଳରୁ ୪ଶହ ଗ୍ରାମର ହେରୋଇନ ଏବଂ ୧୬୦ ଗ୍ରାମ କୋକେନ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣ ଆଫଗାନ ନାଗରିକଙ୍କୁ ଗିରଫ କରାଯାଇଛି। ସେହିପରି ଇନ୍ଦିରାଗାନ୍ଧି ଇଣ୍ଟରନ୍ୟାସନାଲ ଏୟାରପୋର୍ଟରୁ ପୋଲିସ ୧୬୬୦ ଗ୍ରାମ କୋକେନ ଜବତ କରିଛି। ଏହାର ଦାମ ୨୪ କୋଟି ଟଙ୍କା ହେବ। ଏଥିରେ ସମ୍ପୃକ୍ତ ଲାଇବେରିଆର ଜଣେ ନାଗରିକଙ୍କୁ ଗିରଫ କରାଯାଇଛି। ସେ ଦୁବାଇରୁ ଆସି ଦିଲ୍ଲୀରେ ପହଞ୍ଚିବା ପରେ ତାଙ୍କଠାରୁ ଏହିସବୁ ନିଶା ସାମଗ୍ରୀ ଜବତ କରାଯାଇଛି।

# ଡବ୍ଲୁଟିସି ପଏଣ୍ଟ ଟେବୁଲ୍‌ରେ ଭାରତ ଶୀର୍ଷରେ




**କାନପୁର, ୨।୧୦:** କାନପୁରରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ବାଂଲାଦେଶକୁ ୭ ଉଇକେଟରେ ପରାସ୍ତ କରି ସିରିଜକୁ ୨-୦ରେ ହାତେଇଛି। ଏହାପୂର୍ବରୁ ଟିମ ଇଣ୍ଡିଆ ଚେନ୍ନାଇରେ ୨୮୦ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲା। ଏହି ବିଜୟ ସହିତ ଭାରତୀୟ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ପଏଣ୍ଟ ଟେବୁଲରେ ନିଜର ସ୍ଥିତିକୁ ମଜଭୁତ କରିଛି। ବାଂଲାଦେଶ ସପ୍ତମ ସ୍ଥାନକୁ ଖସି ଆସିଛି।

ବାଂଲାଦେଶ ବିପକ୍ଷରେ କ୍ଲିନ ସୁଇପ ପରେ ଭାରତୀୟ ଦଳ ଶୀର୍ଷରେ ରହିଛି। ୧୧ଟି ମ୍ୟାଚରେ ୮ଟି ବିଜୟ ସହିତ ଭାରତର ପଏଣ୍ଟ ପ୍ରତିଶତ ବର୍ତ୍ତମାନ ୭୪.୨୪ ରହିଛି। ବର୍ତ୍ତମାନ ରୋହିତ ଶର୍ମାଙ୍କ ସେନାକୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିବାକୁ ୮ଟି ମ୍ୟାଚ ମଧ୍ୟରୁ ଚାରିଟି ଜିତିବାକୁ ପଡ଼ିବ। ବର୍ତ୍ତମାନ ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ନ୍ୟୁଜିଲାଣ୍ଡକୁ ଭେଟିବାକୁ ଥିବାବେଳେ ଚଳିତ ବର୍ଷ ଶେଷରେ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ।

ଭାରତ ପରାସ୍ତ କରିବା ପରେ ବାଂଲାଦେଶ ଦଳ ପଏଣ୍ଟ ଟେବୁଲରେ ସପ୍ତମ ସ୍ଥାନକୁ ଖସି ଆସିଛି। ବାଂଲାଦେଶର ମାର୍କ ପ୍ରତିଶତ ୩୪.୩୮ ହୋଇଛି। ଏହାପୂର୍ବରୁ ଦଳ ୩୩ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଥିଲା। ନିକଟରେ ବାଂଲାଦେଶ ଦଳ ପାକିସ୍ତାନ ବିପକ୍ଷ ଦୁଇ ଟେଷ୍ଟ ସିରିଜକୁ ୨-୦ରେ ଜିତିଥିଲା। କିନ୍ତୁ ବର୍ତ୍ତମାନ ବାଂଲାଦେଶକୁ ଭାରତ ବିପକ୍ଷରେ ପରାଜୟର ସାମ୍ନା କରିବାକୁ ପଡିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିବାର ପାକିସ୍ତାନ ଦଳର ସ୍ୱପ୍ନ ପ୍ରାୟ ଶେଷ ହୋଇଯାଇଛି। ପାକିସ୍ତାନ ୭ଟି ମ୍ୟାଚ ମଧ୍ୟରୁ ୫ଟିରେ ଜିତିଛନ୍ତି। ଦଳର ୧୯.୦୫ ପଏଣ୍ଟ ପ୍ରତିଶତ ସହିତ ଅଷ୍ଟମ ସ୍ଥାନରେ ରହିଛି। ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆ ଅଛି, ଯିଏ ୮ଟି ମ୍ୟାଚ ଜିତିଛନ୍ତି। ତାଙ୍କର ମାର୍କ ପ୍ରତିଶତ ହେଉଛି ୬୨.୫୦। ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ନ୍ୟୁଜିଲାଣ୍ଡକୁ ୨-୦ରେ ପରାସ୍ତ କରିବା ପରେ ଶ୍ରୀଲଙ୍କା ୫୫.୫୬ ପଏଣ୍ଟ ସହ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ପହଞ୍ଚିଛି। ଇଂଲଣ୍ଡ ଚତୁର୍ଥ ସ୍ଥାନରେ, ଦକ୍ଷିଣ ଆଫ୍ରିକା ପଞ୍ଚମ ସ୍ଥାନରେ, ନ୍ୟୁଜିଲାଣ୍ଡ ଷଷ୍ଠ ସ୍ଥାନରେ ଏବଂ ୱେଷ୍ଟଇଣ୍ଡିଜ ନବମ ସ୍ଥାନରେ ରହିଛି। ଭାରତ ପଏଣ୍ଟ ଟେବୁଲର ଶୀର୍ଷରେ ଥିବାରୁ ସବୁ ଶ୍ରେୟ ରୋହିତ ବାହିନୀଙ୍କୁ ଯାଇଛି।

# ସାକିବଙ୍କୁ ସ୍ୱତନ୍ତ୍ର ଉପହାର ଦେଲେ ବିରାଟ




**କାନପୁର, ୨।୧୦:** କାନପୁରରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ଭାରତ ୭ ୱିକେଟରେ ଜିତିବା ସହ ସିରିଜକୁ ୨-୦ରେ କ୍ଲିଇନ ସୁଇପ କରିଛି। ଏହି ଟେଷ୍ଟ ପୂର୍ବରୁ ବାଂଲାଦେଶର କିମ୍ବଦନ୍ତୀ କ୍ରିକେଟର ନିଜର ଅବସର ନେଇ ବଡ଼ ଘୋଷଣା କରିଥିଲେ।

ମୀରପୁରରେ ଅନୁଷ୍ଠିତ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ଟେଷ୍ଟ ପରେ ସେ ନାଲି ବଲ କ୍ରିକେଟରୁ ବିଦାୟ ନେବେ। କିନ୍ତୁ ଏଥିରେ ତାଙ୍କ ଯୋଗଦାନକୁ ନେଇ ସସପେନ୍ସ ରହିଛି। କାରଣ ବାଂଲାଦେଶରେ ଏବେ ରାଜନୀତିକ ଅସ୍ଥିରତା ଲାଗି ରହିଛି। ସାକିବଙ୍କ ନାଁରେ ମଧ୍ୟ ଏକାଧିକ ହତ୍ୟା ମାମଲା ରୁଜୁ ହୋଇଛି। ତେଣୁ ବାଂଲାଦେଶରେ ଖେଳିବା ସାକିବଙ୍କ ପକ୍ଷରେ ସମ୍ଭବ ହୋଇ ନପାରେ। ଏହାର ଅର୍ଥ ଭାରତ ବିପକ୍ଷରେ ସାକିବ ସମ୍ଭବତଃ ତାଙ୍କ ଟେଷ୍ଟ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିଛନ୍ତି। ଏଥିପାଇଁ ଆଜିର ମ୍ୟାଚ୍ ପରେ ବିରାଟ କୋହଲି ତାଙ୍କୁ ସ୍ୱତନ୍ତ୍ର ଉପହାର ଦେଇଛନ୍ତି। ସେ ନିଜର ବ୍ୟାଟରେ ଦସ୍ତଖତ କରି ସାକିବଙ୍କୁ ଉପହାର ଆକାରରେ ପ୍ରଦାନ କରିଛନ୍ତି। ଏହାର ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାରତ ମ୍ୟାଚ୍ ଜିତିବା ପରେ ବିରାଟ ସ୍ୱତନ୍ତ୍ର ଭାବେ ସାକିବଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ତାଙ୍କ ସହ କଥା ହେବା ସହ ନିଜ ବ୍ୟାଟକୁ ଉପହାର ଆକାରରେ ଦେଇଥିଲେ। ଏହାକୁ ସୋଶାଲ ମିଡିଆରେ ଅନେକ ପ୍ରଶଂସା କରିଛନ୍ତି। ସାକିବ ମଧ୍ୟ ବ୍ୟାଟ ପାଇ ବିରାଟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପାକିସ୍ତାନ କ୍ରିକେଟ୍‌ରେ ହଲଚଲ




# ପୁଣି ଅଧିନାୟକ ପଦରୁ ଇସ୍ତଫା ଦେଲେ ବାବର ଆଜମ

ନୂଆଦିଲ୍ଲୀ,୨।୧୦: ପାକିସ୍ତାନ କ୍ରିକେଟ ଦଳର ତାରକା ବ୍ୟାଟ୍ସମ୍ୟାନ ବାବର ଆଜମ ଦ୍ୱିତୀୟଥର ପାଇଁ ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ବାବର ପାକିସ୍ତାନର ଦିନିକିଆ ଏବଂ ଟି-୨୦ର ଅଧିନାୟକ ଥିଲେ। ଏହା ପୂର୍ବରୁ ମଧ୍ୟ ସେ ଥରେ ଇସ୍ତଫା ଦେଇଥିଲେ, କିନ୍ତୁ ତାଙ୍କୁ ପୁଣି ଅଧିନାୟକ କରାଯାଇଥିଲା। ଏଥର ବାବର 'କାର୍ଯ୍ୟଭାର' ଦର୍ଶାଇ ପାକିସ୍ତାନର ଅଧିନାୟକତ୍ୱ ଛାଡିଛନ୍ତି। ଏବେ ସେ ତାଙ୍କ ବ୍ୟାଟିଂରେ ଅଧିକ ଧ୍ୟାନ ଦେବେ ବୋଲି କହିଛନ୍ତି।

ବୁଧବାର ଅର୍ଥାତ୍ ଆଜି ବାବର ପ୍ରଶଂସକଙ୍କ ସହ ଅଧିନାୟକ ପଦରୁ ଇସ୍ତଫା ଦେଇଥିବା ଖବର ଶେୟାର କରିଛନ୍ତି। ବାବର ସୋସିଆଲ ମିଡିଆରେ ଲେଖିଛନ୍ତି, ପ୍ରିୟ ପ୍ରଶଂସକଗଣ, ମୁଁ ଆଜି ଆପଣଙ୍କ ସହ କିଛି ଖବର ବାଣ୍ଟୁଛି। ମୁଁ ପାକିସ୍ତାନ ପୁରୁଷ କ୍ରିକେଟ ଦଳର ଅଧିନାୟକ ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛି। ଏହି ଦଳର ଅଧିନାୟକ ହେବା ଏକ ଗୌରବର ବିଷୟ, କିନ୍ତୁ ବର୍ତ୍ତମାନ ସମୟ ଆସିଛି ଯେ ଏହି ପଦରୁ ଇସ୍ତଫା ଦେବା ଏବଂ ମୋର ଖେଳକୁ ଧ୍ୟାନ ଦେବା ପାଇଁ ସମୟ ଆସିଛି। ମୋର ପ୍ରଦର୍ଶନକୁ ପ୍ରାଥମିକତା ଦେବା ଏବେ ମୋର କାମ। ମୋର ବ୍ୟାଟିଂକୁ ଉପଭୋଗ କରିବାକୁ ଏବଂ ମୋ ପରିବାର ସହିତ ସମୟ ବିତାଇବାକୁ ଚାହୁଁଛି, ଯାହା ମୋତେ ଖୁସି ଦିଏ।

ବର୍ଷେ ମଧ୍ୟରେ ଅଧିନାୟକତ୍ୱରୁ ଏହା ବାବର ଆଜମଙ୍କର ଦ୍ୱିତୀୟ ଇସ୍ତଫା। ଏହାପୂର୍ବରୁ ସେ ଦିନିକିଆ ବିଶ୍ୱକପ ୨୦୨୩ ପରେ ଅଧିନାୟକ ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲେ। ଦିନିକିଆ ବିଶ୍ୱକପ ପରେ ବାବର ନଭେମ୍ବର ୧୫, ୨୦୨୩ରେ ଅଧିନାୟକ ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲେ। ସେହି ସମୟରେ ବାବର ପାକିସ୍ତାନ ପାଇଁ ତିନୋଟି ଫର୍ମାଟର ଅଧିନାୟକ ଥିଲେ।

# ମାତ୍ର ୧୩ ବର୍ଷ ବୟସରେ ଅଷ୍ଟ୍ରେଲିଆ ବିରୋଧରେ ଶତକ ମାରିଲେ ସୂର୍ଯ୍ୟବଂଶୀ

**ଚେନ୍ନାଇ, ୨।୧୦:** ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ବିପକ୍ଷରେ ଟିମ୍ ଇଣ୍ଡିଆର ଆକ୍ରମଣାତ୍ମକ ପ୍ରଦର୍ଶନ ଅନେକ ଯୁବ ତାରକାଙ୍କୁ ଅନୁପ୍ରାଣିତ କରିଛି। ମାତ୍ର ୧୩ ବର୍ଷ ବୟସରେ, ଯୁବ ବୈଭବ ସୂର୍ଯ୍ୟବଂଶୀ ଚେନ୍ନାଇର ଏମ.ଏ ଚିଦାମ୍ବରମ୍ ଷ୍ଟାଡିୟମରେ ନିଜର ପରାକାଷ୍ଠା ଦେଖାଇଛନ୍ତି, ଯେଉଁଠି ଭାରତର ୧୯ ବର୍ଷରୁ କମ୍ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଖେଳୁଛି। ବୈଭବ ୬୨ଟି ବଲର ସାମ୍ନା କରି ୧୦୪ ରନ୍ କରିବା ପରେ ରନ୍ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ତାଙ୍କର ଏହି ଶତକ ପରେ ସେ ବର୍ତ୍ତମାନ ଯୁବ ଟେଷ୍ଟ ଫର୍ମାଟରେ ଏକ ଶତକ ସ୍କୋର କରିବାରେ ସର୍ବକନିଷ୍ଠ ହୋଇଛନ୍ତି। ଏହି ଶତକ ସହିତ ସେ ପାକିସ୍ତାନର ନାସିର ଜାମସେଦ, ବାଂଲାଦେଶର ମେହିଦି ହାସନ ମିରାଜ ଏବଂ ଅହମ୍ମଦ ଶେହଜାଦ ଏବଂ ହାସନ ରଜାଙ୍କ ପରି ଅନ୍ୟ ପାକିସ୍ତାନୀ ତାରକାଙ୍କୁ ପଛରେ ପକାଇ ଦେଇଛନ୍ତି। ଏହା ବ୍ୟତୀତ ସେ ଯୁବ ଟେଷ୍ଟ ଫର୍ମାଟରେ ଦ୍ୱିତୀୟ ଦ୍ରୁତତମ ଶତକଧାରୀ।




# ସଦର୍ଣ୍ଣ ସୁପରଷ୍ଟାର୍ସ-କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶା ମୁହାଁମୁହିଁ

**ସୁରତ, ୨।୧୦:** ଚଳିତ ଲିଜେଣ୍ଡ୍‌ସ ଲିଗ୍ କ୍ରିକେଟ୍‌ରେ ବୁଧବାର ମୁହାଁମୁହିଁ ହେବେ କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶା (କେଏସ୍‌ଓ) ଓ ସଦର୍ଣ୍ଣ ସୁପରଷ୍ଟାର୍ସ। ଏଠାରେ ଦଳର ପ୍ରଥମ ଦୁଇଟି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିବାରୁ ତୃତୀୟ ମ୍ୟାଚ୍ ପାଇଁ ସକରାତ୍ମକ ମନୋଭାବ ରଖିଛି କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶା। ଏଥିପାଇଁ ଦଳ ମଧ୍ୟ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ ଅଛି। ବର୍ତ୍ତମାନ ସୁଦ୍ଧା ୩ଟି ମ୍ୟାଚରୁ ୪ ପଏଣ୍ଟ ସହିତ ପଏଣ୍ଟ ଟେବୁଲରେ କେଏସ୍‌ଓ ଦ୍ୱିତୀୟ ସ୍ଥାନରେ ରହିଛି। ସେପଟେ ୩ଟି ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରି ସଦର୍ଣ୍ଣ ସୁପରଷ୍ଟାର୍ସ ପ୍ରଥମ ସ୍ଥାନରେ ରହିଛି।

ପାଣିପାଗ ପୂର୍ବାନୁମାନପ୍ରାୟ ଚାରି ଦିନର ଲଗାତାର ବର୍ଷା ପରେ ବର୍ତ୍ତମାନ ପାଗ ଭଲ ରହିଛି। ବୁଧବାର ବର୍ଷା କମ୍ ହେବାର ସମ୍ଭାବନା ଅଛି। କ୍ରିକେଟ୍‌ପ୍ରେମୀମାନେ ମଧ୍ୟ ପୂରା ଖେଳ ଦେଖିବାର ଆଶା ରଖିଛନ୍ତି, ଯେଉଁଥିରେ ଲିଗ୍‌ର ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ କଡ଼ା ଟକ୍କର ହେବାକୁ ଯାଉଛି।

କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶା: ଇରଫାନ୍ ପଠାନ୍ (ଅଧିନାୟକ), ୟୁସୁଫ୍ ପଠାନ୍, ଶାହବାଜ୍ ନଦୀମ୍, ବିନୟ କୁମାର, ଫିଡେଲ୍ ଏଡୱାର୍ଡସ୍, କେଭିନ୍ ଓ'ବ୍ରାଏନ୍, ପ୍ରବୀଣ ତାମ୍ବେ, ବେନ୍ ଲଫଲିନ୍, ଅମ୍ବାତି ରାୟୁଡୁ, ନବୀନ ଷ୍ଟିୱାର୍ଟ, ରସ୍ ଟେଲର୍, ରିଚାର୍ଡ୍ ଲେଭି, ଦିଲସାନ୍ ମୁନାୱେରା, କେପି ଅପାନ୍ନା, ଦିୱେଶ୍ ପଠାନିଆ, ରାଜେଶ ବିଷ୍ଣୋଇ, ନଟରାଜ ବେହେରା।

ସଦର୍ଣ୍ଣ ସୁପର ଷ୍ଟାର୍ସ: ଦୀନେଶ କାର୍ତ୍ତିକ (ଅଧିନାୟକ), ମାର୍ଟିନ ଗପ୍ଟିଲ୍, ଶ୍ରୀବତ୍ସ ଗୋସ୍ୱାମୀ, ପାର୍ଥିବ ପଟେଲ, କେଦାର ଯାଦବ, ପୱନ ନେଗୀ, ହାମିଲ୍‌ଟନ୍ ମାସାକାଦଜା, ଚତୁରଙ୍ଗା ଡି'ସିଲ୍‌ଭା, ସୁରଙ୍ଗା ଲକ୍‌ମଲ୍, ଅବ୍‌ଦୁର ରଜାକ୍, ହମିଦ୍ ହସନ୍, ଜୀବନ ମେଣ୍ଡିସ୍, ରବିନ୍ ବିଷ୍ଟ, ଜେସଲ କାରିଆ, ଚିରାଗ ଗାନ୍ଧି, ମୋନୁ କୁମାର, ସୁବୋଥ ଭଟି, ଏଲଟନ୍ ଚିଗୁମ୍ବୁରା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡବଲ...

ଆମ ଲକ୍ଷ୍ୟ । ଗତ ୧୦୦ ଦିନ ଭିତରେ ୪୫ ହଜାର କୋଟିର ପୁଞ୍ଜି ଓଡ଼ିଶାକୁ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ରହିବେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶାକୁ ଦ୍ରୁତ ଶିଳ୍ପାୟନର ପଥରେ ଆଗେଇ ନେବା ପାଇଁ ମୋର ପ୍ରଚେଷ୍ଟା ଉତ୍କର୍ଷ ମାନେ ଏକ୍ସଲେନ୍ସ ଏବଂ ଉତ୍କର୍ଷ ଓଡ଼ିଶା କନକ୍ଲେଭ୍ ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଉତ୍କର୍ଷ ଆଣିଦେବ। ମୁଁ ରାଜ୍ୟବାସୀଙ୍କ ତରଫରୁ ଏହି କାମର ଶୁଭାରମ୍ଭ କରିବାକୁ ଯାଉଛି, ତେଣୁ ରାଜ୍ୟବାସୀଙ୍କ ଆଶୀର୍ବାଦ ଲୋଡୁଛି ବୋଲି ଦିଲ୍ଲୀ ଯିବେ। ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଇଣ୍ଡୋନେସିଆ, ସିଙ୍ଗାପୁର, ସିରିଆ, ଚାଇନା, ଜାପାନ, ବ୍ରାଜିଲ, ଆର୍ଜେଣ୍ଟିନା, ଥାଇଲାଣ୍ଡ ଭଳି ୩୪ଟି ରାଷ୍ଟ୍ରର ପ୍ରତିନିଧି ଏହି ରୋଡ ସୋରେ ଯୋଗଦେବେ।

### ମେମ୍ବରସିପ୍ ଡ୍ରାଇଭ୍...

ମନ୍ମଥ ରାଉତରାୟ, ବ୍ରହ୍ମପୁର ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ବାଲେଶ୍ୱର ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାର, କଟକ ସାଂସଦ ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର, ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡାକ୍ତର ଅବିନାଶ ସାମଲ, ଆସିକାର ସାଂସଦ ପ୍ରାର୍ଥୀ ରଂଜିତା ସାହୁ ପ୍ରମୁଖ । ଏମାନେ ଦିନେ ହେଲେ ମେମ୍ବରସିପ୍ ଡ୍ରାଇଭ୍‌ର ଧାରା ଧରି ନ ଥିଲେ କି ଜଣକୁ ବି ଦଳରେ ମିଶାଇ ନଥିଲେ। ହେଲେ ଦଳର ସାଂସଦ ଟିକଟ କିନ୍ତୁ ହାତେଇ ନେଇଥିଲେ। ଏହିସବୁ ନିର୍ବାଚନମଣ୍ଡଳୀରେ ଯେଉଁମାନେ ମେମ୍ବରସିପ୍ ଡ୍ରାଇଭ୍‌ର ଡ୍ରାଇଭର ସାଜିଥିଲେ ସେମାନେ ରାତାରାତି ଅଲୋଡ଼ା ଓ କୋଣଠେସା ହୋଇଗଲେ। ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ବରିଷ୍ଠ ନେତ୍ରୀ ଶ୍ରୀମୟୀ ମିଶ୍ର ସାଂସଦ ପ୍ରାର୍ଥୀ ଭାବେ ପ୍ରଚାର ଆରମ୍ଭ କରିଦେଇଥିବାବେଳେ ତାଙ୍କ ଟିକଟକୁ ବି ପାଇଲଟରୁ ରାଜନେତା ସାଜିଥିବା ମନ୍ମଥ କେଇଘଣ୍ଟା ଭିତରେ ହାତେଇନେବା ଦଳୀୟ ନେତାଙ୍କୁ ହତଚକିତ କରିଦେଇଥିଲା ।

ବିଧାନସଭା ଟିକଟ ବଣ୍ଟନରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ଏମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଲେ ବଡ଼ଚଣାରୁ ବିଜେଡି ପ୍ରାର୍ଥୀ ହୋଇଥିବା ଚଳଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ । ସଭ୍ୟ ସଂଗ୍ରହ ପାଇଁ ରାତି ଅନିଦ୍ରା ହୋଇଥିବା ଅମର ଶତପଥୀଙ୍କ ଟିକଟ ଛଡ଼ାଇ ନେଇଥିଲେ ବର୍ଷା। ସେହିଭଳି ନିମାପଡ଼ାରେ ସମୀର ଦାସଙ୍କ ହାତରୁ ଟିକଟ ନେଇଯାଇଥିଲେ ଦିଲ୍ଲୀପ କୁମାର ନାୟକ । ଶ୍ରୀ ନାୟକ ଦିନଟିଏ ହେଲେ ବି ଦଳର ସଦସ୍ୟ ସଂଗ୍ରହରେ ଘରୁ ଗୋଡ଼ କାଢ଼ି ନଥିଲେ । ସେହିଭଳି ବିଜେଡିକୁ ଆସି ରାତାରାତି ବେଗୁନିଆ ଟିକଟ ଝାମ୍ପି ନେଇଥିଲେ ପ୍ରଦୀପ ସାହୁ । ଶ୍ରୀ ସାହୁ ଏବେ ଦଳୀୟ ବିଧାୟକ । କେନ୍ଦ୍ରାପଡ଼ାର ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ମଧ୍ୟ ତତ୍କାଳ ବିଜେଡି ଟିକଟ ନେଇଥିବାବେଳେ କେନ୍ଦ୍ରାପଡା ବିଧାୟକ ମଧ୍ୟ କଂଗ୍ରେସରୁ ଆସି ବିଜେଡି ଟିକଟ ପାଇଥିଲେ । ଶ୍ରୀ ମହାନ୍ତି ଓ ଶ୍ରୀ ବେହେରା କେବେ ହେଲେ ବିଜେଡି ପାଇଁ ସଦସ୍ୟ ସଂଗ୍ରହ କରିନଥିଲେ । ଏଭଳି ତାଲିକା ବହୁତ ଲମ୍ବା ।

ଦଳ ଭିତରେ ସଦସ୍ୟ ସଂଗ୍ରହକାରୀଙ୍କ ଏଭଳି ଦୟନୀୟ ଅବସ୍ଥା ଦେଖିଲା ପରେ ଏବେ ଅକ୍ଟୋବର ୨ତାରିଖରୁ ଆରମ୍ଭ ହୋଇଥିବା ମେମ୍ବରସିପ୍ ଡ୍ରାଇଭ ପାଇଁ ଆଉ ବିଜେଡିର ସାନ ଠାରୁ ବଡ଼ କେହି ବାହାରୁ ନାହାନ୍ତି । ଗୋଟିଏ ପଟେ ନବୀନ ନିବାସ ଠାରୁ ଶଙ୍ଖଭବନ ପର୍ଯ୍ୟନ୍ତ ଗୋଷ୍ଠିକନ୍ଦଳ ଯୋଗୁଁ ନେତା ହାତାହାତି ହେଉଥିବାବେଳେ ଅନ୍ୟପଟେ ନବୀନଙ୍କ ମେମ୍ବରସିପ୍ ଡ୍ରାଇଭ୍ ପାଇଁ ଡ୍ରାଇଭର ନମିଳିବା ଘଟଣା ଏବେ ଦଳକୁ ସଙ୍କଟ ଆଡ଼କୁ ଟାଣି ନେଉଛି । ଆଗକୁ କ'ଣ ହେବ ଦେଖିବାକୁ ବାକି ରହିଲା ।

### ଜାତିସଂଘ...

ଦିନକ ପରେ ଇସ୍ରାଇଲ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କୁ ବ୍ୟାନ୍ କରିଛି। ଇରାନ ମିସାଇଲ ଓ ରକେଟ ମାଡ଼ କରିବାରୁ ଇସ୍ରାଏଲ ନାଗରିକମାନେ ବମ୍ବ ସେଲଟରଗୁଡ଼ିକରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ।

ସେପଟେ ଇସ୍ରାଏଲ ଉପରେ ତୁହାକୁ ତୁହା ମିସାଇଲ ମାଡକୁ ନେଇ ଇରାନ୍ ଉପରେ ବର୍ଷିଛନ୍ତି ଆମେରିକାର ଉପରାଷ୍ଟ୍ରପତି ତଥା ଡେମୋକ୍ରାଟିକ ରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ। ସେ କହିଛନ୍ତି ଯେ ଇରାନ ମଧ୍ୟପ୍ରାଚ୍ୟରେ ଏକ ବିପଜ୍ଜନକ ସ୍ଥିତି ତିଆରି କରିଛି। କିନ୍ତୁ ଇସ୍ରାଏଲର ସୁରକ୍ଷା ପାଇଁ ୱାଶିଂଟନ ପ୍ରତିଶ୍ରୁତିବଦ୍ଧ।

ଲେବାନନରେ ଇସ୍ରାଏଲ ଆକ୍ରମଣ କରୁଛି। ଏହାରି ଭିତରେ କିନ୍ତୁ ଲେବାନନର ସହଯୋଗୀ ଦେଶ ତଥା ବନ୍ଧୁ ରାଷ୍ଟ୍ର ଇରାନ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରି ଇସ୍ରାଏଲକୁ କଡ଼ା ଜବାବ ଦେଇଛି। ଆଉ ଆକ୍ରମଣ କରିବାର କିଛି ଘଣ୍ଟା ପରେ ଇସ୍ରାଏଲ ଏବଂ ଆମେରିକା ପକ୍ଷରୁ ଏହାର କଡ଼ା ଜବାବ ଦିଆଯାଇଛି। ଇସ୍ରାଏଲରେ କେହି ମୃତାହତ ହୋଇନଥିବା ବେଳେ ୱାଶିଂଟନ ଇରାନ ଆକ୍ରମଣକୁ ପ୍ରଭାବହୀନ ବୋଲି କହିଛି।

### ସ୍ୱାଭାବିକ...

ରାପିଡ୍ ଆକ୍ସନ ଫୋର୍ସ (ଆରଏଏଫ୍)ର ଦୁଇଟି କମ୍ପାନି ପଠାଯାଇଛି। ଗୋଟିଏ କମ୍ପାନି ଭଦ୍ରକ ସହରରେ ନିୟୋଜିତ ହୋଇଥିବା ବେଳେ ଅନ୍ୟଟି ଧାମନଗରରେ ମୁତୟନ ହୋଇଛି।

ଆରଏଏଫ୍ ବ୍ୟତୀତ ଭଦ୍ରକ ସହରର ପୁରୁଣାବଜାର ଅଞ୍ଚଳରେ ୧୦ ପ୍ଲାଟୁନ୍ ଓଡ଼ିଶା ପୁଲିସ ମୁତୟନ କରାଯାଇଥିବା ବେଳେ ଧାମନଗରକୁ ଆଉ ୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ରବିବାର ଉଭୟ ଧାମନଗର ଓ ଭଦ୍ରକ ସହରରେ ଆରଏଏଫ୍ ଯବାନମାନେ ଫ୍ଲାଗ ମାର୍ଚ୍ଚ କରିଥିଲେ, ଯେଉଁଥିରେ ଡିଆଇଜି, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଏସପି ବରୁଣ ଗୁଣ୍ଟୁପଲ୍ଲୀ ଉପସ୍ଥିତ ଥିଲେ।

### କ୍ରିମିନାଲ...

ବସିଥିବା ଅଫିସର ଖଣି ଓ ବାଲି ମାଫିଆଙ୍କ ସମ୍ପର୍କରେ ଥିବା କହି ଏକ ଚିଠି ଲେଖିଥିଲେ ଡିଜିପି । ଏଣୁ ଦିବେଦୀଙ୍କ ଦେହରେ ମଧ୍ୟ ଖୁବଶୀଘ୍ର ଖୁରାନିଆଙ୍କ ଖୁର ବାଜିବ ବୋଲି ଏବେ ପୋଲିସ ମହଲରେ ଚର୍ଚ୍ଚା ଜୋର ଧରିଛି।

### ଓଡ଼ିଶା...

ଗୋଟିଏ ସ୍ମରଣୀୟ ବାକ୍ୟ ଥିଲା-'ଓଡ଼ିଶା ହେଉଛି ମୋର ପ୍ରେମର ଭୂମି।'

ମୁଖ୍ୟମନ୍ତ୍ରୀ କହିଥିଲେ ଗାନ୍ଧିଜୀ ଥିଲେ ଅଲୌକିକ ସାହସର ପରମ୍ପରା। ସତ୍ୟ ଥିଲା ତାଙ୍କର ସନ୍ଦେଶ। ଗାନ୍ଧିଙ୍କ ଜୀବନ, ତ୍ୟାଗ ଓ ତପସ୍ୟା ତାଙ୍କୁ ମହାନ୍ ଓ ବରେଣ୍ୟ କରି ଗଢ଼ି ତୋଳିଥିଲା । ଗାନ୍ଧିଜୀଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ହୃଦୟ ପରିବର୍ତ୍ତନ । ତାଙ୍କ ପାଖରେ ମନୁଷ୍ୟତ୍ୱ ଓ ଦିବ୍ୟତ୍ୱ ଏକାକାର ହୋଇଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସତ୍ୟ, ଅହିଂସା ଓ ଅସହଯୋଗ ବଳରେ ଜୀବନର ସବୁ ପ୍ରତିକୂଳ ପରିସ୍ଥିତିର ଆହ୍ୱାନକୁ ସାମ୍ନା କରି ଗାନ୍ଧିଜୀ ପ୍ରମାଣ କରିଛନ୍ତି ଯେ ଏସବୁ ବଳରେ ସଫଳତା ସମ୍ଭବ। ତାଙ୍କ ଜୀବନ କାହାଣୀ ହେଉଛି 'ସତ୍ୟ ସହିତ ନିରନ୍ତର ପରୀକ୍ଷା'। ସେ କହିଥିଲେ ଯେ ସାରା ଦେଶରେ ମୋଦୀଜୀଙ୍କ ନେତୃତ୍ୱରେ ଏବଂ ଓଡ଼ିଶାରେ ଆମ ସରକାର ଗାନ୍ଧିଜୀଙ୍କ ପ୍ରକୃତ ଆଦର୍ଶ ଓ ଲକ୍ଷ୍ୟକୁ ପୂରଣ କରିବା ପାଇଁ କାମ କରୁଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱଚ୍ଛତା ଥିଲା ଗାନ୍ଧୀଜୀଙ୍କ ଆଦର୍ଶ। ସେ କହୁଥିଲେ ଯେ ଯେଉଁଠାରେ ସ୍ୱଚ୍ଛତା ଥାଏ, ସେଠାରେ ଭଗବାନ ବାସ କରନ୍ତି । ୨୦୧୪ରେ ଯେତେବେଳେ ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ଗ୍ରହଣ କଲେ, ତାଙ୍କର ପ୍ରଥମ ବଡ ଅଭିଯାନ ଥିଲା ସ୍ୱଚ୍ଛ ଭାରତ। ସ୍ୱଚ୍ଛ ଭାରତ ଅଭିଯାନକୁ ଆଜି ୧୦ ବର୍ଷ ହୋଇଗଲାଣି। ଦେଶ ଆଜି ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ଦିଶୁଛି । ହଜାର ହଜାର ଗାଁରେ ଲକ୍ଷ ଲକ୍ଷ ଲୋକଙ୍କ ଘରେ ଆଜି ଟଏଲେଟ୍ ଅଛି। ସ୍ୱଚ୍ଛତା ଅଭିଯାନ ଆଜି ଦେଶରେ ଏକ ସଫଳ ଆନ୍ଦୋଳନରେ ପରିଣତ ହୋଇଛି। ଗାନ୍ଧୀଜୀଙ୍କ ପ୍ରକୃତ ଲକ୍ଷ୍ୟ ମୋଦୀଜୀ ହିଁ ପୂରଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ଗାନ୍ଧୀଜୀଙ୍କର ଆଉ ଏକ ସ୍ୱପ୍ନ ଥିଲା ସମାଜର ଶେଷ ଧାଡିର ଥିବା ଲୋକର ବିକାଶ ଓ କଲ୍ୟାଣ। ଆଜି ଦେଶର ୮୦ କୋଟି ଲୋକଙ୍କୁ ମାଗଣା ରାସନ ମିଳୁଛି। ଗାଁ ଗାଁ ରେ ପକ୍‌କା ସଡକ, ପିଇବା ପାଣି, ବିଜୁଳି - ଏପରିକି ଇଣ୍ଟରନେଟ୍ ସୁବିଧା ମଧ୍ୟ ମିଳିପାରୁଛି । ଗାନ୍ଧୀଜୀ କହିଥିଲେ ଗାଁର ବିକାଶ ହେଲେ, ଦେଶର ବିକାଶ ହୋଇପାରିବ। ଆଜି ମୋଦୀଜୀଙ୍କ ନେତୃତ୍ୱରେ ଭାରତର ଗାଁ ଗୁଡିକ ଦେଶର ବିକାଶକୁ ଆଗେଇ ନେଉଛନ୍ତି। ଚାଷୀ ମାନଙ୍କ ବିକାଶ ପାଇଁ ପିଏମ୍ କିଶାନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଦଳିତ, ଗରିବ ଓ ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୋଦୀଜୀ ଉତ୍ସର୍ଗୀକୃତ ଭାବେ କାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ପୁଣି କହିଲେ ଯେ ଓଡ଼ିଶାରେ ଆମ ସରକାର ମାତ୍ର ୪ ମାସ ମଧ୍ୟରେ ରାଜ୍ୟର ଏକ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଦେବା ଆରମ୍ଭ କରିଛି ବୋଲି ପ୍ରକାଶ କରି ସେ କହିଲେ ଯେ ଗାଁ ଗାଁ ରେ ଏପରି ଅନେକ ମହିଳା ଅଛନ୍ତି, ଯେଉଁମାନଙ୍କ ହାତରେ ଟଙ୍କାଟିଏ ବି ନଥାଏ। ମୋର ଦୃଢ ବିଶ୍ୱାସ, ଏହି ଆର୍ଥିକ ସହାୟତା ସେମାନଙ୍କୁ ପରିବାରରେ ଓ ସମାଜରେ ସଶକ୍ତ କରି ଗଢି ତୋଳିବ। ମହିଳା ମାନଙ୍କ ସଶକ୍ତିକରଣ ପାଇଁ ଗାନ୍ଧୀଜୀଙ୍କର ଯେଉଁ ସ୍ୱପ୍ନ ଥିଲା, ତାକୁ ପୂରଣ କରିବା ଦିଗରେ ଆମ ସରକାର ମଧ୍ୟ ଓଡ଼ିଶାରେ ପଦକ୍ଷେପ ନେବା ଆରମ୍ଭ କରିଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ମନେପକାଇ କହିଥିଲେ ଯେ ଆଜି ମଧ୍ୟ ଶାସ୍ତ୍ରୀ ଜୟନ୍ତୀ । ସେ କହିଲେ ଯେ ଶାସ୍ତ୍ରୀଜୀ ଯେଉଁ 'ଜୟ ଜବାନ ଜୟ କିସାନ' ନାରା ଦେଇଥିଲେ ତାକୁ ମୋଦୀଜୀ ଗୁରୁତ୍ୱଦେଇ ଅଗ୍ନୀବୀର ଯୋଜନା ଆରମ୍ଭ କରିଛନ୍ତି। କୃଷକଙ୍କ କଲ୍ୟାଣ ପାଇଁ ପିଏମ କିସାନ ଯୋଜନା ଆରମ୍ଭ କରିଛନ୍ତି। ଓଡ଼ିଶାରେ ନୂଆ ସରକାର କୃଷକ ମାନଙ୍କ ପରିଶ୍ରମର ଉଚିତ୍ ମୂଲ୍ୟଦେବା ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ୮୦୦ ଟଙ୍କା ବୃଦ୍ଧି କରିଛନ୍ତି। ଆଗାମୀ ଖରିଫ ଋତୁରେ ଅମଳ ସମୟରେ ଚାଷୀଭାଇ ମାନେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବେ ବୋଲି ସେ କହିଥିଲେ।

ମୋଦୀଜୀ କିପରି ତାଙ୍କ ଜନ୍ମଦିନକୁ ଓଡ଼ିଶାରେ ପାଳନ କରି ଭୁବନେଶ୍ୱରର ଗାଡକଣ ରେ ଜଣେ ମହିଳାଙ୍କ ହାତରୁ କ୍ଷୀରି ଖାଇଥିଲେ ସେ ସମ୍ବନ୍ଧରେ ଉଲ୍ଲେଖ କରି ଏଥିରୁ ମୋଦୀଜୀ ଓଡ଼ିଶାକୁ କେତେ ଭଲ ପାଆନ୍ତି ସେ ବିଷୟରେ ବର୍ଣ୍ଣନା କରିଥିଲେ।

ଗାନ୍ଧିଜୀଙ୍କ ବିଷୟରେ ଆହୁରି ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମଣିଷ, ସମାଜ ଓ ଶାସନକୁ ନେଇ ଯେତେ ବିଷୟ ଓ ପ୍ରସଙ୍ଗ ରହିଛି ସେ ସବୁକୁ ନେଇ ମହାତ୍ମା ଗାନ୍ଧୀ ତାଙ୍କର ମତ ଦେଇଛନ୍ତି। ସେଥିରେ ଅଛି ଗଭୀର ଅନୁଭୂତି, ପ୍ରତ୍ୟକ୍ଷ ଉପଲବ୍ଧି ଓ ଗଭୀର ଚିନ୍ତନର ଭାଷା। ତେଣୁ, ଗାନ୍ଧିଜୀ ହେଉଛନ୍ତି ଆମ ସମୟର ଅନ୍ୟତମ ଶ୍ରେଷ୍ଠ ଚିନ୍ତାନାୟକ। ଦକ୍ଷିଣ ଆଫ୍ରିକାରୁ ଅସହଯୋଗ ଓ ଅହିଂସାର ପରୀକ୍ଷା ନିରୀକ୍ଷା ଆରମ୍ଭ କରି ଗାନ୍ଧିଜୀ ସଫଳ ହେଲେ।

ପରବର୍ତ୍ତୀ ସମୟରେ ପରାଧୀନ ଭାରତ ମାତାକୁ ସ୍ୱାଧୀନ କରିବା ପାଇଁ ଚାଲିଥିବା ସୁଦୀର୍ଘ ସଂଗ୍ରାମର ସେ ନେତୃତ୍ୱ ନେଲେ । ଗାନ୍ଧୀଙ୍କ ଆଦର୍ଶର ମୂଳ କଥାଗୁଡିକ ହେଉଛି-ସତ୍ୟ, ଶାନ୍ତି, ଅହିଂସା ଓ ବିଶ୍ୱ ଦୃଷ୍ଟିକୋଣ । ସେଥିପାଇଁ ତାଙ୍କ ଆଦର୍ଶ ଓ ବିଚାରର ପ୍ରାସଙ୍ଗିକତା ଏବେ ମଧ୍ୟ ରହିଛି। ସମଗ୍ର ପୃଥିବୀର ଅନେକ ଦେଶରେ ଗାନ୍ଧୀବାଦର ପ୍ରୟୋଗ ବଳରେ ରାଜନୈତିକ ଓ ସାମାଜିକ ପରିବର୍ତ୍ତନ ନିମନ୍ତେ ଆନ୍ଦୋଳନ ହେଉଛି। ଗାନ୍ଧିଜୀ ଦକ୍ଷିଣ ଆଫ୍ରିକା ଛାଡ଼ିବାର ବହୁବର୍ଷ ପରେ ତାଙ୍କ ଆଦର୍ଶକୁ ଅନୁସରଣ କରି ହୋଇଥିବା ଆନ୍ଦୋଳନ ସଫଳ ହେଲା ଓ ଦକ୍ଷିଣ ଆଫ୍ରିକା ସ୍ୱାଧୀନ ହେଲା ।

### ମହାଳୟାରେ...

କୁହେ ? ତେଣୁ ବିଜେଡିର ଘର କଥା ମୁଁ କିଭଳି ଗଣମାଧ୍ୟମ ଆଗରେ କହିବି ? ଶ୍ରୀମୟୀଙ୍କର ଏହି ଶୃଙ୍ଖଳାର ପାଠ କିନ୍ତୁ ମନ୍ମଥଙ୍କ ପ୍ରତି ଯେ ଥିଲା ଏହା ଜଳ ଜଳ ହୋଇ ଦିଶୁଥିଲା । ଅନ୍ୟ ପକ୍ଷରେ ମନ୍ମଥ ମଧ୍ୟ ଆଜି ଗଣମାଧ୍ୟମକୁ ଆସି ବାଇଟ୍ ଦେଇଥିଲେ। କହିଥିଲେ ଆମେ ମତର୍ଣ୍ଣ ଯୁଗର ନେତା । ପରସ୍ପରକୁ ସମ୍ମାନ ଦେବା ଆବଶ୍ୟକ । ପୁରୁଷମାନେ ମହିଳାଙ୍କୁ ଓ ମହିଳାମାନେ ପୁରୁଷଙ୍କୁ ସମ୍ମାନ ଦିଅନ୍ତୁ । ପରସ୍ପରର ବିଚାରାଧାରକୁ ସମ୍ମାନ ଦେବା ଆବଶ୍ୟକ। ବିଜେଡି ଗୋଟିଏ ଗଣତାନ୍ତ୍ରିକ ଦଳ । ତେଣୁ ଏଠାରେ ମତ ଭିନ୍ନ ରହିବ। ସରକାରରେ ବିଶୃଙ୍ଖଳା ରହୁଛି ।ତେଣୁ ଏଠାରେ ବିଶୃଙ୍ଖଳା ରହିପାରେ ।

ସମସ୍ତେ ଗୋଟିଏ ମତ ହେଲେ ଦଳ ଚାଲିପାରିବ ନାହିଁ । ଆମେ ସମସ୍ତେ ନବୀନଙ୍କ ସହିତ ରହିଛୁ। ଆଗକୁ କିଭଳି ଅଧିକ ସଂଖ୍ୟାରେ ସଦସ୍ୟ ଦଳ ସହିତ ଯୋଡିହେବେ ସେଥିନେଇ ସମସ୍ତେ ମିଳିମିଶି କାମ କରିବା ।ତେବେ ଅନ୍ୟ ଜିଲ୍ଲାର ନେତାମାନେ ଶଙ୍ଖଭବନ ଭିତରେ ନିଜର ମତ ରଖୁଥିବାବେଳେ ଖୋର୍ଦ୍ଧାଜିଲ୍ଲା ସମୀକ୍ଷା ପରେ ଶ୍ରୀମୟୀ ଯେଭଳି ଗଣମାଧ୍ୟମ ସାମ୍ନାକୁ ଆସି ମନ୍ମଥଙ୍କୁ ତେରେଚ୍ଛା ବାଣ ମାରିବା ସହିତ ଶୃଙ୍ଖଳାର ପାଠ ପଢାଇଛନ୍ତି ଓ ମନ୍ମଥ ବି ଗଣମାଧ୍ୟମ ସାମ୍ନାରେ ସମ୍ମାନର କଥା ରଖି ମାମଲାର ଏହିଠାରେ ପରିସମାପ୍ତ ପାଇଁ ଉଦ୍ୟମ କରିଛନ୍ତି ତାହା ବିଜେଡି ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଦଳର ନିର୍ଦ୍ଦେଶରେ ଶେଷ ମୁହୂର୍ତ୍ତରେ ନିର୍ବାଚନ ମଇଦାନରୁ ଓହରି ଯାଇଥିବା ଶ୍ରୀମୟୀ ଯେ ମନ୍ମଥଙ୍କ ଭଳି ନବାଗତଙ୍କ ଉପରେ ବେଶ୍ ଭାରି ପଡିଛନ୍ତି ତାହା ଜଳ ଜଳ ହୋଇ ଦିଶୁଛି ।



## ଧବଳମୁଖି ବେଶରେ ଦର୍ଶନ ଦେଲେ ମା' ମାହେଶ୍ୱରୀ

**ଭେଡେନ, ୨।୧୦ (ସଂଚାର ବ୍ୟୁରୋ) :** ଆଜି ପବିତ୍ର ମହାଳୟା ଅବସରରେ ବରଗଡ଼ ଜିଲ୍ଲା ଭେଡେନ ସ୍ଥିତ ମା' ଦୁଲହା ମାହେଶ୍ୱରୀ ପରମେଶ୍ୱରୀ ମନ୍ଦିରରେ ମା'ଙ୍କ ଧବଳ ମୁଖି ବେଶ ହୋଇଥିଲା। ମଧ୍ୟରାତ୍ର ୧୨ଟାରୁ ମା'ଙ୍କ ଏହି ବେଶ ହେବା ପରେ ମା'ଙ୍କ ଦର୍ଶନ ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଏହା ସହ ମା'ଙ୍କ ଆଳତି ଏବଂ କୃଷ୍ଣଗୁରୁ ପରିବେଷିତ ହୋଇଥିଲା । ସେହିପରି ରେମଣ୍ଡାର ପ୍ରସିଦ୍ଧ ଶକ୍ତିପୀଠ ମା' ସମଲେଶ୍ୱରୀ ମନ୍ଦିର ରେ ମଧ୍ୟ ମା'ଙ୍କ ଧବଳମୁଖୀ ବେଶ ହୋଇଥିଲା ।

# ଫ୍ଲାଗ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ଜାତୀୟ ପତାକା ସ୍ତମ୍ଭ ସ୍ଥାପନ

### ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କ ଦ୍ୱାରା ୧୦୮ ଫୁଟ ଉଚ୍ଚର ସ୍ମାରକୀ ପତାକା ସ୍ତମ୍ଭ ଉଦ୍‌ଘାଟିତ

**ଭୁବନେଶ୍ୱର/ପାଟଣାଗଡ଼, ୨।୧୦ (ସଂଚାର ବ୍ୟୁରୋ) :** ଶିଳ୍ପପତି ତଥା ସମାଜସେବୀ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଆଜି ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ଠାରେ ଏହାର ୧୫୦ତମ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ କରାଯାଇଛି। ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଓ ମାନ୍ୟବର ସାଂସଦ (ବଲାଙ୍ଗୀର) ସଙ୍ଗୀତା କୁମାରୀ ସିଂହଦେଓ ଏହି ୧୦୮ ଫୁଟ ଉଚ୍ଚ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭକୁ ଉଦଘାଟନ କରିବା ସହ ୩୬×୨୪ ବର୍ଗଫୁଟର ଏକ ବିଶାଳ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ । ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ଗୌରବ ଶିବାଜୀ ଈସଲଓ୍ୱାର (ଆଇଏଏସ୍), ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକ ଶ୍ରୀ ଋଷିକେଶ ଡି ଖିଲାରୀ (ଆଇପିଏସ୍), ଡିଆରଡିଏର ପିଡି ପ୍ରଭାତ ମହାପାତ୍ର, ପାଟଣାଗଡ଼ ଉପଜିଲ୍ଲାପାଳ ଶ୍ରୀ ଅମିତ କୁମାର ନାୟକ ଓ ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ସିଇଓ ମେଜର ଜେନେରାଲ (ଅବସରପ୍ରାପ୍ତ) ଅସୀମ କୋହଲି, ସ୍ଥାନୀୟ ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ୩୦୦୦ରୁ ଅଧିକ ଏହି ଭବ୍ୟ ଉତ୍ସବରେ ଉପସ୍ଥିତ ଥିଲେ।






ପାଟଣାଗଡ଼ରେ ଏହି ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ପାଇଁ ସାଂସଦ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଫ୍ଲାଗ ଫାଉଣ୍ଡେସନ ଅଫ ଇଣ୍ଡିଆକୁ ଶ୍ରୀ ସିଂହଦେଓ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ସମ୍ମାନର ସହ ଜାତୀୟ ପତାକା ଉତ୍ତୋଳନ କରିବାର ଅଧିକାର ପାଇଁ ଶ୍ରୀ ଜିନ୍ଦଲଙ୍କ ସଂଘର୍ଷକୁ ସେ ପ୍ରଶଂସା କରିଥିଲେ । ଏହି ସ୍ମାରକୀ ଜାତୀୟ ପତାକା ସ୍ତମ୍ଭର ସୁରକ୍ଷା, ସଂରକ୍ଷଣ ଓ ସମ୍ମାନ ପାଇଁ ସେ ପାଟଣାଗଡ଼ବାସୀଙ୍କୁ ଅନୁରୋଧ କରିଛନ୍ତି।

ମାନ୍ୟବର ସାଂସଦ ସଙ୍ଗୀତା ସିଂହଦେଓ ତାଙ୍କ ଅଭିଭାଷଣରେ କହିଥିଲେ, ପାଟଣାଗଡ଼ ପାଇଁ ଏହା ଏକ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ଦିନ। ଜାତୀୟ ପତାକା ହିଁ ଆମର ପରିଚୟ ଓ ଗୌରବ। ଏହା ଆମ ସମସ୍ତଙ୍କୁ ଏକାଠି କରିଥାଏ। ଏହାକୁ ଉତ୍ତୋଳନ କରି ଆମେ ସମସ୍ତେ ସ୍ୱାଧୀନତା ସଂଗ୍ରାମର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

ଏହି ସ୍ମାରକୀ ଜାତୀୟ ପତାକା ସ୍ଥାପନ ଅବସରରେ ପାଟଣାଗଡ଼ ଓ ଆଖପାଖ ଅଞ୍ଚଳରୁ ବହୁତ ଜନସାଧାରଣ ଜାତୀୟ ପତାକାକୁ ସମ୍ମାନ ଜଣାଇବା ପାଇଁ ଏକାଠି ହୋଇଥିଲେ। ପୁଲିସ ପ୍ରଶାସନ ମଧ୍ୟ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବହୁ ସହଯୋଗ କରିଥିଲେ । ଫ୍ଲାଗ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଛନ୍ତି। ଏହି ଆଇକନିକ୍ ଫ୍ଲାଗ ପୋଷ୍ଟ ଆଗାମୀ ଦିନରେ ପାଟଣାଗଡ଼କୁ ଏକ ନୂଆ ପରିଚୟ ପ୍ରଦାନ କରିବ । ଜାତୀୟ ଗୌରବ ଓ ଏକତାର ପ୍ରତୀକ ଏହି ସ୍ମାରକୀ ଜାତୀୟ ପତାକା ପୋଷ୍ଟ ପାଟଣାଗଡ଼ର ଅନ୍ୟତମ ପ୍ରମୁଖ ସ୍ଥାନ ରେ ପରିଣତ ହେବା ବୋଲି ଆଶା କରାଯାଉଛି। ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ଶ୍ରୀ ପ୍ରଶାନ୍ତ ହୋତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଏବଂ ଉପସ୍ଥିତ ଜନତାଙ୍କୁ ସୂଚନା ଦେଇଥିଲେ ଯେ ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବ ଓ ସମ୍ମାନର ସହ ଜାତୀୟ ପତାକା ଉତ୍ତୋଳନ ଏବଂ ପ୍ରଦର୍ଶନ କରିବାର ଅଧିକାର ପାଇଁ ଦୀର୍ଘ ନ୍ୟାୟୀକ ସଂଗ୍ରାମ କରିଥିଲେ । ତାଙ୍କ ନେତୃତ୍ୱରେ ଫାଉଣ୍ଡେସନ ୨୦୦୯ ମସିହାରେ ସମଗ୍ର ଭାରତରେ ସ୍ମାରକୀଜାତୀୟ ପତାକା ପୋଷ୍ଟ ସ୍ଥାପନ କରିବାର କାର୍ଯ୍ୟ ଆରମ୍ଭ କରିଥିଲା । ସେବେଠାରୁ ଏହି ସଂଗଠନ ସମଗ୍ର ଦେଶରେ ୧୫୦ଟି ଜାତୀୟ ପତାକା ପୋଷ୍ଟ ପ୍ରତିଷ୍ଠା କରିବାରେ ସଫଳ ହୋଇଛି, ଯେଉଁଥିରେ ଓଡ଼ିଶାରେ ଏପର୍ଯ୍ୟନ୍ତ ୭ଟି ରହିଛି ।

### ଉପଜିଲ୍ଲାପାଳ ହେବ ତ ଏମିତି

## ହସ୍ତକ୍ଷେପ ପରେ ଚିକିତ୍ସା ସୁବିଧା ପାଇଲେ ବିମଳା

**ନୂଆପଡା, ୨।୧୦ (ସଂଚାର ବ୍ୟୁରୋ) :** ନୂଆପଡା ଜିଲ୍ଲା ସିନାପାଲି ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସିନାପାଲି ବାସିନ୍ଦା ହେତୁରାମ ମେହେର ନିଜ ମାଆ ବିମଳା ମେହେରଙ୍କ ଚିକିତ୍ସା ପାଇଁ ସାହାଯ୍ୟ କରିବାକୁ ଆପତ୍ତି କରିଥିଲେ। ବିମଳା ମେହେର ବର୍ତ୍ତମାନ ରୋଗାଗ୍ରସ୍ତ। ଡାକ୍ତରଙ୍କ ପରାମର୍ଶକ୍ରମେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ପରେ ମଧ୍ୟ କୋଣସି ସୁଫଳ ମିଳିଲା ନାହିଁ। ତେଣୁ ସେ ଛତିଶଗଡ଼ ରାଜ୍ୟ ସ୍ଥିତ ରାୟପୁର ବାଲାଜୀ ହସପିଟାଲକୁ ଚିକିତ୍ସିତ ହେବା ପାଇଁ ଗଲେ। ତାଙ୍କ ସ୍ୱାମୀ ବୈରାଗୀ ମେହେରଙ୍କ ନାମରେ ଅନ୍ତୋଦୟ କାର୍ଡ ରହିଛି। ସେହି ହିସାବରେ ପରିବାରର ୬ ସଦସ୍ୟ ମଧ୍ୟରୁ ଜଣକର ନାମରେ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ରହିଛି। ତେଣୁ ବିମଳା ମେହେରଙ୍କ ଚିକିତ୍ସାରେ ସହାୟକ ହୋଇପାରିଲା ନାହିଁ। ଏଣୁ ବିମଳା ମେହେରଙ୍କ ପୁଅ ହେତୁରାମ ମେହେର ସହଯୋଗ କରିବାକୁ ଜିଲ୍ଲାପାଳଙ୍କୁ ଜଣାଇଲେ। ଶିବିରରେ ଉପସ୍ଥିତ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଜାଣିପାରି କିଛି ଆର୍ଥିକ ସହଯୋଗ କରିଥିଲେ। ଏହା ବ୍ୟତୀତ ଅତିରିକ୍ତ ଜିଲ୍ଲାପାଳ ଆଲୋକ ଅନୁଗୁଳିଆଙ୍କ ଦୃଷ୍ଟିକୁ ଏହି ସମସ୍ୟା ଅବଗତ କରାଇଥିଲେ। ପରେ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନଙ୍କ ମିଳିତ ଉଦ୍ୟମ ଫଳରେ ବିମଳା ମେହେରଙ୍କ ନାମ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡରେ ଯୋଗ କରାଯାଇଥିଲା। ବର୍ତ୍ତମାନ ବିମଳା ମେହେର ବାଲାଜି ହସ୍ପିଟାଲ ରାୟପୁର ଠାରେ ସୁବିଧା ଓ ସହଜରେ ଚିକିତ୍ସିତ ହେଉଛନ୍ତି।



## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳିଗଲା ହାଇଓ୍ୱା

**କଳାହାଣ୍ଡି, ୨।୧୦ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଚାଲିଥିବା ବାଏପାସ ଆର ଓ ବି ରାସ୍ତା ନିର୍ମାଣ କାମରେ ନିୟୋଜିତ ଏକ ହାଇଓ୍ୱାରେ ବିଦ୍ୟୁତ୍ ତାର ଲାଗିଯିବାରୁ ଗାଡ଼ି ହୁତୁ ହୁତୁ ହୋଇ ଜଳିଯିବା ସହିତ ଡ୍ରାଇଭରର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆଘାତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ବୁଧବାର ସକାଳ ପ୍ରାୟ ୧୧ ଘଣ୍ଟା ସମୟରେ କେସିଙ୍ଗା ଆର ଓ ବି ରାସ୍ତା ନିର୍ମାଣ କାମ ଚାଲିଥିବା ବେଳେ ହାଇଓ୍ୱା କିଛି ଅନଲୋଡ କରି ଯାଉଥିବା ବେଳେ ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲା ଫଳରେ ଆଖିପିଛୁଳାକେ ଗାଡ଼ିଟି ହୁତୁ ହୁତୁ ହୋଇ ଜଳି ଉଠିଥିଲା। ଗାଡ଼ି ଡ୍ରାଇଭର ପ୍ରତ୍ୟୁଷ ଖାକା କୌଣସି ମତେ ଲାଇନ ଝଟକା ମାରିବାରୁ ଗାଡ଼ି ଭିତରୁ ଡେଇ ନିଜର ଜୀବନ ବଞ୍ଚାଇ ଥିଲେ।ପରେ କେସିଙ୍ଗା ଦମକଳ କେନ୍ଦ୍ର କୁ ଖବର ଦେବା ପରେ ଦମକଳ ବାହୀନି ରୁ ପ୍ରାୟ ସାତ ଜଣିଆ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ପ୍ରାୟ ଏକ ଘଣ୍ଟା ପରେ ନିଆ କୁ ଆୟତ୍ତ କରିଥିଲେ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

**ଖୋର୍ଦ୍ଧା, ୨।୧୦ (ସଂଚାର ବ୍ୟୁରୋ) :** ସ୍ଥାନୀୟ ବି.ଜେ.ବି ଉଚ୍ଚ ବିଦ୍ୟାଳୟସ୍ଥିତ ଅଡିଟୋରିଅମ ରେ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଚଂଚଳ ରାଣା, ମୁଖ୍ୟବକ୍ତା ପ୍ରଫେସର ଡଃ ନାରାୟଣ ରାଓ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ସତ୍ୟ ଓ ଅହିଂସା ପଥରେ ଚାଲିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଏବଂ ଗାନ୍ଧୀଜୀଙ୍କ ଆଦର୍ଶ ଜୀବନୀ ଉପରେ କିଛି ପ୍ରଶ୍ନ ପଚାରି ପିଲାମାନଙ୍କୁ ପୁରସ୍କୃତ କରିଥିଲେ ।

ବୈଠକ ପ୍ରାରମ୍ଭରେ ସର୍ବ ଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭଗବତ ଗୀତା ପି. ଏନ. କଲେଜ ଅଧ୍ୟାପକ ସୁଶାନ୍ତ ମିଶ୍ର, ମାନୁଏଲ କରାଡୋ ବାଇବେଲ ଓ ମୌଲବୀ ଫତିବୁଦ୍ଧାନ ଖାଁ କୋରାନ ପାଠ କରିଥିଲେ । ଓଡିଆ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, ଡିବେଟ୍‌ରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ କପ ଏବଂ ମାନପତ୍ର ଦେଇ ଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ଗାନ୍ଧୀଙ୍କ ବିଚାର ଓ ଦର୍ଶନ କୁ ନେଇ ଏକ ଆଲୋଚନା କରାଯାଇଥିଲା। ଏଥିରେ ପ୍ରଫେସର ରାଓ, ଉମାଶଙ୍କର ପ୍ରସାଦ, ପ୍ରାକ୍ତନ ଅଧ୍ୟାପକ ଗୋପାଳ କୃଷ୍ଣ ଦାସ, ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ପ୍ରାତଃ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯାଳୟ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ ପ୍ରଚାର କରାଯାଇଥିଲା । ପୂର୍ବାହ୍ନରେ ମହାତ୍ମା ଗାନ୍ଧୀଙ୍କ ସଚେତନତା ବାଣୀକୁ ନେଇ ଏକ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରି ବିଜେବି ଉଚ୍ଚ ବିଦ୍ୟାଳୟ ଠାରେ ଶେଷ ହୋଇଥିଲା । ତେବେ ପଦଯାତ୍ରା ସମୟରେ ବ୍ୟାଙ୍କଛକ ନିକଟରେ ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ତଥା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପଦଯାତ୍ରା ରେ ଜିଲ୍ଲାପାଳ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ଏନ. ସି. ସି., ସ୍କାଉଟ ଓ ଗାଇଡ ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ ।







## ନିଶା ସଚେତନତା ପାଇଁ ଗାନ୍ଧୀ ଘାଟରେ ମାନବ ଶୃଙ୍ଖଳ

**କଟକ, ୨।୧୦ (ସଂଚାର ବ୍ୟୁରୋ) :** ଉତ୍କଳ ସର୍ବୋଦୟ ମଣ୍ଡଳ ଓ ଓଡ଼ିଶା ନିଶା ନିବାରଣ ଅଭିଯାନ ମିଳିତ ଆନୁକୂଲ୍ୟରେ ନିଶାର ଅପକାରିତା ସମ୍ବନ୍ଧରେ ତଳ ତେଲେଙ୍ଗା ବଜାର ସ୍ଥିତ ଗାନ୍ଧୀ ମୂର୍ତ୍ତୀ ନିକଟରେ ଏକ ମାନବ ଶୃଙ୍ଖଳ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଡାକ୍ତର ରବି ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିଶାର ଅପକାରିତା ବିଷୟରେ ସଚେତନତା କରାଯାଇଥିଲା।

ପ୍ରକାଶ ଥାଉକି ନିଶା ଏକ ରାକ୍ଷସ, ଏହା ଘର, ପରିବାର ଓ ସମାଜକୁ ସମ୍ପୂର୍ଣ୍ଣ ନଷ୍ଟ କରୁଛି। ଯେତେ ସବୁ ଚୋରୀ, ଡ଼କାୟତି, ଦୁର୍ଘଟଣା ଓ ହତ୍ୟା ହେଉଛି ସବୁ ମୂଳରେ ନିଶା ଏକ ପ୍ରମୁଖ କାରଣ। ସେଥିପାଇଁ ନିଶାକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ପ୍ଲାକାର୍ଡ଼ ଓ ବ୍ୟାନର ଧରି ନିଶା ବିରୋଧରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳର ସମ୍ପାଦିକା ଇନ୍ଦୁମତୀ ସାହୁ, ମାଳତୀ ପାତ୍ର, ରେଣୁକା ସାହୁ, ଉତ୍କଳ ସର୍ବୋଦୟ ମଣ୍ଡଳର ଉପ-ସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି, କର୍ପୋରେଟର ବନଲତା ପ୍ରଧାନ, ଗାୟତ୍ରୀ ଜେନା, ଗୀତାଞ୍ଜଳୀ ଦାସ, ଜହ୍ନବୀ ମହାପାତ୍ର, କବିତା ବେହେରା, ମିନାକ୍ଷୀ ପ୍ରଧାନ, ପ୍ରଭାତ ପାତ୍ର, ନିରୁପମା ମଙ୍ଗରାଜ, କାବେରୀ ଗୋଚ୍ଛାୟତ, ପ୍ରସନ୍ନ ବେହେରା, ଅରୁନ୍ଧତୀ ନାୟକ, ବନିତା ମହାପାତ୍ର ପ୍ରଭୃତି କାର୍ଯ୍ୟକ୍ରମରେ ସାମିଲ ଥିଲେ।

### ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସରେ ନାଗରିକଙ୍କୁ ଅଣଦେଖା ଅଭିଯୋଗ

## ଜିଲ୍ଲାପାଳଙ୍କ ଉପରେ ବର୍ଷିଲେ ବରିଷ୍ଠ ନାଗରିକ ସଙ୍ଘ

**ସୁବର୍ଣ୍ଣପୁର, ୨।୧୦ (ସଂଚାର ବ୍ୟୁରୋ) :** ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଥିବା ବେଳେ ବରିଷ୍ଠ ନାଗରିକମାନଙ୍କୁ ଅପବ୍ୟବହାର ତଥା ଅଣଦେଖା ଅଭିଯୋଗ କରି ଆଜି ପ୍ରଶାସନ ଉପରେ ସାମ୍ବାଦିକ ସମ୍ମିଳନୀରେ ଖୁବ୍ ବର୍ଷିଛନ୍ତି।

ସୁବର୍ଣ୍ଣପୁର ଏକ ଐତିହ୍ୟ, ସଂସ୍କୃତି ଉଚ୍ଚ ବ୍ୟବହାର ସମ୍ପନ୍ନ ଜିଲ୍ଲା ହୋଇଥିବା ବେଳେ ଲୋକଙ୍କ ଆଚାର ବ୍ୟବହାରରେ ଜିଲ୍ଲାକୁ ଆସୁଥିବା ଅମଲାତନ୍ତ୍ର ଓ ଦେଶ ବିଦେଶର ପର୍ଯ୍ୟଟକମାନେ ବିମୁଗ୍ଧ ହୋଇଯାଆନ୍ତି। କିନ୍ତୁ ସେଇ ଅମଲାତନ୍ତ୍ର ଜିଲ୍ଲା ପ୍ରଶାସନ ଗତକାଲିର ବରିଷ୍ଠ ନାଗରିକ ଦିବସରେ ବରିଷ୍ଠ ନାଗରିକଙ୍କୁ ଯେଉଁ ଭଳି ଭାବେ ଅଣଦେଖା କରି ଅପବାଦ ଦେଇଛି ତାହା ନିନ୍ଦନୀୟ ଓ ଲଜ୍ଜା ଜନକ ବୋଲି ଶ୍ରୀ ଗୋପାଳଜୀ ଯୋଗାଳୟ ଠାରେ ଆୟୋଜିତ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ଖୁଲାସା କରିଛି। ସମୟ ଠାରୁ ଦୁଇ ଘଣ୍ଟା ଅପେକ୍ଷା କରାଇ ଜିଲ୍ଲାପାଳ ବରିଷ୍ଠ ନାଗରିକଙ୍କ ସଭା ଆରମ୍ଭ କରିବା, ମାତ୍ର ୬ ମିନିଟରେ ସଭା ସାରିବା, ସାତ ଲାଇନ୍ ଲେଖା ସମ୍ବର୍ଦ୍ଧନା ପତ୍ରରେ ପାଞ୍ଚଟି ଭୁଲ୍ ଥିବା ଓ କୌଣସି ସମ୍ବର୍ଦ୍ଧନା ପତ୍ରରେ କାହାରି ଦସ୍ତଖତ ନ ଥିବା ଏହା ଘୋର ଅନ୍ୟାୟ ବୋଲି କହିଛି ସଙ୍ଘ। ପ୍ରତ୍ୟେକ କ୍ଷେତ୍ରରେ ସେବାରେ ଅବହେଳାର ଶିକାର ହେଉଥିବା ବରିଷ୍ଠ ନାଗରିକ ଏବଂ ଉପସ୍ଥିତ କର୍ମକର୍ତ୍ତା ଦୀର୍ଘ ଦିନରୁ ଜମି ରହିଥିବା ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯେଉଁ ପ୍ରଶାସନକୁ ବିଗତ ଦିନରେ ହକି ବିଶ୍ୱ କପ, ରାହାଗିରି, ଜିଲ୍ଲା ଉତ୍ସବ ପାଳନ କରିବା ବେଳେ ସମସ୍ତ ପ୍ରକାର ସହଯୋଗ ଦେଇ ଆସିଛି ଆମେ ତାଙ୍କ ଠୁଁ ଏଭଳି ବ୍ୟବହାର କେବେ ଆଶା କରି ନ ଥିଲୁ ବୋଲି ସଂଘ ସଭାପତି ଡ଼ଃ ଜ୍ୟୋତି ରଂଜନ ବହିଦାର ପ୍ରକାଶ କରିଛନ୍ତି। ଯେଉଁ ପ୍ରଶାସନ ବରିଷ୍ଠ ନାଗରିକ ଦିବସରେ ବରିଷ୍ଠ ନାଗରିକଙ୍କୁ ସମୟ ଟିକେ ଦେଇ ପାରେନି ସେ ଜିଲ୍ଲାର ବିକାଶ କେତେ ଆଗେଇଥିବ ତାହା ଏଥିରୁ ଜଣାପଡେ ବୋଲି ବରିଷ୍ଠ ନାଗରିକ ପ୍ରଦୀପ ପୁରୋହିତ ମତ ରଖିଥିଲେ। ବର୍ତ୍ତମାନ ଓଡ଼ିଆ ଅସ୍ମିତା ଓ ମର୍ଯ୍ୟାଦା କଥା କହୁଥିବା ମୁଖ୍ୟମନ୍ତ୍ରୀ ଏଭଳି ବିଭ୍ରାଟ କରୁଥିବା, ସୁ-ଶାସନ ଦେବାରେ ଫେଲ୍ ମାରିଥିବା ଜିଲ୍ଲାପାଳଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିଛନ୍ତି। ବରିଷ୍ଠ ନାଗରିକଙ୍କ ହକ ପାଇଁ, ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ବରିଷ୍ଠ ନାଗରିକ ସଂଘ ଲଢେଇ କରିବା ଦରକାର୍ ହେଲେ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ବରିଷ୍ଠ ନାଗରିକ ତଥା ସାମ୍ବାଦିକ ଗୋରେଖ୍ ନାଥ ସାହୁ ପ୍ରକାଶ କରିଛନ୍ତି। ଆଜିର ଏହି ସମ୍ମିଳନୀରେ ସଂଘର ସଂପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ବରିଷ୍ଠ ନାଗରିକ ସନ୍ତୋଷ ପାଢ଼ୀ, ମୃତ୍ୟୁଞ୍ଜୟ ଦାଶ, ଲୋକେଶ ପଧାନ ପ୍ରମୁଖ ସାମିଲ୍ ଥିଲେ।





## ଗାନ୍ଧୀଜୟନ୍ତୀ ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ବୋରିଗୁମ୍ମା, ୨।୧୦ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଚାଲାଣ ଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଭାରତ ଅଭିଯାନର ୧୦ ବର୍ଷ ପୂର୍ତ୍ତି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଧାଶ୍ୟାମ ସାହୁଙ୍କ ଅଧ୍ୟକ୍ଷତାରେ ସମାଜସେବୀ ତଥା ବିଦ୍ୟାଳୟର ପୁରାତନ ଛାତ୍ର ଫୋରିୟାଦ ଖାଁଙ୍କ ସହଯୋଗରେ ବିଦ୍ୟାଳୟର,ଇକୋକ୍ଲବର ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀ ସ୍ୱଚ୍ଛତା ପାଇଁ ଆଜି ଘଣ୍ଟାଏ ସାମୂହିକ ଶ୍ରମଦାନ କରି ସ୍ଥାନୀୟ ନୀଳକଣ୍ଠେଶ୍ୱର ଶିବମନ୍ଦିର ପରିସର ସଫା ସୁତରା କରିବା ସହ ଚତୁଃପାର୍ଶ୍ୱରେ ଥିବା ଅଳିଆ ଆବର୍ଜନା ଝାଡୁମାରୀ ସଫା କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ମଧ୍ୟ ସ୍ୱଚ୍ଛତା ଦିବସ ପାଳନ ଅବସରରେ ବିଦ୍ୟାଳୟ ପରିସର, ଗ୍ରାମର ସାହି ବସ୍ତିରେ ସାମୂହିକ ସଫେଇ କାର୍ଯ୍ୟକ୍ରମରେ ଶ୍ରମଦାନ କରିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ଅଞ୍ଚଳବାସୀଙ୍କୁ ସ୍ୱଚ୍ଛତା ଦିବସ ବିଷୟରେ ସଚେତନତା କରାଇଥିଲେ। ପ୍ରଧାନଶିକ୍ଷକଙ୍କ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଚାଲାଣ ଗୁଡା ଗ୍ରାମବାସୀ ଭୁୟସୀ ପ୍ରଶଂସା କରିଛନ୍ତି।

### 'ବ୍ଲାକସ୍ପଟ' ଚିହ୍ନିତ ସ୍ଥାନ ପ୍ରତି ପ୍ରଶାସନର ନିଘା ନାହିଁ

## ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି ନୀରିହ ଲୋକ

**ବୈଶିଙ୍ଗା, ୨।୧୦ (ସଂଚାର ବ୍ୟୁରୋ) :** ୨୨ଟି ପଞ୍ଚାୟତକୁ ନେଇ ବୈଶିଙ୍ଗା ଥାନା ଅଞ୍ଚଳ ଗଠିତ ହୋଇଥିବା ବେଳେ ୧୮ ନଂ ଜାତୀୟ ରାଜପଥର କଳମା ଠାରୁ ଛୁରୁଣୀ ପର୍ଯ୍ୟନ୍ତ ୧୮ କିଲୋମିଟର ଦୂରତା ମଧ୍ୟରେ ଦୁର୍ଘଟଣା ପ୍ରବଣ ଅଞ୍ଚଳ ମଧ୍ୟରେ କେତୋଟି 'ବ୍ଲାକ ସ୍ପଟ' ଚିହ୍ନିତ ହୋଇଛି । ସେଥି ମଧ୍ୟରୁ ଗଡେଦେଉଳିଆ ନିକଟସ୍ଥ ରଘୁନାଥ ପୁର ଛକ, ରଙ୍ଗାମାଟିଆ ଛକ, ଜରକା ଛକ ଏବଂ ଆଗ୍ରିଆ ବାଇପାସ ଛକ ଭଳି ଚାରୋଟି ବ୍ଲାକ ସ୍ପଟ ଚିହ୍ନିତ କରାଯାଇଛି । ଏହି ସ୍ଥାନ ଗୁଡିକରେ ଦୁର୍ଘଟଣା ଏଡାଇବା ପାଇଁ କୌଣସି ସୂଚନାର ସଚେତନତା ବ୍ୟବସ୍ଥା କରାଯାଇ ନଥିବାର ଦେଖାଯାଇଛି ।

ବିଶେଷ କରି ରଙ୍ଗାମାଟିଆ ଛକ ବାଇପାସ ନିକଟରେ ଡିଭାଇଡରର ଗୋଟିଏ ପାର୍ଶ୍ୱରୁ ଅନ୍ୟ ଏକ ପାର୍ଶ୍ୱକୁ ଯିବା ପାଇଁ ତଳିଆ ହୋଇଥିବା ବେଳେ ଗଣ୍ଡର୍ଦ୍ଧା, କସିପଦା, ବାଲକା, ରଙ୍ଗା ମାଟିଆ ଅଞ୍ଚଳ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ୧୮ ନଂ ଜାତୀୟ ରାଜପଥକୁ ଏହି ଠାରେ ସଂଯୋଗ କରୁଅଛି। ଏହି ଛକ ନିକଟରେ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଅନୁଷ୍ଠିତ ଥିବାରୁ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ବୈଶିଙ୍ଗା ବଜାରକୁ ଆସୁଥିବା ଲୋକ ମାନଙ୍କର ଯାତାୟାତ ହୋଇଥାଏ। ସେହି ଭଳି ବୈଶିଙ୍ଗା ଥାନା ଠାରୁ ୧ କି.ମି. ଦୂର ଜରକା ବାଇପାସ ଛକ ଜୁଗପୁରା-ମେରଦା ଅଞ୍ଚଳକୁ ଯିବା ଆସିବା ପାଇଁ ମୁଖ୍ୟ ରାସ୍ତା ହୋଇଥିବାରୁ ବହୁବାର ଦୁର୍ଘଟଣା ହେଉଥିବାର ଦେଖାଯାଉଛି । ଏହାବାଦ୍ ଆଗ୍ରିଆ ବାଇପାସ ଛକରୁ ବିଶ୍ରାମପୁର, ନଡପୁର, ଶିଳପୁରିଆ, ପାଟଳିପୁରା ଆଦି ଅଞ୍ଚଳକୁ ଆରଡି ରାସ୍ତା ସଂଯୋଗ କରୁଥିବାରୁ ଆଗ୍ରିଆ ଛକ ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଥିବାର ଦେଖାଯାଉଛି ।




ଏହି ତିନୋଟି ସ୍ଥାନକୁ ପ୍ରଶାସନ, ପୁଲିସ ବିଭାଗ ଏବଂ ରାଜପଥ ବିଭାଗ ବ୍ଲାକ ସ୍ପଟ ଭାବେ ଚିହ୍ନଟ କରିଥିଲେ ମଧ୍ୟ ପ୍ରତିକାରର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଦୁର୍ଘଟଣାକୁ ଏଡାଇବା ପାଇଁ ରାଜପଥରେ ବିଭିନ୍ନ ସ୍ଥାନରେ ଲୁହାବାଡର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଏହି ବ୍ଲାକ ସ୍ପଟ ଗୁଡିକରେ ସେଭଳି କିଛି ପ୍ରତିରୋଧ ବ୍ୟବସ୍ଥା କରାଗଲେ ହୁଏତ ଦୁର୍ଘଟଣା ରୋକାଯାଇ ପାରନ୍ତା ।

## ଯାଜପୁରରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

**ଯାଜପୁର, ୨।୧୦ (ସଂଚାର ବ୍ୟୁରୋ) :** ଆଜି ଯାଜପୁର ଜିଲ୍ଲା ସଦର ମହକୁମାସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଅଛି। ସକାଳ ୮ ଘଟିକା ୩୦ ମିନିଟ ସମୟରେ ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ଗାନ୍ଧୀ ଛକ ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ଜିଲ୍ଲା ସ୍କୁଲ, ଯାଜପୁର ପରିସରରେ ଥିବା ମହାତ୍ମା ଗାନ୍ଧୀ, ଲାଲ ବାହାଦୁର ଶାସ୍ତ୍ରୀ ଏବଂ ସଂସ୍କୃତି ଭବନ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ପରେ ପରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉତ୍ସବ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶୁଭେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପ ଗୁଚ୍ଛ ଅର୍ପଣ କରିଥିଲେ। ପରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା।

ଏହି ଜୟନ୍ତୀ ଉତ୍ସବରେ ବିଶିଷ୍ଟ ଗାନ୍ଧୀବାଦୀ ଗବେଷକ ମିହିର ପ୍ରତାପ ଦାସ ଗାନ୍ଧୀଙ୍କର ୧୫୫ ତମ ଓ ଶାସ୍ତ୍ରୀଙ୍କର ୧୨୧ ତମ ଜନ୍ମ ଜୟନ୍ତୀ ଅବସରରେ ଗାନ୍ଧୀଙ୍କ ଜିବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜାତିର ପିତା ମହାତ୍ମାଗାନ୍ଧୀ ସତ୍ୟ ଓ ଅହିଂସାର ପ୍ରତୀକ ଥିଲେ। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଯୋଗଦାନ ଭାରତୀୟ ମୁକ୍ତିସଂଗ୍ରାମକୁ ଏକ ନୂତନ ମୋଡ଼ ଦେଇ ତାଙ୍କୁ ବିଶ୍ୱବାସୀଙ୍କ ନିକଟରେ ମହାମାନବର ମାନ୍ୟତା ଦେଇଥିଲେ। ଶାନ୍ତିଦୂତ ଲାଲ ବାହାଦୁର ଶାସ୍ତ୍ରୀ ଜଣେ ନିଆରା ଜନନାୟକ ଭାବେ ସାରା ବିଶ୍ୱରେ ସୁପରିଚିତ। ଏହି ଦୁଇ ଯୋଗଜନ୍ମା ବରପୁତ୍ର ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ମାନବଜାତିର ଉନ୍ନତି ପାଇଁ ଜୀବନକୁ ଉତ୍ସର୍ଗ କରିଯାଇଛନ୍ତି। ସେମାନଙ୍କ ତ୍ୟାଗ, ତିତିକ୍ଷା ଓ ବଳିଦାନର ପଟାନ୍ତର ନାହିଁ। ଭାରତୀୟ ମୁକ୍ତି ସଂଗ୍ରାମରେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ, ୧୯୩୦ ରେ ଲବଣ ସତ୍ୟାଗ୍ରହ ଓ ୧୯୪୨ ରେ ଭାରତ ଛାଡ଼ ଆନ୍ଦୋଳନର ଫଳ ସ୍ୱରୂପ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଭାରତବର୍ଷ ପରାଧିନତାର ଶୃଙ୍ଖଳାରୁ ମୁକ୍ତ ହେଲା।

ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାନ୍ଧୀ ଦର୍ଶନ ଆଜି ସାରା ପୃଥିବୀରେ ଆଦୃତ ହୋଇଛି। ତାଙ୍କ ମତରେ ସବୁ ସମସ୍ୟାର ସମାଧାନର ଚାବିକାଠି ସତ୍ୟ ଓ ଅହିଂସା ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାତଃ କାଳରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ସକାଳ ଘ. ୬.୩୦ ମି. ସମୟରେ ଜିଲ୍ଲା ସ୍କୁଲର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବାପୁଜୀଙ୍କ ବାଣୀ ସମ୍ବଳିତ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲା ସ୍କୁଲ ପରିସରରୁ ବାହାରି ଗାନ୍ଧୀ ଛକ ଦେଇ ସଂସ୍କୃତି ଭବନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହାପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

